ଆମରି ଅସ୍ମିତାର କଥା

ଆସ ଆମେ ଓଡ଼ିଶାକୁ ଚିହ୍ନି ଭଲ ପାଇବା...

ଆମ ଓଡ଼ିଶା

# ଆମ ଓଡ଼ିଶା

https://aamaodisha.org.in

Volume : 1 • Issue: 5 • ବର୍ଷ-୧ • ସଂଖ୍ୟା-୫ • ୨୨-୨୮ ଅଗଷ୍ଟ ୨୦୨୫, ଭୁବନେଶ୍ୱର • 22-28 August 2025, Bhubaneswar ₹ 10





ଜ୍ୟୋତିର୍ବାସ୍ତୁ: କେତେ ଫଳଦାୟୀ ?

ପୃଷ୍ଠା ୨



କେବେ ଅସୁଲ ହେବ ତଫାତ ରାଶି ?

ପୃଷ୍ଠା ୩



ରାଜ୍ୟରେ କଂଗ୍ରେସର ପୁନରୁତ୍ଥାନ

ପୃଷ୍ଠା ୫



ଓଡ଼ିଶାରେ ଶଶିକଳା ପ୍ରକରଣ !

ପୃଷ୍ଠା ୮



ଏକ ବିରଳ ବ୍ୟତିକ୍ରମ

ପୃଷ୍ଠା ୧୩




# ଧରାଳି ଏବେ ଧ୍ୱଂସସ୍ତୁପ

**ଉତ୍ତରାଖଣ୍ଡର ହରସିଲ ଓ ଧରାଳିରେ ବାଦଲଫଟା ବର୍ଷା ଜନିତ ବିପର୍ଯ୍ୟୟକୁ ଇତିମଧ୍ୟରେ ୧୫ ଦିନ ହେଲାଣି। କିନ୍ତୁ ଏବେ ମଧ୍ୟ ସବୁ ନିଖୋଜଙ୍କ ପତ୍ତା ମିଳୁନି। ବର୍ଷା ଥମୁନି କି ଗମନାଗମନର ସ୍ଥିତି ସୁଧୁରୁନାହିଁ। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଅବଶ୍ୟ ହରସିଲ ଓ ଧରାଳିକୁ ସଂଯୋଗ କରୁଥିବା ପୋଲଟିକୁ ସେନାବାହିନୀ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରିଦେବା ପରେ ପରିସ୍ଥିତରେ କିଛିଟା ସୁଧାର ଆସିଛି ; ହେଲେ ବିପଦ ସମ୍ପୂର୍ଣ୍ଣ ଟଳିନାହିଁ। ବର୍ଷା ଲାଗିରହି ଥିବାରୁ ଗଙ୍ଗୋତ୍ରୀ, ଭାଗିରଥି, କ୍ଷୀରଗଙ୍ଗା ଭଳି ନଈନାଳରେ ଯେ କୌଣସି ସମୟରେ ବନ୍ୟା ଆସି ହରସିଲ ଓ ଧରାଳିରେ ପୁଣି ଧ୍ୱଂସଲୀଳା ରଚିବାର ଆଶଙ୍କା ଏବେ ବି ଲାଗି ରହିଛି। ହରସିଲ ଓ ଧରାଳି ଗ୍ରାଉଣ୍ଡ ଜିରୋରୁ "ଆମ ଓଡ଼ିଶା"ର ସ୍ୱତନ୍ତ୍ର ରିପୋର୍ଟ।**

ମୃତ୍ୟୁର କିଛି ସମୟ ପୂର୍ବରୁ ମୋ ପୁଅ ମୋତେ ଫୋନ କରି ପଚାରିଲା ; "ତମେ ସବୁ ଠିକ ଅଛ ?"' ମୁଁ କହିଲି '"ହଁ" । ସେ କହିଲା ; "ଏଠି ଚାରିଆଡୁ କଳା ବାଦଲ ଘୋଟି ଆସିଲାଣି। ମୋତେ ଭାରି ଡର ଲାଗୁଛି।" କିଛି ସମୟ ପରେ କହିଲା ; "ବାପା, ବର୍ଷା ଓ ଘଡ଼ଘଡ଼ି ଗର୍ଜିଲାଣି। ବାପା ପାହାଡ଼ ଧସେଇ ପାଣି ମାଡ଼ି ଆସୁଛି। ମୁଁ ଆଉ ବଞ୍ଚିବିନି।" ଏହାପରେ ଫୋନ ଲାଇନ ବିଚ୍ଛିନ୍ନ ହୋଇଗଲା। ଆଜି ସକାଳୁ ତାର ମୃତ ଦେହ ଉଦ୍ଧାର ହେଲା ଏବଂ ଆମେ ଫୋନ ପାଇ ଏଠାକୁ ଆସି ତାର ମୃତଦେହକୁ ଚିହ୍ନଟ କଲୁ" । ହରସିଲରେ ସୃଷ୍ଟି ହୋଇଥିବା କୃତ୍ରିମ ହ୍ରଦ ନିକଟରେ ନିଜ ଜୁଆନ ପୁଅ ବୀରେନ୍ଦ୍ରର ଶବ ପାଖରେ ବାହୁନି ବାହୁନି କାନ୍ଦିବା ଭିତରେ ଏହାଥିଲା ନେପାଳର ବିଜୟ ସିଂଙ୍କର କୋହଭରା ବକ୍ତବ୍ୟ । ପୁଅର ଶବ ନିକଟରେ ଭୋ ଭୋ କାନ୍ଦି ବିଜୟଙ୍କ ପତ୍ନୀ କାଳୀ ଦେବୀ କହିଲେ ; "ବାହାଘର ବେଦୀ ବନ୍ଧା ହେବାକୁ ଥିଲା ; କିନ୍ତୁ କୋକେଇ ବନ୍ଧା ହୋଇଗଲା"।

ଧରାଳି ହରସିଲ ଅଞ୍ଚଳରେ ହୋଇଥିବା ବିପର୍ଯ୍ୟୟ ପରେ ଏଭଳି କାଳୀ ଦେବୀ ଓ ବିଜୟଙ୍କ ଭଳି ଅନେକ ଚରିତ୍ରଙ୍କର କରୁଣ ଚିତ୍କାର ଏକ ଶୋକାକୂଳ ପରିସ୍ଥିତି ସୃଷ୍ଟି କରିଛି ।

ଅଗଷ୍ଟ ୫ ତାରିଖ ଦିନ ଉପର ମୁଣ୍ଡରେ ଭୟଙ୍କର ବାଦଲଫଟା ବର୍ଷା ପରେ ହିମାଳୟର ବରଫ ଆଚ୍ଛାଦିତ ପାହାଡ଼ରୁ ପ୍ରବଳ ବେଗରେ ମାଡ଼ି ଆସୁଥିବା ପାଣି, ବାଲି, ମାଟି, କାଦୁଅ, ପଙ୍କ ଓ ପଥରର ଭୀତିଉଦ୍ରେକକାରୀ ସ୍ରୋତ ନିମିଷକ ମଧ୍ୟରେ ଧରାଳି ହରସିଲ ଉପତ୍ୟକାର ପବିତ୍ର ପାହାଡ଼ ଗଙ୍ଗୋତ୍ରୀ, ଭାଗିରଥି, ଓ କ୍ଷୀରଗଙ୍ଗା ପ୍ରଭୃତି ଅଞ୍ଚଳକୁ ଏକ ଧ୍ୱଂସସ୍ତୁପରେ ପରିଣତ କରିଦେଲା । ସମୁଦ୍ରପତ୍ତନଠାରୁ ୨୭୪୫ ମିଟର ଉଚ୍ଚତାରେ ଅବସ୍ଥିତ ଏହି ସ୍ଥାନ ସମୂହରେ ପ୍ରକୃତିର ଏହି ତାଣ୍ଡବଲୀଳା ମାତ୍ର କିଛି ମିନିଟ୍ ମଧ୍ୟରେ ସମୁଦାୟ ଜନବସତିକୁ ଧୋଇ ନେଇଗଲା । ଚାହୁଁ ଚାହୁଁ ହିମାଳୟର ପାଦଦେଶରେ ଅବସ୍ଥିତ ଏହି ମନୋରମ ପର୍ଯ୍ୟଟନସ୍ଥଳୀ ଏକ ଧ୍ୱଂସସ୍ତୁପ ପାଲଟିଗଲା । ଧରାଳି ଓ ହରସିଲ ଅଞ୍ଚଳରେ କ୍ଷୀରଗଙ୍ଗା, ତେଲ ଗଙ୍ଗା ଓ ଭେଲା ନଦୀର ବନ୍ୟା ସାଙ୍ଗକୁ ଭୂସ୍ଖଳନରେ ମାଡ଼ି ଆସିଥିବା ଆବର୍ଜନା ସ୍ଥାନୀୟ ଅଞ୍ଚଳରେ ଯେଉଁ ପ୍ରଳୟ ରଚିଲା ତାର କରାଳ ଚିତ୍ର ଘଟଣାର ୧୫ ଦିନ ପରେ ମଧ୍ୟ ଲୋକଙ୍କ ମନରୁ ଲିଭିନାହିଁ। ରିପୋର୍ଟ ଲେଖା ହେଲାବେଳକୁ ୭ ଜଣଙ୍କ ମୃତ୍ୟୁ ହେବା ସହିତ ଓ ଶତାଧିକ ନିଖୋଜ ରହିଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମ ସୂତ୍ରରୁ ଜଣା ପଡ଼ିଛି । ଅବଶ୍ୟ ସରକାରୀ ଭାବେ ଏହି ସଂଖ୍ୟା ଯଥାକ୍ରମେ ୬ ଓ ୬୮ ବୋଲି କୁହାଯାଇଛି। ପ୍ରାଥମିକ ଆକଳନରୁ ଜଣା ପଡ଼ିଛି ଯେ ପାହାଡ଼ ଧସାଇ ହୋଇଥିବା ଭୂସ୍ଖଳନରେ ପ୍ରାୟ ୩୬୦ ନିୟୁତ କ୍ୟୁବିକ ମିଟରର ବାଲି-ମାଟି-ପଥର ଆବର୍ଜନା ସ୍ଥାନୀୟ ଅଞ୍ଚଳରେ ମାଡ଼ି ଯାଇଥିଲା। ୨୦୧୩ ମସିହାରେ ଏହିଭଳି ଏକ ବିପର୍ଯ୍ୟୟ ପରେ କେଦାରନାଥରେ ପ୍ରାୟ ୬,୦୦୦ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଉତ୍ତରାଖଣ୍ଡ ଲୋକଙ୍କ ମନରୁ ଲିଭି ନ ଥିଲାବେଳେ ଉତ୍ତରକାଶୀର ବିପର୍ଯ୍ୟ ଏହି ଲୋମହର୍ଷଣକାରୀ ସ୍ମୃତିକୁ ପୁଣି ଥରେ ତାଜା କରି ଦେଇଛି ।

ଗଙ୍ଗୋତ୍ରୀର ବ୍ୟବସାୟୀମାନେ ଏହିଁ ବିପର୍ଯ୍ୟୟରେ ମାତ୍ର ୧୫ ଦିନରେ ପ୍ରାୟ ୭୦ କୋଟି ପାଖାପାଖି କ୍ଷତି ସହିଲେଣି ବୋଲି ଡବରାନି ଅଞ୍ଚଳର ବ୍ୟବସାୟୀ ସଂଘ ସଭାପତି ସୋମେଶ ସିଂ ସେମୱାଲ କୁହନ୍ତି।

▶ ଅବଶିଷ୍ଟ ପୃଷ୍ଠା ୪

# ଜ୍ୟୋତିର୍ବାସ୍ତୁ: କେତେ ଫଳଦାୟୀ ?



ଜ୍ୟୋତିର୍ବିଦ୍ ବିଭୂତାନନ୍ଦ ଶତପଥୀ

ଜ୍ୟୋତିଷ ବେଦ ଚକ୍ଷୁସଃ - ଏ ଶାସ୍ତ୍ରୋକ୍ତି ଜ୍ୟୋତିଷର ମହାନତାକୁ ପ୍ରତିପାଦନ କରେ। ଜ୍ୟୋତିର୍ବିଦ୍ୟାର ଦୁଇଟି ଅଙ୍ଗ- ଜ୍ୟୋତିର୍ବିଜ୍ଞାନ (Astronomy), ଯାହା ଗଣିତ ଜ୍ୟୋତିଷକୁ ଏବଂ ଜ୍ୟୋତିଷ ଶାସ୍ତ୍ର (Astrology) ଯାହା ଫଳିତ ଜ୍ୟୋତିଷକୁ ସୂଚାଏ। ସଂକ୍ଷେପରେ ଜ୍ୟୋତିଷ ଶାସ୍ତ୍ର କହିଲେ ଆମେ ବ୍ୟକ୍ତିର ଜାତକ (Horoscope) ଜନ୍ମକୁଣ୍ଡଳୀ ଓ ତା'କୁ ନେଇ ବ୍ୟକ୍ତିର ଜୀବନର ଉଦ୍ଦେଶ୍ୟ, ଗତି ଏବଂ ସାର୍ଥକତା ବିଷୟରେ ବୁଝୁ। ବ୍ୟକ୍ତିର ଜନ୍ମ ସମୟରେ ମହାକାଶରେ ଗ୍ରହମାନଙ୍କର ସ୍ଥିତିର ସାଂଖିକ ଛବି (Digital Image)କୁ ଜାତକ ଅବା ଜନ୍ମକୁଣ୍ଡଳୀ କୁହାଯାଏ। ଏହାର ଆଧାରରେ ଜ୍ୟୋତିର୍ବିଦ୍ ଜାତକର ଜୀବନ ବିଷୟରେ ଆଲୋକପାତ କରନ୍ତି। ତେଣୁ, ଏହା ଏକ ଦେବବିଦ୍ୟା ହିସାବରେ ଗଣାଯାଏ। ଜ୍ୟୋତିଷ ଶାସ୍ତ୍ରରେ ଅତି କମରେ ପାଞ୍ଚ ଲକ୍ଷ ସୂତ୍ର ଅଛି, ଯାହାକୁ ମନେ ରଖିବା ଏବଂ ତା'ର ପ୍ରୟୋଗ ନିଶ୍ଚିତ ଭାବେ ଅସମ୍ଭବ ମନେହୁଏ। ତେଣୁ, ଜ୍ୟୋତିର୍ବିଦ୍‌ର ସ୍ୱତଃସ୍ଫୁର୍ତ୍ତ (intuitive) ଭାବନା ଏଥିରେ ବହୁତ ବଡ଼ ଭୂମିକା ଗ୍ରହଣ କରେ। ସମୟକ୍ରମେ, ପ୍ରଫେସର କ୍ରିଷ୍ଣାମୂର୍ତ୍ତିଙ୍କ ଭଳି ଯୋଗଜନ୍ମା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜ୍ୟୋତିର୍ବିଦ୍ୟାର ଦୁର୍ବଳତାକୁ ବୁଝି ଏବଂ ଏ ବିଦ୍ୟାକୁ ଅତି ସରଳ ଓ ସହଜ ଭାବରେ ଉପସ୍ଥାପନ କରନ୍ତି ଏବଂ ଏଥିରେ ସଫଳ ହୁଅନ୍ତି ମଧ୍ୟ। ଲାଲ୍‌କିତାବ ଭଳି ଏକ ଉପାଦେୟ ଗ୍ରନ୍ଥ ମଧ୍ୟ ଏ ସମୟରେ ଲୋକଲୋଚନକୁ ଆସେ ଯାହାର ଉତ୍ପତ୍ତି ତ୍ରେତୟା ଯୁଗର ରାମାୟଣ ସମୟରେ ହୋଇଥାଇପାରେ ବୋଲି ଅନେକଙ୍କ ମତ ରହିଛି। ମହାନ୍ ବିଦ୍ୱାନ ରାବଣ ଏହାର ସ୍ରଷ୍ଟା। ଏ ଲାଲ୍‌କିତାବରେ କୌଣସି ଗ୍ରହ ଖରାପ ନୁହନ୍ତି ବୋଲି ବ୍ୟାଖ୍ୟା ଅଛି। ଆମର କର୍ମ ଗ୍ରହକୁ ଖରାପ ଅବା ଭଲ ଫଳ ଦେଇଥାଏ। ଅନେକଙ୍କ ପାଇଁ ଏହା ଗ୍ରହଣୀୟ ହୋଇ ନ ପାରେ। କିନ୍ତୁ, ଆମର କ୍ରିୟମାନ କର୍ମ ଦ୍ୱାରା ଆମେ ଗ୍ରହର ଫଳକୁ ବଦଳାଇ ପାରିବା। ଉଦାହରଣସ୍ୱରୂପ, ଶୁକ୍ର ମହାଦଶା ସମୟରେ ବ୍ୟକ୍ତି ଭିତରେ ଆଳସ୍ୟଭାବ ଆସେ, ସେ ଜୀବନକୁ ଉପଭୋଗ କରିବା ପାଇଁ ଇଚ୍ଛୁକ ହୋଇପଡ଼େ, ପାର୍ଥିବ ଜଗତର ସବୁ ଲାଳସାକୁ ଚରିତାର୍ଥ କରିବା ପାଇଁ ପ୍ରୟାସ କରେ। ବ୍ୟକ୍ତି ଯେତେବେଳେ ଏଭଳି କର୍ମ କରେ ତା'ର ଶୁକ୍ର ମହାଦଶା ତା'କୁ ଅତି ଖରାପ ଫଳ ଦିଏ। କିନ୍ତୁ ବ୍ୟକ୍ତି ଯଦି ନିୟମାନୁବର୍ତ୍ତିତା ସହ କର୍ମଠ ହୁଏ, ଶୃଙ୍ଖଳିତ ହୁଏ ତେବେ ଶୁକ୍ର ମହାଗ୍ରହ ଅଶେଷ ଭଲଫଳ ପ୍ରଦାନ କରନ୍ତି। ଏଥିରୁ ଜଣାପଡ଼େ ମଣିଷର କ୍ରିୟମାନ କର୍ମ ତା'ର ଭାଗ୍ୟ ବଦଳାଇ ପାରିବ। କିନ୍ତୁ, ଆଜିର ଫଟାଫଟ ଯୁଗରେ ଜ୍ୟୋତିଷର ମଧ୍ୟ ପରିଭାଷା ବଦଳି ଗଲାଣି। ତୁରନ୍ତ ଫଳଦାନ ନାମରେ କିଛି ଜ୍ୟୋତିଷ ଯେପରି କେବଳ ରାଶି ଓ ନକ୍ଷତ୍ରକୁ ନେଇ ଭବିଷ୍ୟତବାଣୀ କରୁଛନ୍ତି ତାହା ଜ୍ୟୋତିଷ ବିଦ୍ୟାର ସାରସ୍ୱତ ଦିଗ ପ୍ରତି କୁଠାରଘାତ। ଏହା ପଛରେ ତୁରନ୍ତ ଅର୍ଥ ସଂଗ୍ରହ କରିବାର ଲାଳସା ରହିଛି। ବ୍ୟକ୍ତିକୁ ଶନି, ରାହୁ ଗ୍ରହଙ୍କ ନାମରେ ଯଥା ଶନି ସାଢ଼େସାତି, ଶନି ସପ୍ତାହ ଆଦି କହି ତା'ବଦଳରେ ଗ୍ରହ ରତ୍ନ ଧାରଣ କରିବାକୁ ଉପଦେଶ ଦେବା ମୁଖ୍ୟ ଉଦ୍ଦେଶ୍ୟ ହୋଇଅଛି। ସତେ ଯେପରି ଗ୍ରହରତ୍ନ ଓ ଜ୍ୟୋତିଷ ଦୁହେଁ ଦୁହିଁଙ୍କର ଅନୁପୂରକ ଓ ପରିପୂରକ। ତା'ର ଅର୍ଥ ଗରିବ ଲୋକଟିର ନିଜ ଭାଗ୍ୟ ବଦଳାଇବା ପାଇଁ ସୁଯୋଗ ନାହିଁ। ଏହା ନିଶ୍ଚିତ ଭାବରେ ଗ୍ରହଣୀୟ ନୁହେଁ ଓ ଦେବ ବିଦ୍ୟା ପ୍ରତି ଅପମାନ। ବିଶ୍ୱନିୟନ୍ତାଙ୍କ ଆଖିରେ ସମସ୍ତେ ସମାନ। କର୍ମ, କର୍ମାଶୟକୁ ବୁଝୁଥିବା ବ୍ୟକ୍ତି ନିଶ୍ଚିତ ଅନୁଭବ କରିବେ ଯେ ପ୍ରାରବ୍ଧ, ସଞ୍ଚିତ ସହ କ୍ରିୟମାନ କର୍ମର ମଧ୍ୟ ବିଶେଷ ଗୁରୁତ୍ୱ ଅଛି। ବର୍ତ୍ତମାନର କର୍ମ (କ୍ରିୟମାନ) ଆମର ଭବିଷ୍ୟତକୁ ମଧ୍ୟ ବଦଳାଇ ଦେଇପାରେ ଯଦିଓ ସଂପୂର୍ଣ୍ଣ ରୂପେ ନୁହେଁ। ତେଣୁ ଆଜିର ପ୍ରଚଳିତ ଧାରା ଅନୁସାରେ Horoscope is more of horror than of scope କିନ୍ତୁ, ଗୁଣିଜ୍ଞାନୀ ଜ୍ୟୋତିର୍ବିଦ୍‌ମାନଙ୍କ ପାଇଁ Horoscope is more of scope than of horror। ଜ୍ୟୋତିଷର ମୂଳ ଲକ୍ଷ୍ୟ ବ୍ୟକ୍ତିକୁ ତା'ର ଜୀବନର ଗତି, ଉଦ୍ଦେଶ୍ୟ ଏବଂ ସଫଳତା ବିଷୟରେ ସୂଚିତ କରିବା। ତଦ୍ୱାରା, ସେ ତା'ଜୀବନକୁ ପରିମାର୍ଜିତ କରି ସଫଳତା ଦିଗରେ ଅଗ୍ରସର ହେବ। ବାସ୍ତୁ ଶାସ୍ତ୍ର କହିଲେ, ଏକ ବହୁ ପୁରାତନ ଶିଳ୍ପକଳାକୁ ବୁଝାଏ, ଯାହା ଦ୍ୱାରା ଆମେ ମନୁଷ୍ୟର ପୂର୍ଣ୍ଣବିକାଶ ପାଇଁ ଏକ ବାସପଯୋଗୀ ନିର୍ମିତ ବାତାବରଣ ଅନ୍ୱେଷଣ କରୁ। ବାସ୍ତୁ ଶାସ୍ତ୍ର ଏହି ନିର୍ମିତ ବାତାବରଣ (ଗୃହ)ର ଉଦ୍ଦେଶ୍ୟକୁ ବୁଝାଏ ଏବଂ ତା'ର ଚରିତାର୍ଥ ପାଇଁ ଯୋଜନା ଓ ରଚନାର ବିସ୍ତୃତ ବିବରଣୀ ଦିଏ। ତେଣୁ, ବାସ୍ତୁ କହିଲେ ନିର୍ମିତ ବାତାବରଣ ଅବା ଗୃହର ମଣିଷ ଜୀବନରେ ପ୍ରଭାବକୁ ବୁଝାଏ। ବାସ୍ତୁ ଅର୍ଥ ବାସପଯୋଗୀ ଏବଂ ଶାସ୍ତ୍ର ଅର୍ଥ ଶିକ୍ଷା। ଆଜିର ସମୟରେ ବାସ୍ତୁର ଲକ୍ଷ୍ୟ ଗୃହର ରଚନା ଅବା ସେଥିରେ ସୁଧାର ଆଣି ଏକ ସୁସ୍ଥ ଜୀବନ ଗଠନ କରିବା। ଉଦାହରଣସ୍ୱରୂପ, ଜଣେ ବ୍ୟକ୍ତି ଯଦି ପୂର୍ବ- ଦକ୍ଷିଣ-ପୂର୍ବ ଦିଗରେ ଶୟନ କରେ ସେ ଚିନ୍ତାଗ୍ରସ୍ତ ଓ ଉତ୍ତେଜିତ ରହେ। ପୁନଃ ବ୍ୟକ୍ତି ଯଦି ପଶ୍ଚିମ- ଉତ୍ତର- ପଶ୍ଚିମଦିଗରେ ଶୟନ କରେ ସେ ଅବସାଦ ଗ୍ରସ୍ତ ହୁଏ ଏବଂ ବ୍ୟକ୍ତି ଯଦି ଉତ୍ତର-ପୂର୍ବ ଦିଗରେ ଶୟନ କରେ ସେ ସର୍ବଦା ଘର ପ୍ରତି ଅତ୍ୟଧିକ ମୋହଗ୍ରସ୍ତ ହୋଇପଡ଼େ।

ବାସ୍ତୁଶାସ୍ତ୍ରର ଉତ୍ପତ୍ତି ବହୁ ପୁରାତନ ଓ ବହୁ ଶାସ୍ତ୍ରୀୟ ଗ୍ରନ୍ଥରେ ଏହାର ବିସ୍ତୃତ ବର୍ଣ୍ଣନା ଅଛି। ସେ ମଧ୍ୟରୁ ବିଶ୍ୱକର୍ମା ପ୍ରକାଶ, ସମରଣ ଗଣ (ସ୍ମରଣ ଗଣ) ସୁତ୍ରଧର, ମାୟାମତମ୍ ଇତ୍ୟାଦି। ଏଥିରେ ବର୍ଣ୍ଣନା ଅଛି କିଭଳି ଗୃହ ନିର୍ମାଣ କଲେ ଆମେ ପ୍ରକୃତିଠାରୁ ବିଶେଷ ସାହାଯ୍ୟ ପାଇପାରିବା ଏକ ସଫଳ ଜୀବନଯାପନ ପାଇଁ। ବାସ୍ତୁଶାସ୍ତ୍ର ଆମ ଗୃହରେ ଏଭଳି ସମାନତା ଆଣେ ଯାହା ଫଳରେ ଆମେ ଜୀବନରେ ସୁସ୍ଥ, ନିରୋଗ, ଆର୍ଥିକ ସ୍ଥିରତା, ସମ୍ମାନ ଓ ସଫଳତା ଅନୁଭବ କରୁ। ବାସ୍ତୁ ଆମକୁ ନିମ୍ନଲିଖିତ ଦିଗରେ ସଫଳତା ପ୍ରଦାନ କରେ।

୧- ସୁସ୍ୱାସ୍ଥ୍ୟ ଏବଂ ଆରୋଗ୍ୟତା, ୨- ସନ୍ତୋଷ ଏବଂ ଆନନ୍ଦ, ୩- ଶକ୍ତି ଏବଂ ଉନ୍ନତି, ୪- ସ୍ପଷ୍ଟ ଚିନ୍ତାଧାରା ଏବଂ ଚିନ୍ତନ, ୫- ଅର୍ଥାଗମ, ୬- ପ୍ରଶଂସା ଓ ପ୍ରସିଦ୍ଧି, ୭- ନୂତନ ସୁଯୋଗ, ୮- ଅର୍ଥ ଓ ଶକ୍ତିର ଅପଚୟର ମୂଳୋତ୍ପାଟନ, ୯- ବିଦ୍ୟାର୍ଜନରେ କ୍ଷୀପ୍ରତା, ୧୦- ଉତ୍ତେଜିତ ମନ ଓ ବ୍ୟବହାରକୁ ନିୟନ୍ତ୍ରିତ କରିବା, ୧୧- ପରିବାରରେ ସୁଖ ଶାନ୍ତି ଓ ଆତ୍ମୀୟତା ବୃଦ୍ଧି କରିବା, ୧୨- ବ୍ୟବସାୟ ତଥା ଉତ୍ପାଦନ ବୃଦ୍ଧି, ୧୩- ବ୍ୟବସାୟରେ ଅଧିକ ବିକ୍ରି, ୧୪- ଆର୍ଥିକ ଉନ୍ନତି ଏବଂ ସହଯୋଗ, ୧୫- ଉତ୍ପାଦିତ ସାମଗ୍ରୀର ଗୁଣବତ୍ତା, ୧୬- ଜୀବନରେ ସଫଳତା ପ୍ରାପ୍ତି। ଏଥିରୁ ବାସ୍ତୁର ଉପାଦେୟତା ସହଜରେ ଅନୁମେୟ। ଏଠାରେ ପ୍ରଣିଧାନଯୋଗ୍ୟ ଯେ, ବାସ୍ତୁ ପାଇଁ ଆୟତ କ୍ଷେତ୍ର ଥିବା ଭୂମି ସର୍ବୋତ୍ତମ। ତତ୍‌ପରେ ବର୍ଗକ୍ଷେତ୍ର। ଗୋମୁଖୀ ଭୂମି (ଯାହାର ସମ୍ମୁଖ ଭାଗ ଅଣଓସାରିଆ ଏବଂ ପଛଭାଗରେ ଓସାରିଆ ଥାଏ) ତାହା ବାସ ଉପଯୋଗୀ ଉତ୍ତମ ଭୂମି ଅଟେ। ବ୍ୟାଘ୍ରମୁଖୀ (ଯାହା ଆରମ୍ଭରୁ ଓସାରିଆ ଓ ପଶ୍ଚାତଭାଗରେ ଅଣ ଓସାରିଆ) ତାହା ଶିଳ୍ପାଭିମୁଖୀ ଭୂମି ଅଟେ। ବାସ୍ତୁର ଅନ୍ୟ ଏକ ପ୍ରମୁଖ ଦିଗ ମୃତ୍ତିକା ପରୀକ୍ଷା। ବିଶ୍ୱକର୍ମା ପ୍ରକାଶରେ ଉଲ୍ଲେଖ ଅଛି ଆମେ ଜମିରେ ଏକ ହାତ ଲମ୍ବା, ଏକ ହାତ ଚଉଡ଼ା ଓ ଏକ ହାତ ଗଭୀର ଏକ ଗର୍ତ୍ତ କରିବା ଏବଂ ପୁନଃ ସେଇ ଗର୍ତ୍ତକୁ ଖୋଳା ଯାଇଥିବା ମାଟିରେ ପୋତିବା। ଭରିଲା ପରେ ଯଦି କିଛି ମାଟି ବଳକା ରୁହେ ତେବେ ସେ ଭୂମି ଅତି ପବିତ୍ର ବୋଲି ବିଚାର କରିବା। ଯଦି ମାଟି ଭର୍ତ୍ତି କଲାପରେ ଗର୍ତ୍ତ ଭର୍ତ୍ତି ନ ହୁଏ ଓ ଅଧିକ ମାଟି ଦରକାର ହୁଏ ତେବେ, ସେ ଜମି ଗୃହ ଉପଯୋଗୀ ନୁହେଁ ବୋଲି ଜାଣିବା। ପୁନଃ ମାଟି ବଦଳରେ ଯଦି ପାଣି ଭର୍ତ୍ତି କରାଯାଏ ଏବଂ କିଛି କ୍ଷଣ ପରେ ପାଣିର ସ୍ତର ଖସିଯାଏ (ଯେପରିକି ମରୁଭୂମି ଓ ବାଲୁକା ସ୍ଥାନରେ) ତେବେ, ସେ ସ୍ଥାନ ଗୃହ ଉପଯୋଗୀ ନୁହେଁ। ପୁରାତନ ସମୟରେ ନଦୀ ତଟରେ ସହର ସ୍ଥାପନା ପାଇଁ ମୃତ୍ତିକାର ଉର୍ବରତା ଏହି ଉପାୟରେ ପରୀକ୍ଷା କରାଯାଉଥିଲା କିନ୍ତୁ ବର୍ତ୍ତମାନ ସମୟରେ ଏ ପରୀକ୍ଷାର ଉପାଦେୟତା ନାହିଁ। କାରଣ, ନୂତନ ବୈଜ୍ଞାନିକ ଜ୍ଞାନ କୌଶଳ ବଳରେ ଉପସାଗରୀୟ ଅଞ୍ଚଳରେ ବହୁ ସଭ୍ୟତା ଗଢ଼ି ଉଠିଛି ଓ ସଫଳତାର ଶୀର୍ଷ ଛୁଇଁଛି। ଠିକ୍ ସେହିପରି ମୃତ୍ତିକା ପରୀକ୍ଷଣର ଉଦ୍ଦେଶ୍ୟ ଥିଲା ମୃତ୍ତିକାରେ,ପଞ୍ଚଭୂତର ପରିଚୟ। କେଉଁ ପ୍ରକାର କର୍ମ ସେହି ଭୂମିରେ ସଫଳ ହେବ ତାହାର ସୂଚନା ସେହି ମୃତ୍ତିକାରେ ଥିବା ପଞ୍ଚଭୂତର କେଉଁ ଉପାଦାନ ଅବା ଉପାଦାନର ମିଶ୍ରଣ ଅଧିକ ରହିଛି ସେଥିରୁ ମିଳେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗୃହର ପ୍ରବେଶ ଦ୍ୱାର ଏବଂ ବ୍ରହ୍ମ ସ୍ଥାନ ସବୁଠୁ ବଡ଼ ଭୂମିକା ଗ୍ରହଣ କରେ ବାସ୍ତୁ ଉପଯୋଗୀ ଗୃହ ପାଇଁ। ବ୍ରହ୍ମସ୍ଥାନ ଖୋଲା ଏବଂ ଭାରହୀନ ହେବା ଦରକାର। କାରଣ, ବ୍ରହ୍ମସ୍ଥାନ ବ୍ରହ୍ମ ଅବା ବ୍ରହ୍ମା ଶବ୍ଦରୁ ଆସିଅଛି ଯାହା, ସୃଷ୍ଟିକୁ ଦର୍ଶାଏ। ଶାସ୍ତ୍ରରେ "ଏକୋହଂ ବହୁ ସ୍ୟାମ ପ୍ରଜାୟେୟ"- ମୁଁ ଏକ କିନ୍ତୁ ବହୁ ରୂପେ ପ୍ରକାଶିତ ହୁଏ। ଏଥିରୁ ବ୍ରହ୍ମସ୍ଥାନର ଗୁରୁତ୍ୱ ଅନୁମେୟ। ବ୍ରହ୍ମ ସ୍ଥାନ ଦୂଷିତ ହେଲେ ଶାସ୍ତ୍ରରେ ମାଣିକ୍ୟର ପ୍ରୟୋଗ ଉଲ୍ଲେଖ ଅଛି। ଠିକ୍ ସେଭଳି ପୋଖରାଜର ପ୍ରୟୋଗ ମଧ୍ୟ ବର୍ଣ୍ଣିତ ଅଛି। ପୋଖରାଜ ପୃଥିବୀ ତତ୍ତ୍ୱକୁ ବୁଝାଏ। ଅନ୍ୟ କୌଣସି ଧାତୁରତ୍ନର ପ୍ରୟୋଗ ଶାସ୍ତ୍ରରେ ନାହିଁ। ପ୍ରବେଶ ଦ୍ୱାର ଏଭଳି ଏକ ଗୃହର ଅଙ୍ଗ ଯାହା ବ୍ରହ୍ମାଣ୍ଡର ଉର୍ଜା ସହ ଗୃହର ଉର୍ଜାର ସମନ୍ୱୟ ରକ୍ଷା କରେ। ଗୃହର ମୁଖ୍ୟ ଦ୍ୱାରର ଏକ ସ୍ୱତନ୍ତ୍ର ପ୍ରଭାବ ଗୃହ ଉପରେ ରହେ। ଏହି ପ୍ରବେଶ ଦ୍ୱାର ଠିକ୍ ଉର୍ଜା କ୍ଷେତ୍ରରେ ରହିଲେ ଗୃହର ବାସ୍ତୁ ୬୦% ଠିକ୍ ହୋଇଯାଏ କହିଲେ ଭୁଲ୍ ହେବନାହିଁ। ଗୃହକୁ ପ୍ରଥମେ ୧୬ ଦିଗରେ ବିଭକ୍ତ କରାଯାଏ। ପାରମ୍ପାରିକ ବାସ୍ତୁରେ ୯ ଭାଗରେ ବିଭକ୍ତ କରାଯାଏ। ପୁନଶ୍ଚ ୧୬ ଦିଗକୁ ୩୨ଟି ଉର୍ଜା କ୍ଷେତ୍ରରେ ବିଭକ୍ତ କରାଯାଏ। ପ୍ରତି ଦିଗ ୮ଟି ସମାନ ଉର୍ଜା କ୍ଷେତ୍ରରେ ବିଭକ୍ତ ହୁଏ। ଫଳତଃ ୪ ଦିଗ (ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ) ୩୨ଟି ଉର୍ଜା କ୍ଷେତ୍ରରେ ବିଭକ୍ତ ହୁଅନ୍ତି। ପ୍ରତି ଦିଗର ତୃତୀୟ ଓ ଚତୁର୍ଥ ଉର୍ଜା କ୍ଷେତ୍ର ଗୃହକର୍ତ୍ତାଙ୍କୁ ସଫଳତାର ସ୍ପର୍ଶ ଦିଏ। ଯଦିଓ ଅଧିକାଂଶ ପାରମ୍ପରିକ ବାସ୍ତୁବିତ୍‌ଙ୍କ ଭାଷାରେ ଦକ୍ଷିଣ ଓ ପଶ୍ଚିମଦିଗ ବାସ୍ତୁ ଦୃଷ୍ଟିରୁ ଭଲ ନୁହେଁ। ତଥାପି ଯଦି ଘରର ମୁଖ୍ୟ ଦ୍ୱାର ଦକ୍ଷିଣ ଦିଗର ତୃତୀୟ ଅବା ଚତୁର୍ଥ କିମ୍ବା ପଶ୍ଚିମ ଦିଗର ତୃତୀୟ ଏବଂ ଚତୁର୍ଥ ଦିଗରେ ରୁହନ୍ତି ତେବେ ଗୃହକର୍ତ୍ତାଙ୍କ ସଫଳତା ଶୀର୍ଷ ଛୁଇଁବ ଏଥିରେ ସନ୍ଦେହ ନାହିଁ। ତା'ର ଅର୍ଥ ନୁହେଁ, ବାସ୍ତୁ ଦିଗରୁ ଗୃହଟି ସଂପୂର୍ଣ୍ଣ ଠିକ୍। ତେଣୁ ପୂର୍ବ ଦିଗ (ତୃତୀୟ, ଚତୁର୍ଥ କ୍ଷେତ୍ର), ପଶ୍ଚିମ ଦିଗ (ତୃତୀୟ, ଚତୁର୍ଥ କ୍ଷେତ୍ର), ଉତ୍ତର ଦିଗ (ତୃତୀୟ, ଚତୁର୍ଥ କ୍ଷେତ୍ର), ଦକ୍ଷିଣ ଦିଗ (ତୃତୀୟ, ଚତୁର୍ଥ କ୍ଷେତ୍ର) ଗୃହକର୍ତ୍ତାଙ୍କୁ ସଫଳତା ଅବଶ୍ୟ ପ୍ରଦାନ କରିବେ। ତେଣୁ, ଘରର ମୁଖ୍ୟ ଦ୍ୱାର ପାଇଁ ସ୍ଥାନ ଠିକ୍ କଲାବେଳେ ଏହାକୁ ଧ୍ୟାନ ଦେବା ନିତାନ୍ତ ଜରୁରୀ। ଯେଉଁ ଘରେ ମୁଖ୍ୟ ଦ୍ୱାର ତୃତୀୟ, ଚତୁର୍ଥ କ୍ଷେତ୍ରରେ ନାହିଁ ତା'ର ମଧ୍ୟ ସରଳ ପ୍ରତିକାର ବାସ୍ତୁରେ ଉଲ୍ଲେଖ ଅଛି। ତେଣୁ, ଏ କ୍ଷେତ୍ରରେ ଗୃହକୁ କୌଣସି ପ୍ରକାରେ ନ ଭାଙ୍ଗି ଆଭାସୀ ପ୍ରଣାଳୀ (Virtual Mode)ରେ ତା'ର ସଂଶୋଧନ କରାଯାଏ ଏବଂ ବ୍ୟକ୍ତିକୁ ଏଥିରେ ସଂପୂର୍ଣ୍ଣ ସୁଫଳ ମିଳିଥାଏ। ଏଠାରେ ସୂଚାଇ ଦିଆଯାଇପାରେ ଯେ ପାରମ୍ପାରିକ ବାସ୍ତୁରେ ପୂର୍ବ ଓ ଉତ୍ତର ଦିଗକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ପଶ୍ଚିମ ଓ ଦକ୍ଷିଣର ଗୁରୁତ୍ୱ ସେପରି ନାହିଁ। ଏଭଳି ଧାରଣା ସୃଷ୍ଟି ହେବା ପଛରେ କାରଣ ଏହିକି ଯେ, ପୂର୍ବ ଓ ଉତ୍ତର ଦିଗର ଉର୍ଜାକୁ ଶକ୍ତି ଉତ୍ସ (Source Energy) କୁହାଯାଏ, ଯାହା ବ୍ରହ୍ମାଣ୍ଡର ଜୀବ ସତ୍ତା ପାଇଁ ନିହାତି ଅପରିହାର୍ଯ୍ୟ। ପଶ୍ଚିମ ଓ ଦକ୍ଷିଣ ଦିଗର ଉର୍ଜାକୁ ଉର୍ଜା ହ୍ରାସ (Sink Energy) କୁହାଯାଏ। ଯାହା ଗୃହର ସକାରାତ୍ମକ ଉର୍ଜାକୁ ବିଲୋପ କରେ। ତେଣୁ ପଶ୍ଚିମ ଓ ଦକ୍ଷିଣମୁଖା ଘରକୁ ପାରମ୍ପରିକ ବାସ୍ତୁରେ ବାରଣ କରାଯାଇଛି। (କ୍ରମଶଃ...)




ଫୋନ୍:୯୩୩୮୦୧୭୧୩୪



ଦେବାଳିଆ ଶିଳ୍ପ ସଂସ୍ଥାରେ ଥିବା ସରକାରୀ ଜମିର ହସ୍ତାନ୍ତର

# କେବେ ଅସୁଲ ହେବ ତଫାତ ରାଶି ?

ଆମ ଓଡ଼ିଶା ବ୍ୟୁରୋ

ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ୍ ଜମି ମଣିପାଲ୍ ହସ୍ପିଟାଲ୍ ଗ୍ରୁପ୍‌କୁ ହସ୍ତାନ୍ତର ହେବା ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହସ୍ତକ୍ଷେପ ଓ ସର୍ବୋପରି 'ବାବୁ ରାଜ୍'କୁ ଆକଟ କରି ସେ ଗ୍ରହଣ କରିଥିବା ରାଜ୍ୟ ସ୍ୱାର୍ଥ ସମ୍ବଳିତ ଆଭିମୁଖ୍ୟ ପ୍ରଶଂସା ସାଉଁଟିଛି। ତେବେ ଏହି ପଦକ୍ଷେପ ମାତ୍ର ୫ ଏକର ଜମିରୁ ୬୪ କୋଟି ଟଙ୍କାର ତଫାତ ରାଶି (ଜମି ହସ୍ତାନ୍ତର ବେଳେ ପ୍ରଚଳିତ ବଜାର ମୂଲ୍ୟ ଓ ଏବର ବେଞ୍ଚ ମାର୍କ ମୂଲ୍ୟ ମଧ୍ୟରେ ଥିବା ଆର୍ଥିକ ପାର୍ଥକ୍ୟ) ଅସୁଲ କରିବାରେ ସୀମିତ ରହିବ ନା ବିଗତ ବର୍ଷଗୁଡ଼ିକରେ ବିକ୍ରି କିମ୍ବା ଅଧିଗ୍ରହୀତ ହୋଇଥିବା ରାଜ୍ୟର ଅନେକ ଶିଳ୍ପ ସଂସ୍ଥାଙ୍କ କ୍ଷେତ୍ରରେ ତାହା ପ୍ରୟୋଗ ହେବ, ତାହାକୁ କେନ୍ଦ୍ର କରି ବିଭିନ୍ନ ମହଲରେ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ତାହା ହେଲା- ସରକାର ଯଦି ଉପରୋକ୍ତ ନିୟମକୁ ପ୍ରୟୋଗ କରନ୍ତି, ତେବେ ଶିଳ୍ପ ସଂସ୍ଥାଙ୍କ ଦ୍ୱାରା ହସ୍ତାନ୍ତରିତ ସରକାରୀ ଜମି ବାବଦରେ ରାଜକୋଷକୁ ବିପୁଳ ଭୂ-ରାଜସ୍ୱ ଆସିବା ସମ୍ଭାବନା ଅଛି। ଅନ୍ୟ ପକ୍ଷରେ ଦେବାଳିଆ ଶିଳ୍ପଗୁଡ଼ିକୁ କିଣି ସରକାରୀ ଜମି ଅକ୍ତିଆର କରିଥିବା ଶିଳ୍ପପତିମାନଙ୍କୁ ଏହି ପଦକ୍ଷେପ ଅସୁଖୀ କରିବ। ସମ୍ଭାବ୍ୟ ପରିସ୍ଥିତିରେ ସରକାର ରାଜ୍ୟ ସ୍ୱାର୍ଥକୁ ଅଗ୍ରାଧିକାର ଦେବେ ନା ଶିଳ୍ପ ସଂସ୍ଥାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବେ, ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ରାଜଧାନୀରେ ଅନ୍ତର୍ଜାତୀୟ ସ୍ତରର ସୁପର୍ ସ୍ପେଶାଲିଟି ହସ୍ପିଟାଲ୍ ଖୋଲିବା ପ୍ରସ୍ତାବ ଦେଇ ପଶ୍ଚିମବଂଗର ଆମ୍ରି ହସ୍ପିଟାଲ୍ ଗ୍ରୁପ୍ ୨୦୦୯ରେ ରିହାତି ଦରରେ ଖଣ୍ଡଗିରି ଅଞ୍ଚଳରେ ୫ ଏକର ସରକାରୀ ଜମି ହାତେଇଥିଲା। ପ୍ରାୟ ୧୦ ବର୍ଷ ଧରି ଏଠାରେ ଆମ୍ରି ହସ୍ପିଟାଲ୍ ଚାଲିବା ପରେ ୨୦୨୩ ସେପ୍ଟେମ୍ବରରେ ମଣିପାଲ୍ ଏଡୁକେଶନ୍ ଆଣ୍ଡ ମେଡିକାଲ୍ ଗ୍ରୁପ୍ (ଏମ୍ଇଏମ୍ଜି) ୨୩୦୦ କୋଟି ଟଙ୍କାରେ ଆମ୍ରି ହସ୍ପିଟାଲ୍ ଗ୍ରୁପ୍‌କୁ ଅଧିଗ୍ରହଣ କଲେ। ଏହି ପ୍ରକ୍ରିୟାରେ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ୍‌ର ନୂଆ ମାଲିକ ହେଲା ମଣିପାଲ୍ ଗ୍ରୁପ୍। ତେବେ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ୍ ନାମରେ ଥିବା ଜମିକୁ ନୂଆ ମାଲିକଙ୍କ ନାମରେ ରେକର୍ଡ କରିବାକୁ ମଣିପାଲ୍ ଗ୍ରୁପ୍ ୨୦୨୪ ଆରମ୍ଭରେ ଆବେଦନ କରିଥିଲା। ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ ଆରମ୍ଭ ହେଲା ଫାଇଲ୍ ଚାଷ। ସରକାରୀ ଜମି ବ୍ୟାପାର ସହ ସମ୍ପୃକ୍ତ ବିଭିନ୍ନ ବିଭାଗ ପକ୍ଷରୁ ଦିଆଯାଇଥିବା ୭୨ଟି ମତାମତରେ ଜମିର ତଫାତ ରାଶି ଅସୁଲଯୋଗ୍ୟ ବୋଲି ଦର୍ଶାଯାଇଥିଲା। ଶେଷରେ ମୁଖ୍ୟ ସଚିବ ଏହି ଫାଇଲ୍‌ରେ କ୍ରମାଙ୍କ ୭୩ରେ ତାଙ୍କ ମତାମତ ଦେଇ ତଫାତ ରାଶି ଅସୁଲ ଯୁକ୍ତିଯୁକ୍ତ ନୁହେଁ ବୋଲି ଉଲ୍ଲେଖ କରିଥିଲେ। ଏ ସଂକ୍ରାନ୍ତରେ ସେ ଆଡ୍‌ଭୋକେଟ୍ ଜେନେରାଲ୍ (ଏଜି)ଙ୍କ କାର୍ଯ୍ୟାଳୟର ମତାମତ ଲୋଡ଼ିଥିବା ଦର୍ଶାଇଥିଲେ। ମାତ୍ର ବିଡ଼ମ୍ବନା ହେଲା, ସରକାର ବଦଳିବା ପରେ ପୂର୍ବ ସରକାରଙ୍କ ଦ୍ୱାରା ନିଯୁକ୍ତ ଏଜି ୨୦୨୪ ଜୁନ୍ ୬ରେ ନିଜ ପଦରୁ ସ୍ୱେଚ୍ଛାକୃତ ଇସ୍ତଫା ଦେବାର ପ୍ରାୟ ଦେଢ଼ ମାସ ପରେ ନୂଆ ଏଜି ଭାବେ ବରିଷ୍ଠ ଆଡ୍‌ଭୋକେଟ୍ ପୀତାମ୍ବର ଆଚାର୍ଯ୍ୟ ଜୁଲାଇ ୨୩ରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେଣୁ କେଉଁ ଏଜିଙ୍କ ସହ ମୁଖ୍ୟ ସଚିବ ପରାମର୍ଶ କରିଥିଲେ, ତାହା ବିବାଦ ସୃଷ୍ଟି କରିଥିଲା। ସେ ଯାହାହେଉନା କାହିଁକି ମୁଖ୍ୟ ସଚିବଙ୍କ ଉପରୋକ୍ତ ସୁପାରିଶକୁ ମୁଖ୍ୟମନ୍ତ୍ରୀ ଅଗ୍ରାହ୍ୟ କରିବା ସହ ତଫାତ ରାଶି ଅସୁଲଯୋଗ୍ୟ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ଲିଜ୍ କିମ୍ବା ସର୍ତ୍ତଭିତ୍ତିକ ରିହାତି ଦରରେ ସରକାର ଦେଇଥିବା ଜମିକୁ ଦଖଲକାରୀଙ୍କ ନାମରେ ରେକର୍ଡ଼ (ଫ୍ରି-ହୋଲ୍ଡ) କରିବା ଲାଗି ବଳବତ୍ତର ଥିବା ନିୟମ ଅନୁଯାୟୀ ଆବେଦନକାରୀ ତଫାତ ରାଶି ଭରଣା କରିବାକୁ ବାଧ୍ୟ। ଏହି ତଫାତ ରାଶି ଅତ୍ୟଧିକ ଆର୍ଥିକ ବୋଝ ପାଲଟିଥିବାରୁ ଗତ ୬୦ ଦଶକରୁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଲିଜ୍ ପ୍ଲଟ୍ ପାଇ ଘର କରିଥିବା ହଜାର ହଜାର ଲିଜ୍‌ଧାରୀ ସେମାନଙ୍କ ପ୍ଲଟ୍/ଘରକୁ ଫ୍ରି-ହୋଲ୍ଡ କରିପାରୁ ନାହାନ୍ତି। ଏହାର ସିଧାସଳଖ ହିସାବ ହେଲା- ସେତେବେଳେ ରାଜଧାନୀରେ ଜମି ମୂଲ୍ୟ ଏକର ପିଛା ୧୦ ହଜାରରୁ ୧୫ ହଜାର ଟଙ୍କା ମଧ୍ୟରେ ସୀମିତ ଥିଲା। ସେହି ହିସାବରେ ସେତେବେଳେ ୨୫୦ ଡେସିମିଲ୍‌ର ବାସୋପଯୋଗୀ ପ୍ଲଟ୍ ଲିଜ୍‌ରେ ନେଇଥିବା ହିତାଧିକାରୀଙ୍କୁ ଅତି ବେଶିରେ ୩୭୫୦ ଟଙ୍କା ଦେବାକୁ ପଡୁଥିଲା। ଇତିମଧ୍ୟରେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଜମିର ବେଞ୍ଚ ମାର୍କ ମୂଲ୍ୟ ଏକର ପିଛା ହାରାହାରି ୧୫ କୋଟି ଟଙ୍କା ଟପିଛି। ତେଣୁ ୨୫ ଡେସିମିଲ୍‌ର ଲିଜ୍ ପ୍ଲଟ୍ ପାଇଥିବା ଲିଜ୍‌ଧାରୀ ତାହାକୁ ଫ୍ରି-ହୋଲ୍ଡ କରିବାକୁ ଚାହିଁଲେ ତାଙ୍କୁ ତଫାତ ମୂଲ୍ୟ ବାବଦରେ ୩ କୋଟି ୭୪ ଲକ୍ଷ ୯୬ ହଜାର ୨୫୦ ଟଙ୍କା ଦେବାକୁ ପଡ଼ିବ। ଏଭଳି ବିରାଟ ଆର୍ଥିକ ବୋଝରୁ ନିସ୍ତାର ପାଇବା ଲାଗି ବାସୋପଯୋଗୀ ପ୍ଲଟ୍‌ର ଲିଜ୍‌ଧାରୀମାନେ ବର୍ଷ ବର୍ଷ ଧରି ଗୁହାରି କରିବା ପରେ ସରକାର ନିକଟରେ ଫ୍ରି-ହୋଲ୍ଡ ନିୟମକୁ ସାମାନ୍ୟ କୋହଳ କରିଛନ୍ତି। ଏହା ସତ୍ତ୍ୱେ ତଫାତ ରାଶିର ବିପୁଳ ବୋଝ ଭରଣା କରିବା ସେମାନଙ୍କ ସାଧ୍ୟ ବାହାରେ। ତେବେ ଶିଳ୍ପ ସ୍ଥାପନ ଉଦ୍ଦେଶ୍ୟରେ ସରକାର ଲିଜ୍ କିମ୍ବା ରିହାତି ସର୍ତ୍ତରେ ଯୋଗାଇଥିବା ଜମିକୁ ଫ୍ରି-ହୋଲ୍ଡ କିମ୍ବା ତାହାର ସ୍ୱତ୍ୱ ପରିବର୍ତ୍ତନ ସକାଶେ ପ୍ରଣିତ ନୀତି-ନିୟମ ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି। ତେଣୁ ଏଠାରେ ପ୍ରଶ୍ନ ଉଠେ-ବିଗତ କିଛି ବର୍ଷ ମଧ୍ୟରେ ରାଜ୍ୟର ଅନେକ ଶିଳ୍ପ ସଂସ୍ଥାଙ୍କ ଜମି ଅନ୍ୟ ମାଲିକାନାକୁ ହସ୍ତାନ୍ତର ହୋଇଥିଲେ ମଧ୍ୟ ଜମିର ତଫାତ ମୂଲ୍ୟ ଓ ଆନୁସଂଗିକ ଭୂ-ରାଜସ୍ୱ ବାବଦରେ ରାଜକୋଷକୁ ଟଙ୍କାଟିଏ ନ ଆସିବାର କାରଣ କ'ଣ ?

ନୂଆ ଶତାବ୍ଦୀ ଆରମ୍ଭରେ ଅନ୍ତର୍ଜାତୀୟ ବଜାରରେ ଲୁହାପଥର ଦର ଆକାଶଛୁଆଁ ହେବା ସହ ବକ୍ସାଇଟ୍, କ୍ରୋମାଇଟ୍ ଓ କୋଇଲା ଆଦି ଖଣିଜ ସାମଗ୍ରୀର ମୂଲ୍ୟ ବଢ଼ିଲା। ଓଡ଼ିଶାରେ ଏସବୁ ଖଣିଜ ସାମଗ୍ରୀର ବିପୁଳ ଭଣ୍ଡାର ଥିବାରୁ ଏଠାରେ ଶିଳ୍ପ ସ୍ଥାପନ ଲକ୍ଷ୍ୟରେ ଶିଳ୍ପପତିଙ୍କ ସୁଅ ଛୁଟିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦୦୦ ମାର୍ଚ୍ଚରୁ କ୍ଷମତାସୀନ ବିଜେଡି-ବିଜେପି ସରକାର ମୁଖ୍ୟତଃ ଇସ୍ପାତ ଓ ତାପଜ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥାଙ୍କ ସହ ପାଖାପାଖି ୬୦ଟି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କଲେ। ରାଜ୍ୟ ଶିଳ୍ପ ନୀତିରେ ସେମାନଙ୍କୁ ଟିକସ ଓ ଅନ୍ୟାନ୍ୟ ରିହାତି ବି ଦିଆଗଲା। ଶିଳ୍ପ ଅଭିବୃଦ୍ଧି ଦ୍ୱାରା ରାଜ୍ୟର ରାଜସ୍ୱ ଆୟ ଓ ନିଯୁକ୍ତି ସୁଯୋଗ ବ୍ୟାପକ ହେବ ବୋଲି ସରକାର ସ୍ୱପ୍ନ ଦେଖାଇଲେ। ସେହି ଲକ୍ଷ୍ୟ କେତେ ସଫଳ ହୋଇଛି- ତାହା ତର୍ଜମାସପେକ୍ଷ। ଅପରପକ୍ଷରେ ଉତ୍ପାଦନ କ୍ଷମତା ଅନୁପାତରେ କେଉଁ ଶିଳ୍ପ ପାଇଁ କେତେ ଜମି ଆବଶ୍ୟକ, ତାହାକୁ ବିଚାର ନକରି ସରକାର ଶିଳ୍ପ ସଂସ୍ଥାଙ୍କୁ ଲିଜ୍ କିମ୍ବା ରିହାତି ଦରରେ ଅମାପ ଜମି ଟେକିଦେଲେ। ଏପରିକି ରାଜ୍ୟରେ କାର୍ଯ୍ୟକ୍ଷମ ଅନେକ ଶିଳ୍ପ ସଂସ୍ଥାରେ ଇତିମଧ୍ୟରେ ଏକାଧିକ ପର୍ଯ୍ୟାୟ ସମ୍ପ୍ରସାରଣ ହୋଇଥିଲେ ମଧ୍ୟ ସେମାନେ ଅକ୍ତିଆର କରିଥିବା ଜମିରୁ ଆହୁରି ବ୍ୟାପକ ଅଞ୍ଚଳ ଏବେ ବି ଅବ୍ୟବହୃତ ରହିଛି। ରାଜ୍ୟର ଶିଳ୍ପ ସହରଗୁଡ଼ିକରେ ଜମି ମୂଲ୍ୟ ଆକାଶଛୁଆଁ, ଅଥଚ ଶିଳ୍ପ ସଂସ୍ଥାଙ୍କ ଅକ୍ତିଆରରେ ଥିବା ବିସ୍ତୃତ ଅବ୍ୟବହୃତ ଜମିର ମୂଲ୍ୟଯୁକ୍ତ ବିନିଯୋଗ ଶୂନ। କାରଣ ଶିଳ୍ପ ସଂସ୍ଥାରେ ପଡ଼ି ରହିଥିବା ଜମିକୁ ସରକାର ନିଜ ଖାତାକୁ ଆଣୁ ନାହାନ୍ତି କି ତାହାକୁ ବେଞ୍ଚ ମାର୍କ ମୂଲ୍ୟ ହିସାବରେ ଅନ୍ୟତ୍ର ଉପଯୋଗ କରି ରାଜସ୍ୱ ସଂଗ୍ରହର ସୁଯୋଗ ଖୋଜୁନାହାନ୍ତି। ବରଂ ସରକାରୀ ସ୍ଥାଣୁତାର ସୁଯୋଗ ନେଇ ଅଧିଗୃହିତ ସରକାରୀ ଜମିକୁ ଅନେକ ଶିଳ୍ପ ସଂସ୍ଥା ବନ୍ଧକ ଦେଇ ବ୍ୟାଙ୍କ ଓ ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥାରୁ ଶହ ଶହ କୋଟି ଟଙ୍କା ଋଣ କରିଥିବା ୨୦୦୯ରେ ଜଣାପଡ଼ିଥିଲା। ଏହି ବିବାଦରେ ନବୀନ ସରକାର କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେବେ ଶିଳ୍ପ ସଂସ୍ଥାଙ୍କ ଏଭଳି କାରବାରକୁ ନବୀନ ସରକାର ଆନୁଷ୍ଠାନିକ ସ୍ୱୀକୃତି/ଅନୁମତି ପ୍ରଦାନ କରିଥିବା ଶେଷରେ ଜଣାପଡ଼ିଲା।

ପରବର୍ତ୍ତୀ ପର୍ଯ୍ୟାୟରେ ସେଥିରୁ ପାଖାପାଖି ଦୁଇ ଡଜନ୍ ଖଣିଜଭିତ୍ତିକ ଶିଳ୍ପ ଦେବାଳିଆ ହେଲେ। ଅର୍ଥ ଲାଗଣକାରୀ ସଂସ୍ଥାମାନେ ଜାତୀୟ କମ୍ପାନି ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଟି)କୁ ଗଲେ। ଦେବାଳିଆ ଶିଳ୍ପ ସଂସ୍ଥାଙ୍କ ଋଣ ଭାର ପରିଶୋଧ ଲକ୍ଷ୍ୟରେ ସେଗୁଡ଼ିକର ସ୍ଥାବର-ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଆକଳନ କରାଗଲା। ସେଥିରେ ରିହାତି ଦରରେ ଯୋଗାଯାଇଥିବା ସରକାରୀ ଜମିର ମୂଲ୍ୟ ସିଂହଭାଗ ହୋଇଥିଲେ ହେଁ ତତ୍କାଳୀନ ସରକାର ହାଲ୍ ବେଞ୍ଚ ମାର୍କ ମୂଲ୍ୟ ହିସାବରେ ସେଥିରୁ ତଫାତ ମୂଲ୍ୟ ଦାବି କରିବାକୁ ଏନ୍‌ସିଏଲ୍‌ଟିରେ ପକ୍ଷ ରଖିଲେ ନାହିଁ। ଶେଷରେ ଦେବାଳିଆ ସଂସ୍ଥାଙ୍କ ସମ୍ପତ୍ତିର ଆକଳନ ମୂଲ୍ୟ ଆଧାରରେ ପ୍ରତିଯୋଗିତା କରି ନୂଆ ଶିଳ୍ପପତିମାନେ ସେଗୁଡ଼ିକୁ ଦଖଲ କଲେ। ପରିତାପର ବିଷୟ ଏହି ଯେ ସରକାରଙ୍କର ଅହେତୁକ ନୀରବତା ଯୋଗୁଁ ଦେବାଳିଆ ଶିଳ୍ପ ସଂସ୍ଥାଙ୍କ ମାଲିକାନା ପରିବର୍ତ୍ତନ ପ୍ରକ୍ରିୟାରେ ରାଜ୍ୟର ଭୂସମ୍ପତ୍ତି ନୂଆ ମାଲିକଙ୍କୁ ହସ୍ତାନ୍ତରିତ ହେଲା। ମାତ୍ର ସେଥିରୁ ରାଜକୋଷକୁ ଟଙ୍କାଟିଏ ବି ଆସିଲା ନାହିଁ। ଏକଦା ଆମ୍ରି ନେଇଥିବା ୫ ଏକର ସରକାରୀ ଜମିର ମାଲିକାନା ହସ୍ତାନ୍ତର ପ୍ରକ୍ରିୟାରେ ରାଜ୍ୟ ୬୪ କୋଟି ଟଙ୍କାର ରାଜସ୍ୱ ପାଇବାକୁ ହକ୍‌ଦାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିକଟରେ ନିର୍ଦ୍ଦେଶ ଦେବାପରେ ଶିଳ୍ପ ଜମି ହସ୍ତାନ୍ତର ପ୍ରକ୍ରିୟାରେ ସରକାର ଲକ୍ଷାଧିକ କୋଟି ଟଙ୍କାର ରାଜସ୍ୱ ପାଇବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି। କାରଣ ଯେଉଁ କମ୍ପାନିଗୁଡ଼ିକ ଦେବାଳିଆ ହେବା ପରେ ସେମାନଙ୍କ ସ୍ଥାବର-ଅସ୍ଥାବର ସମ୍ପତ୍ତି ନୂଆ ମାଲିକାନାକୁ ଯାଉଛି ସେଥିରେ ଲକ୍ଷ ଲକ୍ଷ ଏକର ସରକାରୀ ଜମି ଅନ୍ତର୍ଭୁକ୍ତ। ତେଣୁ ଆମ୍ରିରୁ ମଣିପାଲକୁ ଜମି ହସ୍ତାନ୍ତର ପ୍ରକ୍ରିୟାରେ ସରକାର ଦାବି କରୁଥିବା ତଫାତ ମୂଲ୍ୟ ଏ କ୍ଷେତ୍ରରେ ବି ପ୍ରଯୁଜ୍ୟ। ଆଇନ୍ ବିଶେଷଜ୍ଞଙ୍କ ପରାମର୍ଶ ହେଲା- ସମ୍ପୃକ୍ତ ଶିଳ୍ପ ସଂସ୍ଥାରୁ ରାଜ୍ୟର ଭୂସମ୍ପତ୍ତି ବାବଦରେ ତଫାତ ମୂଲ୍ୟ ସମେତ ଅନ୍ୟାନ୍ୟ ରାଜସ୍ୱ ଅସୁଲ କରିବାକୁ ହେଲେ ସରକାରଙ୍କୁ ସୁପ୍ରିମ୍ କୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଦାଖଲ କରିବାକୁ ପଡ଼ିବ; ଯାହାର ବିଚାର ପ୍ରକ୍ରିୟା ସମୟସାପେକ୍ଷ । ମାତ୍ର ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ସରକାର ଏଭଳି ବିପୁଳ ସମ୍ଭାବନାକୁ ଅଣଦେଖା କରିବା ଉଚିତ ହେବ ନାହିଁ।

ସ୍ମରଣଯୋଗ୍ୟ, କ୍ରମାଗତ କ୍ଷତି ଆଳରେ ନବୀନ ସରକାର ୨୦୦୪-୦୫ ମଧ୍ୟରେ ଇଡ୍‌କଲ୍ ପରିଚାଳନାଧୀନ ବରଗଡ଼ ସିମେଣ୍ଟ, କୋଣାର୍କ ଝୋଟ କଳ, ହୀରାକୁଦ ଇଣ୍ଡଷ୍ଟ୍ରିଆଲ୍ ୱର୍କ୍ସ, ଇଡ୍‌କଲ୍ ପାଇପିଙ୍ଗ୍ ଆଣ୍ଡ ଇଞ୍ଜିନିୟରିଂ, ଏସ୍ଏନ୍ କର୍ପୋରେସନ୍, କୋଣାର୍କ ଟିଭି, ରି-ରୋଲିଂ ମିଲ୍ ସମେତ ବଡ଼ମ୍ବା ଓ ନୟାଗଡ଼ ଚିନି କଳ ଏବଂ ସମବାୟ ସୂତା କଳଗୁଡ଼ିକର ଘରୋଇକରଣ ସମ୍ପୂର୍ଣ୍ଣ କରିଥିଲେ। ଏସବୁ ସରକାରୀ ସଂସ୍ଥାଙ୍କୁ ଦିଆଯାଇଥିବା ଜମି ଏବେ ଘରୋଇ ମାଲିକାନାରେ। କୌଣସି ଘରୋଇ ମାଲିକ ସେସବୁ ସଂସ୍ଥାର ପୁନରୁଦ୍ଧାର କରି ନାହାନ୍ତି, ବରଂ ହାତେଇଥିବା ସରକାରୀ ଜମିକୁ ବିଭିନ୍ନ ଉପାୟରେ ଉପଯୋଗ କରି ପର୍ଯ୍ୟାପ୍ତ ଲାଭ ଉଠାଉଛନ୍ତି। ତେଣୁ ବିକ୍ରି ହୋଇଥିବା ସରକାରୀ ସଂସ୍ଥାର ଜମିରୁ ସରକାର ରାଜସ୍ୱ ସଂଗ୍ରହ ସମ୍ଭାବନା ଖୋଜି ଆବଶ୍ୟକ ପଦକ୍ଷେପ ନେବା ଉଚିତ। କିନ୍ତୁ ଏହା କେବେ ଘଟିବ ସେ ବିଷୟରେ କୌଣସି ସୂଚନା ମିଳିନାହିଁ।

## ପ୍ରଥମ ପୃଷ୍ଠାରୁ...



# ଧରାଲି ଏବେ...

ଭଟବାଡ଼ି ବ୍ଲକର କୁରାଲି, ସୁଖୀ, ଯଶପୁର, ଉପଲା, ଓ ତକ୍ନୁର ଭଳି ଗ୍ରାମର ସୀମାରେଖା ଚୀନ ଅଧିକୃତ ତିବ୍ବତ ସୀମା ସହିତ ସଂଲଗ୍ନ ହୋଇଥିବାରୁ ଏହି ଅଂଚଳ ଅତ୍ୟନ୍ତ ସମ୍ବେଦନଶୀଳ ଅଟେ। ଏହି ବିପର୍ଯ୍ୟୟର ୧୦ ଦିନ ପରେ ମଧ୍ୟ ଯୋଗାଯୋଗ ବ୍ୟବସ୍ଥା ଛିନ୍ନ ହୋଇ ରହିଥିଲା । ସ୍ଥାନୀୟ ଲୋକମାନେ ପାହାଡ଼ ଉପରେ ଅତ୍ୟନ୍ତ ବିପଦସଙ୍କୁଳ ପାଦଚଲା ରାସ୍ତାରେ ୭ ରୁ ୯ କିଲୋମିଟର ପାଦରେ ଚାଲି ଚାଲି ନିଜର ଦୈନନ୍ଦିନ ସାମଗ୍ରୀ ନେଉଛନ୍ତି। ଧରାନୀ ନିକଟରେ ୨୦୦ ମିଟର ଲମ୍ବା ରାସ୍ତା ଖୋଳି ହୋଇ ଘାଇ ହେବା ସହିତ ସୋନଗଡ଼ସ୍ଥିତ ୬୦୦ ମିଟର ଲମ୍ବ ବ୍ରିଜ ଧୋଇ ହୋଇ ଯାଇଛି। ଏହାଦ୍ୱାରା ବିପର୍ଯ୍ୟର ପରେ ସ୍ଥାନୀୟ ଅଞ୍ଚଳର ଦୁଃଖ ଦୁର୍ଦ୍ଦଶା ଅଧିକ ବଢ଼ି ଯାଇଛି। ଅବଶ୍ୟ ପ୍ରଶାସନ ଓ ସେନା ଯବାନ ଦିନରାତି ଉଦ୍ଧାର ଓ ରିଲିଫ ସହାୟତାରେ ଲାଗିଛନ୍ତି। ରିପୋର୍ଟ ଲେଖା ହେଲାବେଳକୁ ହରସିଲର କୃତ୍ରିମ ହ୍ରଦରୁ ଜଳ ନିଷ୍କାସନ ହେବା ପରେ ସ୍ଥାନୀୟ ଲୋକଙ୍କ ମନରେ ଟିକିଏ ସାହସ ବଢ଼ିଛି ବୋଲି ସ୍ଥାନୀୟ ବାସିନ୍ଦା ଚମନ ସିଂ କୁହନ୍ତି।

ଗଙ୍ଗପାଣିରୁ ବହୁକଷ୍ଟରେ ହରସିଲ ଦେଇ ଧରାଲିରେ ପହଞ୍ଚିବା ପରେ ପ୍ରଥମେ ସାକ୍ଷାତ ହୋଇଥିଲା ଶିତେନ୍ଦ୍ର ପନ୍‌ୱରଙ୍କ ସହ ।ଆଖିର ଲୁହକୁ ଲୁଚାଇବାର ଅସଫଳ ଚେଷ୍ଟା କରିବା ଭିତରେ କୋହଭରା କଣ୍ଠରେ ସେ କହିଲେ, "ଧରାଲିରେ ଦେଖିବାକୁ ଆଉ କିଛି ନାହିଁ ଆଜ୍ଞା। ଆମ ଧରାଲି ଗାଁ ବଦଳରେ କବର ପାଲଟି ଯାଇଛି। ଏଇ ଗଙ୍ଗୋତ୍ରୀ, ଭାଗିରଥି, କ୍ଷୀରଗଙ୍ଗା ଭଳି ନଈ ଆମର ସବୁକିଛି ଗିଳିଦେଇଛି। ଯେଉଁ ନଈ ଓ ପାହାଡ଼କୁ ଆମେ ଭଗବାନ ଭଳି ପୂଜା କରୁଥିଲୁ ସେଇ ନଈର ପାଣି ଓ ସେଇ ପାହାଡ଼ର ପଥର ଆମ ଅଞ୍ଚଳକୁ ଖିନଭିନ କରି ଦେଇଛି । କେତେ ଜଣ ଯେ ସଲିଳ ସମାଧି ନେଇଛନ୍ତି, ତାର ସଠିକ ହିସାବ କାହାରି ପାଖରେ ନାହିଁ । ବର୍ତ୍ତମାନ ଏଠି ବଞ୍ଚିବାର ବିଶ୍ୱାସ ଟିକିକ ମୃତ୍ୟୁ ଲହଡ଼ିରେ କେବଳ ଭାସୁଛି। ଏଠି ମରିବା ଓ ବଞ୍ଚିବା ସବୁ ସମାନ ହୋଇ ଯାଇଛି"। ଏତିକି କହି ନିଜ ନିଖୋଜ ପୁଅର ଫୋଟୋ ଧରି ତାକୁ ଖୋଜୁଥିବା ଶିତେନ୍ଦ୍ର ଭୋ ଭୋ ହୋଇ କାନ୍ଦି ଉଠିଲେ। ନିଜ ୨୦ ବର୍ଷ ବୟସ୍କ ପୁଅର ଫୋଟୋ ଦେଖାଇ ସେ କହିଲେ, "ଆଜ୍ଞା ତା ମା' ଏକା ଜିଦ କରି ଟୋକାଟାକୁ ଏଇ କିଛିଦିନ ତଳେ ବାହା କରିଥିଲା। ଏଠାରେ ମୋର ହୋଟେଲ ଥିଲା। ସେଦିନ ୧୨ ଟା ବେଳକୁ ମୋ ପୁଅ ଆସି ପହଞ୍ଚିଲା। ମୁଁ କାମରେ ଅନ୍ୟ ଜାଗାକୁ ଯାଇଥିଲି । ହୋଟେଲରେ ପ୍ରାୟ ୭ ଜଣ ଅତିଥି ଥିଲେ। କ୍ଷଣକ ମଧ୍ୟରେ ସବୁକିଛି ଶେଷ ହୋଇଗଲା ଆଜ୍ଞା। ଆଜି ବି ତା ମା ବବିତା ସକାଳୁ ସକାଳୁ ଆସି ପାଗଳୀ ଭଳିଆ ନିଜ ପୁଅକୁ ପାଇବାକୁ ଏଠି ଡାକୁଛି। ୧୫ ଦିନ ବିତି ଯାଇଥିଲେ ମଧ୍ୟ ଶବ ମିଳିନି"। ସେଦିନର ସେ ବୁକୁଫଟା ଘଟଣାର ବର୍ଣ୍ଣନା କରି ବବିତା ପନ୍‌ୱର କୁହନ୍ତି, "ସବୁ ଠିକ୍ ଠାକ୍ ଥିଲା। ହଠାତ୍ ଜୋରରେ କିଛି ଫାଟିବା ପରି ଶବ୍ଦ ହେଲା। ମୁଁ ବାହାରକୁ ଆସି ଦେଖିଲି ଗାଁ ଲୋକମାନେ ଦୌଡୁଛନ୍ତି। ମୁଁ କିଛି ବୁଝିବା ଆଗରୁ ମୋତେ ପଡୋଶୀ ଜାନକୀ ଡାକିଲା "ଜଲଦି ପାହାଡକୁ ଦୌଡ଼।" ମୁଁ ଖାଲି ପାଦରେ ଦୌଡ଼ିଲି। ମୂଷଳ ଧାରାରେ ବର୍ଷା ବର୍ଷୁଥାଏ ଏବଂ ଘଡ଼ଘଡ଼ି ଗର୍ଜୁଥାଏ। ଆଖିଆଗରେ ଭାଗିରଥି ନଈରେ ପାଣି ମାଡ଼ି ଆସିଲା। ହୁ ହୁ ଗାର୍ଜନରେ ପାହାଡ଼ ଧସିଗଲା। ଅନେକ ଗୃହପାଳିତ ପ୍ରାଣୀ ଭାସି ଯାଉ ଥିବାର ମୁଁ ଆଖିରେ ଦେଖିଲି । ହେଲେ ମୁଁ କଣ ଜାଣିଥିଲି ଯେ ସେଇ ପାଣି ମୋ ପୁଅକୁ ବି ଭସାଇ ନେଉଛି ?"। ଏତିକି କହିବା ପରେ ବବିତା ବାକରୁଦ୍ଧ ହୋଇ ପଡ଼ିଲେ । ଚତୁର୍ଦ୍ଦିଗରେ ବ୍ୟାପିଗଲା ଏକ ଅଶ୍ୱସ୍ତିକର ନୀରବତା। ଆଉ ବେଶୀ ସମୟ ସେଠାରେ ରହିବାର ଧୈର୍ଯ୍ୟ ନ ଥିଲା।

ଧରାଲିରେ ବର୍ତ୍ତମାନ ଏଭଳି ଏକାଧିକ କାହାଣୀ ଶୁଣିବାକୁ ମିଳୁଛି । ଧରାଲି ଓ ହରସିଲରେ ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ନିଖୋଜଙ୍କୁ (ମୋଟାମୋଟି ଶବ) ଖୋଜିବାରେ ସୀମିତ ହୋଇ ଯାଇଛି। ପ୍ରାୟ ଦୁଇ ସପ୍ତାହ ଧରି ୧୦ ରୁ ୧୫ ଫୁଟ ତଳେ ଦବି ରହିଥିବା ଗଳିତ ଶବର ଚିହ୍ନଟ ପାଇଁ କେବଳ ଡି.ଏନ.ଏ. ଟେଷ୍ଟ ଏକମାତ୍ର ଉପାୟ ବୋଲି ଜଣେ ପ୍ରଶାସନିକ ଅଧିକାରୀ କୁହନ୍ତି।

ବବିତାଙ୍କ ଘରୁ ବାହାରି ଆସିଲା ପରେ ତିଲଗାଡ଼ ନିକଟରେ ଦେଖାହେଲେ ଜଣେ ବୃଦ୍ଧ ମନହର ତିୱାରୀଙ୍କ ସମେତ କେତେକ ଯୁବକ। ସେମାନେ ମୋତେ ଦେଖି ପଚାରିଲେ "ଆଜ୍ଞା, ତିଲଗାଡ଼ ଏଠାରୁ କେତେବାଟ ?" ମୁଁ କହିଲି; "ଆପଣମାନେ ତିଲଗାଡ଼ରେ ପହଞ୍ଚି ଗଲେଣି।" ସେମାନେ ମୋତେ ପଚାରିଲେ; "ଏଠାରେ ନିଖୋଜଙ୍କୁ ଖୋଜିବା ପାଇଁ ନାଁ ପଞ୍ଜିକରଣ କେଉଁଠାରେ କରାଯାଉଛି ?" ମୁଁ ତାଙ୍କୁ ଅନତି ଦୂରରେ ଥିବା କ୍ୟାମ୍ପ୍ ଦେଖାଇଦେଲି। ହାତରେ ଖଣ୍ଡେ ଖଣ୍ଡେ ଫୋଟୋ ଧରି ସେମାନେ ଦୌଡୁଥିଲେ। ବୃଦ୍ଧ ମନହର କିନ୍ତୁ ଧୀରେ ଧୀରେ ଧୀରେ ଚାଲି ଚାଲି କ୍ୟାମ୍ପ ଆଡକୁ ଗଲେ। ମୁଁ ତାଙ୍କ ସହିତ ଚାଲିଲି। କଥା ହେବାରୁ ଜଣାପଡିଲା ସେମାନେ ଉତ୍ତର ପ୍ରଦେଶର ପିଲିଭିତ ଅଂଚଳର ବାସିନ୍ଦା। ସେମାନଙ୍କର ଭାଇମାନେ ଏଠାକୁ ବିଭିନ୍ନ ହୋଟେଲ ଓ କୋଠାୱାଡ଼ି ନିର୍ମାଣ କାମରେ ଶ୍ରମିକ ଭାବେ କାମ କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ମନହରଙ୍କ ପୁଅ ଦେବେନ୍ଦର (୨୯) ନିଖୋଜ ଥିଲା। ସେତେବେଳେ ସେମାନ ଆଉ ବେଶି କିଛି କହିବା ଅବସ୍ଥାରେ ନ ଥିଲେ। କାରଣ ସମସ୍ତେ ନିଜ ପରିବାରର ନିଖୋଜଙ୍କ ନାଁ ପଞ୍ଜିକୃତ କରିବା ପାଇଁ ବ୍ୟସ୍ତ ହେଉଥିଲେ।

ଗଙ୍ଗୋତ୍ରୀ ଯିବା ରାସ୍ତାରେ ଦେଖାହେଲେ ତାରାଦେବୀ । ମୁହଁ ଘୋଡ଼ାଇ ସେ ଗୋଟିଏ ପଥର ଉପରେ ବସିଥିଲେ। ତାଙ୍କୁ କିଛି ପଚାରିବାରୁ ସେ ମୁହଁ ବୁଲାଇଦେଲେ। ଅନେକ ଥର ପଚାରିବା ପରେ ବହୁ କଷ୍ଟରେ ସେ କହିଲେ, "ଗାଁରେ ଆଉ ରହିବାର ସାହସ ନାହିଁ। ଏ ଗାଁ ପାହାଡ଼ ଓ ପାଣି ମିଳିମିଶି ଆମକୁ କେଉଁଦିନ ଜିଅନ୍ତା ଗିଳିଦେବେ। ଯବାନ ଟୋକା ଗୁଡାକ ଆଖି ଆଗରେ ଭାସିଗଲେ । ଖୋଜିଲେ ମଧ୍ୟ ମିଳୁ ନାହାଁନ୍ତି । ସେଦିନ କ୍ଷୀରଗଙ୍ଗା ନଈ ଅଚାନକ ମାଡ଼ି ଆସିଲା । ପିନ୍ଧିଥିବା ଖଣ୍ଡିଏ ଲୁଗା ହିଁ ସନ୍ତକ ଭାବରେ ରହିଛି । ଆଉ ସବୁକିଛିକୁ ଏ ପାଣି ଓ ପଥର ନେଇଦେଲେ । ଜୀବନ ବଞ୍ଚାଇବା ପାଇଁ ଏଇ ମନ୍ଦିରରେ ଆମେ ଦିନ କାଟୁଛୁ "। ତାରାଦେବୀଙ୍କ କଥାରୁ ସ୍ପଷ୍ଟ ବୁଝା ପଡୁଥିଲା ଗାଁ ମନ୍ଦିର ବର୍ତ୍ତମାନ ଆଉ ପୂଜାସ୍ଥଳ ହୋଇ ରହିନାହିଁ । ବରଂ ଭାଗ୍ୟ ବଳରୁ ବଞ୍ଚି ଯାଇଥିବା ସ୍ଥାନୀୟ ଲୋକଙ୍କ ଜୀବନଧାରଣର ଏକମାତ୍ର ଆଶ୍ରୟସ୍ଥଳ ପାଲଟିଛି।

## ବିଶେଷଜ୍ଞଙ୍କ ମତରେ

ଗତ ଅଗଷ୍ଟ ୫ ତାରିଖ ଦିନ ଉତ୍ତରାଖଣ୍ଡରେ ବଦାଲ ଫଟା ବର୍ଷା ପରେ ଭୂସ୍ଖଳନ ଓ ପ୍ରଳୟଙ୍କରୀ ବନ୍ୟା ଧରାଲି ଅଞ୍ଚଳକୁ ଧ୍ୱଂସ କରି ଦେଇଥିଲା ଏବଂ ଏହି ଅଞ୍ଚଳର କିଛି ଅଂଶକୁ ୧୫ରୁ ୨୦ ମିଟର ଆବର୍ଜନା ତଳେ ପୋତି ପକାଇଥିଲା। ଏଭଳି ଏକ ବିପର୍ଯ୍ୟୟ ସଂପର୍କରେ ବୈଜ୍ଞାନିକମାନେ ପୂର୍ବରୁ ବାରମ୍ବାର ଚେତାଇ ଦେଇଥିଲେ। ମାତ୍ର କର୍ତ୍ତୃପକ୍ଷ ଏହି ସତର୍କ ସୂଚନାକୁ ଅଣଦେଖା କରି ଦେଇଥିଲେ। ପରିବେଶ ସମ୍ବେଦନଶୀଳ ଅଞ୍ଚଳ ପାଇଁ ରହିଥିବା ମାନଦଣ୍ଡର ଖୋଲାଖୋଲି ଉଲ୍ଲଂଘନ ହିଁ ବିପର୍ଯ୍ୟୟ କୁ ଡାକି ଆଣିଥିଲା ବୋଲି ବିଶେଷଜ୍ଞ ମାନେ ମତ ଦିଅନ୍ତି ।

ଧରାଲିରେ ଘଟିଥିବା ବିପର୍ଯ୍ୟୟର ଅନୁଧ୍ୟାନ କରି ଦୁଇଜଣ ପରିବେଶ ବିଶେଷଜ୍ଞ କହିଛନ୍ତି ଯେ ଭୂତାତ୍ତ୍ୱିକ ଦୃଷ୍ଟିରୁ ଦୁର୍ବଳ ଅଞ୍ଚଳରେ ଅବୈଜ୍ଞାନିକ ଉପାୟରେ ରାସ୍ତା ସଂପ୍ରସାରଣ କରାଯିବା ଫଳରେ ଏପରି ଦୁର୍ଘଟଣା ଘଟିଛି। ପରିବେଶବିତ୍ ହେମନ୍ତ ଧ୍ୟାନୀ କହିଛନ୍ତି ଯେ କ୍ଷୀର ଗଙ୍ଗା ଧାରାର ଦୈର୍ଘ୍ୟ ଖୁବ୍ କମ୍ପା ; ମାତ୍ର ସାତ କିଲୋମିଟର। ମାତ୍ର ଏହା ଏକ ଅତ୍ୟନ୍ତ ଗଭୀର ହିମବାହରୁ ବାହାରିଛି। ମୂଷଳ ଧାରାରେ ବର୍ଷା ହେବା ପରେ ଏହି ହିମବାହରୁ ବିପୁଳ ପରିମାଣର ଆବର୍ଜନା ନେଇ ବନ୍ୟାଜଳ ପ୍ରବାହିତ ହୋଇଥିଲା। ‘‘ଅଗଷ୍ଟ ୫ ତାରିଖ ଦିନ ଅପରାହ୍ନ ୧ରୁ ୩ଟା ମଧ୍ୟରେ ସୁଖୀ ଶିଖରର ବିପରୀତ ଦିଗରେ, ହର୍ସିଲର ବିପରୀତ ଦିଗରେ ଏବଂ ଧରାଲିରେ ଥିବା ତିନିଟି ହିମବାହ ପୃଷ୍ଠ ଧାରା ଗୋଟିଏ ସମୟରେ ଫୁଲି ଉଠିଥିଲେ। ଏତେ ପରିମାଣରେ ଜଳ ଓ ଆବର୍ଜନା ପ୍ରବାହକୁ ପ୍ରତିହତ କରିବାର କ୍ଷମତା ସେଠାକାର ସୁରକ୍ଷା ବ୍ୟବସ୍ଥାର କ୍ଷମତା ବାହାରେ ଥିଲା’’ ବୋଲି କହିଛନ୍ତି ଧ୍ୟାନୀ। ସେ ଆହୁରି ମଧ୍ୟ କହିଛନ୍ତି ଯେ ହିମାଳୟରୁ ବାହାରିଥିବା ସ୍ୱଳ୍ପ ଦୈର୍ଘ୍ୟ ଅଥଚ ଅଧିକ ଢାଲୁବିଶିଷ୍ଟ ଏହି ଧାରାଗୁଡ଼ିକର ଅତ୍ୟନ୍ତ ଭୟଙ୍କର ରୂପ ସଂପର୍କରେ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ସତର୍କ କରାଯାଇଥିଲା।

ଭୂତତ୍ତ୍ୱବିତ୍ ନବୀନ ଜୁୟାଲଙ୍କ ସହ ଧ୍ୟାନୀ ମିଳିତ ଭାବେ ଏହି ବିଶ୍ଳେଷଣ ରିପୋର୍ଟ ଲେଖିଛନ୍ତି। ଏହି ରିପୋର୍ଟର ଶୀର୍ଷକ ହେଲା, ‘‘ଧରାଲି ବିପର୍ଯ୍ୟୟ: ଭାଗିରଥୀ ପରିବେଶ-ସ୍ପର୍ଶକାତର ଜୋନ୍‌ରେ ହିମାଳୟ ବିପର୍ଯ୍ୟୟ ଏବଂ ମାନବ ବିଫଳତାର ପ୍ରତିଧ୍ୱନୀ’’। ଏହି ଦୁଇଜଣ ପରିବେଶ ବିଶେଷଜ୍ଞ ୨୦୧୩ ମସିହାର କେଦାରନାଥରେ ପ୍ରଳୟଙ୍କରୀ ବନ୍ୟା ସଂକ୍ରାନ୍ତରେ ଅନୁଧ୍ୟାନ କରିବା ସକାଶେ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ ଦଳର ଅଂଶବିଶେଷ ଥିଲେ। ଏମାନେ ୨୦୧୯ ମସିହାରେ ଚାରିଧାମ ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପର ବିଶ୍ଳେଷଣ କରିବା ସକାଶେ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଉଚ୍ଚ-କ୍ଷମତାସଂପନ୍ନ କମିଟିର ମଧ୍ୟ ଅଂଶବିଶେଷ ଥିଲେ। ଏହି ଦୁଇ ବିଶେଷଜ୍ଞ ଭାଗିରଥୀ ପରିବେଶ-ସ୍ପର୍ଶକାତର ଜୋନ୍‌ର କ୍ଷେତ୍ରରେ ବିଜ୍ଞପ୍ତିର ଉଲ୍ଲଂଘନ ସଂପର୍କରେ ପୂର୍ବରୁ ବାରମ୍ବାର ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ପୂର୍ବୋକ୍ତ ବିଜ୍ଞପ୍ତିରେ ଭାଗିରଥୀ ନଦୀର ମଧ୍ୟଭାଗରୁ ୧୦୦ ମିଟର ଦୂରତା ପର୍ଯ୍ୟନ୍ତ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟକୁ ନିଷିଦ୍ଧ କରାଯାଇଥିଲା ଏବଂ ବିସ୍ତୃତ ପାରିବେଶିକ ଆକଳନ ନ କରି ଏପରି ତୀଖ ଏବଂ ବିପଦପ୍ରବଣ ଢାଲୁ ଅଞ୍ଚଳରେ ଭିତ୍ତିଭୂମି ନିର୍ମାଣକୁ ବାରଣ କରା ଯାଇଥିଲା।

ବିଶ୍ଳେଷଣରେ କୁହାଯାଇଛି ଯେ ଧରାଲି ବସ୍ତୁତଃ ନଦୀକୂଳରେ ହିଁ ଗଢ଼ିଉଠିଛି, ଏବଂ ହୋଟେଲ ଓ ରିସର୍ଟଗୁଡ଼ିକ ନଦୀ ଦ୍ୱାରା ବିଞ୍ଚଣା ଆକାରରେ କରାଯାଇଥିବା ଅବକ୍ଷେପ ଉପରେ ହିଁ ନିର୍ମାଣ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ଅନେକ ହୋଟେଲ ଓ ରିସର୍ଟ ରାଜ୍ୟର ବନ୍ୟାପ୍ଲାବନ କ୍ଷେତ୍ର ଜୋନିଂ ଆଇନ, ନମାମି ଗଙ୍ଗେ ବିଜ୍ଞପ୍ତି ଏବଂ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶାବଳୀର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ବିଶ୍ଳେଷଣରେ ଆହୁରି ମଧ୍ୟ କୁହାଯାଇଛି ଯେ ଚାରିଧାମ ରାସ୍ତା ପ୍ରଶସ୍ତିକରଣ, ବିଶେଷ କରି ଭାଗିରଥୀ ପରିବେଶ-ସ୍ପର୍ଶକାତର ଅଞ୍ଚଳରେ ଯୋଜନାବଦ୍ଧ ଭାବେ ୧୦ ମିଟରର ସମାନ ସଂପ୍ରସାରଣ ପାଇଁ ପୁରୁଣା ଭୂସ୍ଖଳନର ଭଗ୍ନାବଶେଷ କାଟି, ହିମସ୍ଖଳନ ପ୍ରବଣ ଢାଲୁକୁ ଅଧିକ ଅସ୍ଥିର କରି ଝାଲା ଓ ଜଙ୍ଗଲ ସ୍ଥାନ ମଧ୍ୟରେ ୬,୦୦୦ ପୂର୍ଣ୍ଣବୟସ୍କ ଦେଓଦାର ଗଛ କାଟିବା ସକାଶେ ଚିହ୍ନଟ କରିବା ଫଳରେ ଢାଲୁର ଅସ୍ଥିରତାକୁ ଆହୁରି ବଢ଼ାଇ ତୀବ୍ରତର କରିଦେଇଛି। ‘‘ଫଳସ୍ୱରୂପ ବିଭିନ୍ନ ପ୍ରକାରର ଲଗାତାର ଭୂସ୍ଖଳନ ହେବାକୁ ଥିବା ଅଞ୍ଚଳମାନ ସୃଷ୍ଟି ହୋଇଛି। ଏହା ସଙ୍ଗେ ସଙ୍ଗେ ଭୂସ୍ଖଳନଜନିତ ହ୍ରଦର ବନ୍ଧ ଭୁଶୁଡ଼ି ଯାଇ ବନ୍ୟା ସୃଷ୍ଟି କରିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।’’

୨୦୨୩ ମସିହା ଅକ୍‌ଟୋବର ମାସରେ ଏହି ବିଶେଷଜ୍ଞମାନେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟକୁ ଚାରିଧାମ ରାଜପଥର ଏକ ବିକଳ୍ପ ଯୋଜନା ମଧ୍ୟ ଦେଇଥିଲେ। ଏହି ଯୋଜନାରେ ପ୍ରଶସ୍ତିକରଣ ପାଇଁ ଏକ ନମନୀୟ ଏବଂ ବିପର୍ଯ୍ୟୟ ପ୍ରତିରୋଧୀ ପଦ୍ଧତି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ଢାଲୁ ଅଞ୍ଚଳରେ ଖୋଳତାଡ଼ କରିବାକୁ ଏଡ଼ାଇବା ସଙ୍ଗେ ସଙ୍ଗେ ଉପତ୍ୟକା ପାର୍ଶ୍ୱଦେଇ ରାସ୍ତା ନିର୍ମାଣ କରାଯିବା, ରାସ୍ତାର ପ୍ରସ୍ତ ନ୍ୟାୟସଂଗତ ଚଉଡ଼ାରେ କରାଯିବା, ଭୁଶୁଡ଼ି ପଡ଼ିବାର ଆଶଙ୍କା ଥିବା ଅଞ୍ଚଳରେ ସୁଡ଼ଙ୍ଗ ନିର୍ମାଣ, ନଦୀ ନିକଟରେ ଉଚ୍ଚ ଅଳିନ୍ଦ ଏବଂ ଆବର୍ଜନାର ପ୍ରବାହ ପାଇଁ ଥିବା ରାସ୍ତାଗୁଡ଼ିକ ସକାଶେ ଅଧିକ ଉଚ୍ଚତାବିଶିଷ୍ଟ ପୋଲ ନିର୍ମାଣ ଅନ୍ତର୍ଭୁକ୍ତ ଥିଲା।

ଏହି ପ୍ରସ୍ତାବରେ ବିଶେଷଜ୍ଞମାନେ କହିଥିଲେ ଯେ ଏପରି ଆଭିମୁଖ୍ୟ ଆପଣାଯିବା ଫଳରେ ‘ଭାଗିରଥୀ ପରିବେଶ-ସ୍ପର୍ଶକାତର ଜୋନ୍’ର ପାରିବେଶିକ ଅଖଣ୍ଡତାକୁ ସୁରକ୍ଷା ପ୍ରଦାନ କରାଯାଇ ପାରିଥାନ୍ତା, ହଜାର ହଜାର ଗଛକୁ ରକ୍ଷା କରାଯାଇଥାନ୍ତା ଏବଂ ଭୂସ୍ଖଳନ ବିପଦକୁ ହ୍ରାସ କରାଯାଇ ପାରିଥାନ୍ତା। ବିଶ୍ଳେଷଣରେ ବିପର୍ଯ୍ୟୟର କ୍ରମଶଃ ବୃଦ୍ଧି ପାଉଥିବା ପୁନଃପୌନିକତା ଏବଂ ତୀବ୍ରତା ସକାଶେ ଜଳବାୟୁ ପରିବର୍ତ୍ତନକୁ ହିମବାହ ତରଳିବା ଦ୍ୱାରା କ୍ଷତି ହେବା ସକାଶେ ଏବଂ କୃଷ୍ଣ ଅଙ୍ଗାରକ ଜମା ହେବାକୁ ଯୋଡ଼ାଯାଇଛି। ‘ଉଚ୍ଚତା ଆଧାରରେ ଉତ୍ତାପ ବୃଦ୍ଧି’ ଯୋଗୁଁ ହିମରେଖା ଓ ବୃକ୍ଷରେଖା ଜୋନ୍‌ଗୁଡ଼ିକ ଦୂରକୁ ଦୂରକୁ ଘୁଞ୍ଚି ଯାଉଛନ୍ତି। ଏହା ଫଳରେ ଢାଲୁ ଅଞ୍ଚଳଗୁଡ଼ିକ ଅଧିକରୁ ଅଧିକ ବିପଦପ୍ରବଣ ହୋଇପଡୁଛନ୍ତି।

ବିଶ୍ଳେଷଣରେ ଜରୁରୀ ଭାବେ ସଂସ୍କାରର ଆବଶ୍ୟକତା ରହିଛି ବୋଲି ଆହ୍ୱାନ ଦିଆଯାଇଛି ଏବଂ କୁହାଯାଇଛି ଯେ ଲଦାଖରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ସମଗ୍ର ଉଚ୍ଚ-ହିମାଳୟ ଉପତ୍ୟକାରେ ଭାଗିରଥୀ ପରିବେଶ-ସ୍ପର୍ଶକାତର ଅଞ୍ଚଳ ପାଇଁ କରି ବିଜ୍ଞପ୍ତି କୁ କଡ଼ା କଡ଼ି ଭାବେ ଲାଗୁ କରାଯିବା ଜରୁରୀ




# ରାଜ୍ୟରେ କଂଗ୍ରେସର ପୁନରୁତ୍ଥାନ

ଆମ ଓଡ଼ିଶା ବ୍ୟୁରୋ

ଦୀର୍ଘ ପ୍ରାୟ ଏକ ଦଶନ୍ଧି ପରେ ରାଜ୍ୟରେ ନିଜ ପାଇଁ ଏକ ଅନୁକୂଳ ପରିସ୍ଥିତି ସୃଷ୍ଟି କରିପାରିଛି କଂଗ୍ରେସ । ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥସହ ଜଡ଼ିତ ପ୍ରସଙ୍ଗକୁ ଅସ୍ତ୍ରକରି କଂଗ୍ରେସ ଏବେ ସାଧାରଣ ଲୋକଙ୍କ ସ୍ୱର ପାଲଟିଛି ଏବଂ ସରକାରଙ୍କ ସହ ସିଧାସଳଖ ରାଜରାସ୍ତାରେ ମୁହାଁମୁହିଁ ହେଉଛି । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ 'ମୁଖ୍ୟ ବିରୋଧୀ ଦଳ' ବିଜେଡ଼ି ନିଜର ଅପକର୍ମ ଏବଂ ଦଳ ମଧ୍ୟରେ ଲାଗି ରହିଥିବା ଅନିଶ୍ଚିତତା ପାଇଁ ବିଶ୍ୱସନୀୟତାର ସଙ୍କଟ ଦେଇ ଗତି କରୁଛି । ବରିଷ୍ଠ ନେତା ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ରାଜ୍ୟରେ ପୁଣି ପ୍ରାସଙ୍ଗିକ ହେବାପାଇଁ ଏବେ ସୁଚିନ୍ତିତ ସାଂଗଠନିକ ରଣନୀତିରେ ଆଗେଇ ଚାଲିଛି । ନିଜର ପାରମ୍ପରିକ ଗୋଡ଼ଟଣା ନୀତି ପାଇଁ ପରିଚିତ ରାଜ୍ୟ କଂଗ୍ରେସ ଏବେ ଭକ୍ତଙ୍କ ନେତୃତ୍ୱରେ ପୂର୍ବ ତୁଳନାରେ ଅଧିକ ସକ୍ରିୟ ଓ ସୁଦୃଢ଼ ହେଉଥିବା ଦେଖାଯାଉଛି । ରାଜ୍ୟରେ ପ୍ରମୁଖ ବିରୋଧୀ ଦଳ ବିଜେଡ଼ିରେ ନେତୃତ୍ୱ ସଙ୍କଟ, ଆଭ୍ୟନ୍ତରୀଣ କନ୍ଦଳ ଏବଂ ବିଶ୍ୱସନୀୟତାର ଅଭାବ ଭଳି ସମସ୍ୟା ତଥା ବିଜେପିର ବି-ଟିମ୍ ଟ୍ୟାଗ୍ ଏବେ ରାଜ୍ୟରେ କଂଗ୍ରେସକୁ ଅଧିକ ସକ୍ରିୟ ଓ ସୁଦୃଢ଼ ହେବାର ଖୋରାକ୍ ଯୋଗାଇଛି । ଆଉ ନିଜର ସୁଦୃଢ଼ ରଣନୀତି ପାଇଁ ଦଳ ମଧ୍ୟ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହେବାରେ ଲାଗିଛି ।

## ଭକ୍ତଙ୍କ ନେତୃତ୍ୱରେ କଂଗ୍ରେସର ନବକଳେବର

ଭକ୍ତ ଚରଣ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମୁଖିଆ ଦାୟିତ୍ୱ ଗ୍ରହଣ କରିବାର ୬ମାସ ପୂରିନି । ମାତ୍ର ଏହି ସ୍ୱଳ୍ପ ଅବଧି ମଧ୍ୟରେ ରାଜ୍ୟରେ କଂଗ୍ରେସର ନବକଳେବର କରାଇବାରେ ଭକ୍ତ ସକ୍ଷମ ହୋଇ ପାରିଛନ୍ତି। ସବୁଗୋଷ୍ଠୀକୁ ଏକଜୁଟ କରି ସଂଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରାଇବାରେ ଭକ୍ତଙ୍କୁ ବେଶ୍ ସଫଳତା ମିଳିଛି। ବିଶେଷକରି ନିଜର ୩୦ ଜଣିଆ ପିସିସି କାର୍ଯ୍ୟକର୍ତ୍ତା ଟିମ ଗଠନ କରି ବହୁ ହେଭିୱେଟ୍‌ଙ୍କୁ ପ୍ରଭାବହୀନ କରାଇଥିବା ଭକ୍ତ ବେଶ୍ ସୁନିୟୋଜିତ ରଣନୀତିରେ ଯୁବ ଓ ଅଭିଜ୍ଞ ନେତାମାନଙ୍କୁ ଧରି ରାଜ୍ୟରେ କଂଗ୍ରେସ ସଂଗଠନକୁ ଲୋକଙ୍କ ପାଖକୁ ନେବାରେ ଲାଗିଛନ୍ତି । ଭକ୍ତଙ୍କ ପାଇଁ ସବୁଠୁ ବଡ଼ ଅମୋଘ ଅସ୍ତ୍ର ପାଲଟିଛନ୍ତି ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଯିଏକି ଜଣେ ତୃଣମୂଳସ୍ତରର ସଂଗଠକ ଓ ଗାନ୍ଧୀ ପରିବାରର ଅତ୍ୟନ୍ତ ବିଶ୍ୱସ୍ତ ବୋଲି ଚର୍ଚ୍ଚା ହେଉଛି । ଓଡ଼ିଶାରେ ବିଜେଡ଼ିକୁ ମାତ୍ ଦେଇ ବିଜେପି ସରକାର ଗଢ଼ିବା ପରେ କଂଗ୍ରେସ ହାଇକମାଣ୍ଡଙ୍କ ନଜର ଦଳର ରାଜ୍ୟ ସଂଗଠନ ଉପରେ ପଡ଼ିଛି । ପ୍ରାୟ ତିନି ଦଶନ୍ଧି ପରେ ଅର୍ଥାତ୍ ୨୦୨୯ରେ ରାଜ୍ୟରେ ସରକାର ଗଢ଼ିବାର ରଣନୀତି ନେଇ ଦଳ ଏବେଠୁ ସଂଗଠନକୁ ସୁଦୃଢ଼ କରୁଥିବା ଜଣାପଡ଼ିଛି । ଦଳ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ସହ ପ୍ରଥମଥର ପାଇଁ ପ୍ରତ୍ୟେକ ସାଂଗଠନିକ ଜିଲ୍ଲାରେ ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛି । ଏଆଇସିସି ଦ୍ୱାରା ରାଜ୍ୟ ବାହାରର ୩୫ଜଣ କଂଗ୍ରେସ ନେତାଙ୍କୁ ଦଳର ସମସ୍ତ ୩୫ଟି ସାଂଗଠନିକ ଜିଲ୍ଲାର ଦାୟିତ୍ୱ ଦେଇ "ସଂଗଠନ ସୃଜନ ଅଭିଯାନ" ଜରିଆରେ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ରଣନୀତି ପ୍ରସ୍ତୁତ ହୋଇଛି । ତା'ଛଡ଼ା ରାଜ୍ୟର ବରିଷ୍ଠ ନେତାମାନଙ୍କ ସହ ଘନଘନ ବୈଠକ ଓ ସେମାନଙ୍କ ପରାମର୍ଶରେ ଦଳ ଆଗକୁ ବଢ଼ୁଥିବାରୁ କଂଗ୍ରେସ ଏବେ ସଠିକ୍ ମାର୍ଗରେ ଯାଉଥିବା ରାଜନୀତିକ ବିଶ୍ଳେଷକମାନେ ମତବ୍ୟକ୍ତ କରୁଛନ୍ତି ।

## ରାଜରାସ୍ତାରେ ସରକାର ସହ ମୁହାଁମୁହିଁ

ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ କେବଳ ସାଂଗଠନିକ ପରିବର୍ତ୍ତନରେ ସୀମିତ ନରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଜରାସ୍ତାକୁ ଓହ୍ଲାଉଛି। ଦଳ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଶାସକ ବିଜେପି ସରକାରଙ୍କୁ ଘେରିବା ଆରମ୍ଭ କରିଛି । ମହିଳା ସୁରକ୍ଷା ପ୍ରସଙ୍ଗରେ ବିଧାନସଭା ଘେରାଉଠାରୁ ଆରମ୍ଭ କରି "ସମ୍ବିଧାନ ବଂଚାଓ" ଆନ୍ଦୋଳନ ଓ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ 'ସଂକଳ୍ପ ପଦଯାତ୍ରା' ଆୟୋଜନ ସହିତ ବିଧାନସଭାରେ ଦଳର ବିଧାୟକମାନେ ଅଧିକ ସକ୍ରିୟ ହୋଇ ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଉଛନ୍ତି । କେବଳ ସେତିକି ନୁହେଁ; ରାଜ୍ୟରେ ବଢ଼ୁଥିବା ମହିଳା ହିଂସା ବିରୁଦ୍ଧରେ କଂଗ୍ରେସ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦେଇ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇପାରିଥିବା ଚର୍ଚ୍ଚା ହେଉଛି । ଦଳ ପ୍ରଥମଥର ପାଇଁ 'ନାରୀ ନ୍ୟାୟ' ରାଲି ଆୟୋଜନ କରିବା ସହ ମହିଳାଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ଏକ ୨୪ଘଣ୍ଟିଆ ଅଭିଯୋଗ ପ୍ରକୋଷ୍ଠ ଓ ମୋବାଇଲ୍ ଆପ୍ ଆରମ୍ଭ କରିବାକୁ ଯାଉଛି। ଏବେ ପୁଣି ଅକ୍ଟୋବର ୨ ତାରିଖରୁ ଦଳ ନିଜର ପଦଯାତ୍ରା ମାଧ୍ୟମରେ ଗାଁ ଗହଳିରେ ସଂଗଠନକୁ ସୁଦୃଢ଼ କରିବାର ରଣନୀତି ପ୍ରସ୍ତୁତ କରିଛି ।

## ବିଶ୍ୱସନୀୟତା ସଙ୍କଟରେ ବିଜେଡି: ଫାଇଦାରେ କଂଗ୍ରେସ

୨୦୨୪ ନିର୍ବାଚନରେ ପରାଜୟ ପରେ ବିଜେଡି ନିଜ ସଂଗଠନରେ ଅସ୍ଥିରତା ଓ ସାଧାରଣ ଲୋକଙ୍କ ବିଶ୍ୱାସ ହରାଇବାର ଦ୍ୱୈତ ସଙ୍କଟ ମଧ୍ୟଦେଇ ଗତି କରୁଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଓ ସାଂଗଠନିକ ନିଷ୍କ୍ରିୟତା ଏବେ ବିଜେଡ଼ିକୁ ଦୁର୍ବଳ କରୁଥିବାବେଳେ ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ମାତ୍ରାଧିକ ମାମଲତି ମଧ୍ୟ ବିଜେଡ଼ିରେ ଚରମ ଅସନ୍ତୋଷର କାରଣ ପାଲଟିଛି । ଦୀର୍ଘ ୧୦ ବର୍ଷ ଧରି 'ସମଦୂରତା' ନୀତିର ଡିଣ୍ଡିମ ପିଟୁଥିବା ବିଜେଡି କ୍ଷମତାରୁ ଗଲାପରେ ମଧ୍ୟ ବୁଲେଇ ବଙ୍କେଇ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ସମର୍ଥନ ଦେଇ ଚାଲିଛି । ନିକଟରେ ୱକଫ୍ ବିଲ୍ ହେଉ ଅବା 'ଅପରେସନ ସିନ୍ଦୂର' ଆଲୋଚନା ଏବଂ ଏବେ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ ଦେବାର ସମ୍ଭାବନା ହିଁ ବିଜେଡିର ବିଶ୍ୱସନୀୟତାକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି ଯାହାର ସିଧାସଳଖ ଫାଇଦା କଂଗ୍ରେସକୁ ମିଳିବାରେ ଲାଗିଛି । ଲୋକେ ଏବେ କଂଗେସକୁ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଭାବେ ବିବେଚନା କରିବା ଆରମ୍ଭ କଲେଣି । ବିଜେଡିର ଏହି ଦୁର୍ବଳ ସ୍ଥିତି ଏବଂ ଦଳ ବିଜେପିର 'ବି-ଟିମ୍' ବୋଲି ସାଧାରଣ ଲୋକଙ୍କ ମନରେ ଦାନା ବାନ୍ଧୁଥିବା ଧାରଣା କଂଗ୍ରେସ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି । ରାଜ୍ୟରେ ଏକ ଶକ୍ତିଶାଳୀ ବିରୋଧୀ ଦଳର ଅଭାବକୁ କଂଗ୍ରେସ ପୂରଣ କରିବାର କୌଣସି ସୁଯୋଗ ହାତଛଡ଼ା କରୁ ନ ଥିବା ଦେଖାଯାଉଛି । ଯେଉଁ ଭୋଟରମାନେ ବିଜେପି ବିରୋଧୀ କିନ୍ତୁ ବିଜେଡି ଉପରେ ଆଉ ଭରସା କରିପାରୁ ନାହାନ୍ତି, ସେମାନଙ୍କ ପାଇଁ କଂଗ୍ରେସ ଏକ ବିକଳ୍ପ ଭାବେ ଉଭା ହେଉଛି ।

## ରାଜ୍ୟରେ କଂଗ୍ରେସର ଭବିଷ୍ୟତ

ରାଜନୈତିକ ବିଶ୍ଳେଷକମାନଙ୍କ ମତରେ ଓଡ଼ିଶାରେ ବିରୋଧୀ ଦଳର ଏକ ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ଯାହାକୁ ପୂରଣ କରିବାର କ୍ଷମତା କଂଗ୍ରେସ ପାଖରେ ରହିଛି । ବିଜେପି ସରକାର ବିଭିନ୍ନ ବିବାଦରେ ଛନ୍ଦି ହୋଇଥିବା ବେଳେ ମୁଖ୍ୟ ବିରୋଧୀ ଦଳ ବିଜେଡି ନିଜର ଭୂମିକା ତୁଲାଇବା ସ୍ଥିତିରେ ନାହିଁ । ଏଭଳି ପରିସ୍ଥିତିରେ, କଂଗ୍ରେସର ସକ୍ରିୟତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ରାଜ୍ୟ କଂଗ୍ରେସ ନେତାମାନେ ନିଜର ପୁରୁଣା ଗୋଡ଼ଟଣା ନୀତିକୁ ଲୁଚାଛପାରେ କାର୍ଯ୍ୟକାରୀ ନ କରି ଭକ୍ତଙ୍କୁ ସହଯୋଗର ହାତ ବଢ଼ାଇବା ମଧ୍ୟ ଦଳ ପାଇଁ ଏକ ଶୁଭ ସଙ୍କେତ । ଗୋଟିଏ ପଟେ କଂଗ୍ରେସ ଭକ୍ତଙ୍କ ନେତୃତ୍ୱରେ ପୂରା ଦମରେ ବଳ ଗୋଟାଇ ଆଗକୁ ଅଗ୍ରସର ହେଉଥିବାବେଳେ ଅନ୍ୟପଟେ ବିଜେଡି ନିଜର ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି । ଯଦି କଂଗ୍ରେସ ଏହି ଗତିକୁ ବଜାୟ ରଖିପାରେ ଏବଂ ଲୋକଙ୍କ ବିଶ୍ୱାସ ଜିତିପାରେ, ତେବେ ଆଗାମୀ ଦିନରେ କଂଗ୍ରେସ ରାଜ୍ୟ ରାଜନୀତି ଓ ଶାସନରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ଆକଳନ କରାଯାଉଛି । ସୂଚନାଯୋଗ୍ୟ, ୨୦୨୪ ବିଧାନସଭା ନିର୍ବାଚନରେ କଂଗ୍ରେସ ରାଜ୍ୟରେ ପୂର୍ବ ନିର୍ବାଚନରୁ ୨.୮୬ ପ୍ରତିଶତ କମ୍ ଭୋଟ୍ ପାଇ ମଧ୍ୟ ଅଧିକ ୫ଟି ବିଧାନସଭା ଆସନ ହାତେଇ ପାରିଛି । ଦଳକୁ ୨୦୧୯ ନିର୍ବାଚନରେ ୧୬.୧୨% ଭୋଟ୍ ସହ ମାତ୍ର ୯ଟି ଆସନ ମିଳିଥିଲା । ମାତ୍ର ୨୦୨୪ ନିର୍ବାଚନରେ ଦଳ ମୋଟ ୧୩.୨୬% ଅର୍ଥାତ୍ ୩୧,୪୭,୭୪୪ ଖଣ୍ଡ ଭୋଟ ପାଇଛି। ସେହିପରି ଲୋକସଭା ନିର୍ବାଚନରେ ଦଳ ନିଜର କୋରାପୁଟ ଆସନକୁ ବଜାୟ ରଖିପାରିଛି । ବିଜେଡି ସବୁ ଲୋକସଭାରୁ ମୂଳପୋଛ ହୋଇଥିବାବେଳେ କଂଗ୍ରେସ ୧୨.୫୨% ଭୋଟ ଅର୍ଥାତ୍ ୩୧.୩୦ଲକ୍ଷ ଭୋଟ୍ ପାଇଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି । ୨୦୧୭ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ପାଲଟିଥିବା ବିଜେପି ୨୦୨୪ରେ ରାଜ୍ୟରେ ସରକାର ଗଢ଼ିବାରେ ସକ୍ଷମ ହୋଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବାର ଆଶା ରଖିଛି।

ଆଗାମୀ ନିର୍ବାଚନକୁ ନୂଆ ଢାଞ୍ଚାରେ ଲଢ଼ିବାକୁ କଂଗ୍ରେସ କାର୍ଯ୍ୟ ଆରମ୍ଭ କରିଛି। ପଞ୍ଚାୟତ ନିର୍ବାଚନରେ ସଫଳତାକୁ ପ୍ରାର୍ଥୀତ୍ୱର ମାନଦଣ୍ଡ ସହ ଯୋଡ଼ିଛି ଦଳ। ସେଥିପାଇଁ ପୂର୍ବ ନିର୍ବାଚନରେ କଂଗ୍ରେସର ଯେଉଁ ପ୍ରାର୍ଥୀମାନେ ୧୦ ପ୍ରତିଶତରୁ ଅଧିକ ଭୋଟ ପାଇଛନ୍ତି ସେମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବା ସହ ସେମାନଙ୍କୁ ନିର୍ବାଚନମଣ୍ଡଳୀରେ ଲୋକ ସଂପର୍କ ବୃଦ୍ଧି ଓ ସମସ୍ୟା ସହ ଜଡ଼ିତ ହେବାକୁ ୬ ମାସିଆ କଣ୍ଟ ଦିଆଯାଇଛି। ପ୍ରତି ମାସରେ ଏହାର ସମୀକ୍ଷା ହେବ। ୬ ମାସରେ ପିସିସି ଏହାର ସମୀକ୍ଷା କରିବ। କାମ ଦେଖି ଆଗକୁ ସେମାନେ ନିର୍ବାଚନମଣ୍ଡଳୀର ନେତୃତ୍ୱ ନେବେ କି ନାହିଁ ନିର୍ଦ୍ଧାରଣ କରାଯିବ।

**-ସୁଦର୍ଶନ ଦାସ, କଂଗ୍ରେସ ବିଧାୟକ ପ୍ରାର୍ଥୀ, ଜଳେଶ୍ୱର**

କଂଗ୍ରେସର ଏହି ନେତାମାନେ ନିର୍ବାଚନମଣ୍ଡଳୀ ସ୍ତରରେ ଭୋଟ ଚୋରି, ସମ୍ବିଧାନ ବଞ୍ଚାଅ, ରାଜ୍ୟ ଓ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରଙ୍କ ବିଫଳତା ଓ ସର୍ବୋପରି ରାହୁଲଙ୍କ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବେ। ପ୍ରତ୍ୟେକ ଅଞ୍ଚଳର ସ୍ଥାନୀୟ ସମସ୍ୟାକୁ ନେଇ ଲୋକଙ୍କ ସହ ଯୋଡି ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ପଂଚାୟତ ନିର୍ବାଚନରେ ଭୋଟ ପ୍ରତିଶତ ବଢ଼ାଇବା ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଛି। ପଞ୍ଚାୟତ ନିର୍ବାଚନରେ ହାରିଲେ ମଧ୍ୟ ପ୍ରାର୍ଥୀଙ୍କ ଲୋକପ୍ରିୟତାକୁ ପରଖା ଯିବ। ଏଥିପାଇଁ ଖୁବ ଶୀଘ୍ର ଟିମ୍ ଗଠନ ହେବ।

**-ନିଶିକାନ୍ତ ମିଶ୍ର, କଂଗ୍ରେସ ନେତା**

# ଟ୍ରମ୍ପଙ୍କୁ ମାତ୍ ଦେବାକୁ ବ୍ରିକ୍ସ ଦେଶଙ୍କ ସଜବାଜ



ସରଳ କୁମାର ଦାସ

ଅଗଷ୍ଟ 7 ତାରିଖରେ ଆମେରିକା ଭାରତ ଉପରେ ଶୁଳ୍କକୁ 50 ପ୍ରତିଶତ ଯାଏଁ ବଢ଼ାଇବ ବୋଲି ଘୋଷଣା ପରେ ବ୍ରିକସ ଦେଶଗୁଡ଼ିକରେ ଗତିବିଧି ବଢ଼ିଗଲା। ବ୍ରାଜିଲର ରାଷ୍ଟ୍ରପତି ତଥା ବ୍ରିକସ୍ ଗୋଷ୍ଠୀର ଅଧ୍ୟକ୍ଷ ଲୁଲା ଦା ସିଲଭା ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଫୋନ ଯୋଗେ କଥା ହୋଇ ପରିସ୍ଥିତିର ମୁକାବିଲା କରିବା ପାଇଁ ବ୍ରିକସ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦେଲେ। ସେ ଚୀନ୍‌ର ରାଷ୍ଟ୍ରପତି ଓ ଅନ୍ୟ ରାଷ୍ଟ୍ରମୁଖ୍ୟମାନଙ୍କ ସହିତ ମଧ୍ୟ କଥାବାର୍ତ୍ତା ହେଲେ। ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ରାମାଫୋସା, ରୁଷିଆର ରାଷ୍ଟ୍ରପତି ପୁଟିନ ମଧ୍ୟ ମୋଦୀଙ୍କ ସହ ବାର୍ତ୍ତାଳାପ କଲେ। ଇତିମଧ୍ୟରେ ଭାରତର ବିଦେଶ ମନ୍ତ୍ରୀଙ୍କ ଚୀନ୍ ଗସ୍ତ ଓ ଚୀନ୍‌ର ବିଦେଶ ମନ୍ତ୍ରୀଙ୍କ ଭାରତ ଗସ୍ତ, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କ ମସ୍କୋ ଗସ୍ତ ଆଦି ସେହି ସହଯୋଗ ବୃଦ୍ଧି ପାଇଁ ରଣନୀତିର ଅଂଶ ବିଶେଷ। ଏ ଦୃଷ୍ଟିରୁ ଏଇ ମାସ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚୀନ୍ ଗସ୍ତ ଓ ପରେ ପରେ ପୁଟିନଙ୍କ ଭାରତ ଗସ୍ତର ଯଥେଷ୍ଟ ଗୁରୁତ୍ୱ ରହିଛି। ବ୍ରିକସ୍ ଗୋଷ୍ଠୀର ନେତାମାନଙ୍କ ସଜବାଜରୁ ମନେହେଉଛି ଯେମିତି ସେମାନେ ଟ୍ରମ୍ପଙ୍କ ବାଣିଜ୍ୟ ନୀତିର ମୁକାବିଲା କରିବା ପାଇଁ ସଙ୍କଳ୍ପବଦ୍ଧ।

2001 ମସିହାରେ 'ଗୋଲ୍ଡମ୍ୟାନ୍ ସାକସ୍' ରେଟିଂ ସଂସ୍ଥାର ଅର୍ଥନୀତିଜ୍ଞ ଜିମ୍ ଓ ନିଲ୍ ବ୍ରାଜିଲ, ରୁଷିଆ, ଭାରତ ଓ ଚୀନ୍ ଦେଶଗୁଡ଼ିକର ବୃହତ୍ ବୈଶ୍ୱିକ ଅର୍ଥନୈତିକ ଶକ୍ତି ହେବାର ସମ୍ଭାବନାକୁ ଦର୍ଶାଇ ସେହି ଦେଶଗୁଡ଼ିର ନାମର ଆଦ୍ୟ ଅକ୍ଷରକୁ ନେଇ ପ୍ରଥମେ 'ବ୍ରିକ୍' ଭଳି ଏକ ସଂକ୍ଷିପ୍ତ ଶବ୍ଦ (ଆକ୍ରୋନିମ୍)ର ଗଠନ କରିଥିଲେ। ତାଙ୍କ ଅନୁଯାୟୀ ଅର୍ଥନୈତିକ ଦୃଷ୍ଟିରୁ ଭବିଷ୍ୟତରେ ଏହି ଦେଶଗୁଡ଼ିକ ଏତେ ଶକ୍ତିଶାଳୀ ହେବେ ଯେ ସେମାନେ ଜି-7 ଗୋଷ୍ଠୀର ଦେଶଗୁଡ଼ିକୁ ପଛରେ ପକାଇଦେବା କିଛି ବିଚିତ୍ର ନୁହେଁ। ଏହାର 8 ବର୍ଷ ପରେ 2009 ମସିହାରେ ଉପରୋକ୍ତ ଚାରିଟି ଦେଶ ଏକତ୍ର ମିଶି 'ବ୍ରିକ୍' ଗୋଷ୍ଠୀ ଗଠନ କରିଥିଲେ ଓ ଏହାର ପ୍ରଥମ ଶିଖର ସମ୍ମିଳନୀ ସେହି ବର୍ଷ ଅନୁଷ୍ଠିତ ହୋଇଥିଲା। ଏହାର ଦୁଇ ବର୍ଷ ପରେ ସେଥିରେ ଦକ୍ଷିଣ ଆଫ୍ରିକା ଯୋଗଦେବା ପରେ ଏହାର ନାମ ଶେଷରେ 'ଏସ୍' ଅକ୍ଷରଟି ଯୋଡ଼ାଯାଇ ଏହା 'ବ୍ରିକସ୍' ଗୋଷ୍ଠୀ ଭାବେ ପରିଚିତ ହେବାକୁ ଲାଗିଲା। ଇତିମଧ୍ୟରେ ସାଉଦି ଆରବ, ମିଶର (ଇଜିପ୍ଟ), ଇଣ୍ଡୋନେସିଆ, ଇରାନ, ଇଥିଓପିଆ, ୟୁଏଇ ଭଳି ଅନ୍ୟ 6ଟି ଦେଶ ଏଥିରେ ସାମିଲ ହୋଇଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ସହଯୋଗ ବୃଦ୍ଧି କରିବା ସହ ଅନ୍ତରାଷ୍ଟ୍ରୀୟ ଶାସନ କ୍ଷେତ୍ରରେ ଦକ୍ଷିଣ ବିଶ୍ୱ (ଗ୍ଲୋବାଲ ସାଉଥ୍) ଦେଶଗୁଡ଼ିକର ପ୍ରଭାବ ବୃଦ୍ଧି ପାଇଁ ପ୍ରୟାସ କରିବା ବ୍ରିକସ୍ ଗୋଷ୍ଠୀର ମୂଳ ଉଦ୍ଦେଶ୍ୟ। ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ବିଶ୍ୱ ଜନସଂଖ୍ୟାର 46 ପ୍ରତିଶତ ଲୋକ ବ୍ରିକସ୍ ଦେଶଗୁଡ଼ିକରେ ବସବାସ କରୁଥିବା ବେଳେ ସମୁଦାୟ ବିଶ୍ୱ ଜିଡ଼ିପିର ପ୍ରାୟ 36 ପ୍ରତିଶତ ଏହି ଦେଶଗୁଡ଼ିକ ନିକଟରେ ରହିଛି। ତେଣୁ ଟ୍ରମ୍ପଙ୍କ ମନୋମୁଖୀ ବାଣିଜ୍ୟ ଓ ଅର୍ଥନୈତିକ ନୀତି ଜନିତ ଚାପର କାଟ ଖୋଜିବାକୁ ବ୍ରିକସ୍ ଦେଶଗୁଡ଼ିକ ତତ୍ପର ହେବା ସ୍ୱାଭାବିକ।

ବ୍ରିକସ୍‌ର କାର୍ଯ୍ୟକ୍ରମ ଓ ଗତିବିଧି ଆମେରିକା ସ୍ୱାର୍ଥବିରୋଧୀ ବୋଲି ଟ୍ରମ୍ପ ମନେକରନ୍ତି। ବିଶେଷ କରି ଏହାଦ୍ୱାରା ଏକ ବିକଳ୍ପ ବିନିମୟ ମୁଦ୍ରାର ପ୍ରଚଳନ ହେଲେ ଆମେରିକୀୟ ଡଲାରର ଗୁରୁତ୍ୱ ଯଥେଷ୍ଟ ହ୍ରାସ ପାଇବାର ଆଶଙ୍କା ରହିଥିବାରୁ ସେ କ୍ଷୁବ୍ଧ। ତେବେ ଡଲାରର ଗୁରୁତ୍ୱକୁ ଅତୁଟ ରଖି ବ୍ରିକସ୍ ମୁଦ୍ରା ଆଡୁ ସମ୍ଭାବ୍ୟ ବିପଦର ଆଶଙ୍କାକୁ ଏଡ଼ାଇବା ଲାଗି ସେ 'କ୍ରିପଟୋ କରେନ୍ସି'କୁ ଗୁରୁତ୍ୱ ଦେବା ସହ ଆମେରିକାକୁ ବିଶ୍ୱର କ୍ରିପଟୋ କରେନ୍ସିର ରାଜଧାନୀ ରୂପେ ଗଢ଼ି ତୋଳିବା ଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି। ନିକଟରେ ଏକ ଶାସକୀୟ ଆଦେଶ ବଳରେ ସେ 401(କେ) ଅଧୀନସ୍ଥ ଅବସରକାଳୀନ ପାଣ୍ଠିଗୁଡ଼ିକୁ କ୍ରିପଟୋ କରେନ୍ସି, ଘରୋଇ ଅଂଶଧନ ଓ ରିଅଲ୍ ଇଷ୍ଟେଟ୍ ଭଳି ଅନ୍ୟାନ୍ୟ ବିକଳ୍ପ ସମ୍ପତ୍ତିରେ ବିନିଯୋଗ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ବିଶ୍ୱର ଅନେକ ଦେଶ ଏବେ କ୍ରିପଟୋ କରେନ୍ସି ଭଳି ଡିଜିଟାଲ ମୁଦ୍ରା ପ୍ରତି ଆକର୍ଷିତ ହେଉଥିବାରୁ କ୍ରିପଟୋ କରେନ୍ସି ବଜାରକୁ ନିୟନ୍ତ୍ରଣ କରିବା ଆମେରିକାର ଏକ କୌଶଳଗତ ନିର୍ଣ୍ଣୟ ହୋଇପାରେ।




ଏତଦ୍‌ଭିନ୍ନ ବ୍ରିକସରେ ଥିବା ଅନେକ ଦେଶ ବା ଦେଶର ରାଷ୍ଟ୍ରମୁଖ୍ୟଙ୍କ ପ୍ରତି ଟ୍ରମ୍ପଙ୍କର ଥିବା ବ୍ୟକ୍ତିଗତ ଦ୍ୱେଷ ମଧ୍ୟ ଏହି ଦେଶଗୁଡ଼ିକ ପ୍ରତି ତାଙ୍କର ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣର କାରଣ ହୋଇଛି। ଉଦାହରଣ ସ୍ୱରୂପ ବ୍ରାଜିଲ ଉପରେ ସର୍ବାଧିକ 50 ପ୍ରତିଶତ ଶୁଳ୍କ ଲଗାଯିବା ପଛର କାରଣ ବାଣିଜ୍ୟିକ ନୁହେଁ। କାରଣ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ମୋଟାମୋଟି ସନ୍ତୁଳିତ। ଏହା ସତ୍ତ୍ୱେ ବ୍ରାଜିଲ ଉପରେ ଅତ୍ୟଧିକ ଟାରିଫ୍ ଲଗାଯିବାକୁ ରାଜନୈତିକ ପ୍ରତିଶୋଧ ବୋଲି ବିବେଚନା କରାଯାଉଛି। 2022 ମସିହାରେ ବ୍ରାଜିଲରେ ଅନୁଷ୍ଠିତ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ତତ୍କାଳୀନ ରାଷ୍ଟ୍ରପତି ବୋଲସୋନାରୋ ଏବର ରାଷ୍ଟ୍ରପତି ଲୁଲା ଦା ସିଲଭାଙ୍କ ନିକଟରୁ ପରାଜିତ ହେଲେ। ଏହା ପରେ ସେ ତାଙ୍କୁ ଗାଦିଚ୍ୟୁତ କରିବାର ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହେଉଛି। ସେଠାକାର ସୁପ୍ରିମ କୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ ହେଉଥିଲେ ବି ବୋଲସୋନାରୋ ଟ୍ରମ୍ପଙ୍କର ପ୍ରଶଂସକ ଓ ନିକଟତର ହୋଇଥିବାରୁ ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରି ତାଙ୍କୁ ଦୋଷମୁକ୍ତ କରିବା ଲାଗି ଆମେରିକା ବ୍ରାଜିଲ ଉପରେ ଚାପ ପକାଇବା ଲାଗି ଉଚ୍ଚ ଶୁଳ୍କ ଲଗାଇଛି ବୋଲି କୁହାଯାଉଛି। ପ୍ରତିକ୍ରିୟା ସ୍ୱରୂପ ବ୍ରାଜିଲର ରାଷ୍ଟ୍ରପତି ଲୁଲା ମଧ୍ୟ ଆମେରିକା ସହ ବାଣିଜ୍ୟ ଚୁକ୍ତି ଲାଗି କୌଣସି ଆଗ୍ରହ ଦେଖାଉନାହାନ୍ତି କି ଟ୍ରମ୍ପଙ୍କ ସହ ଫୋନରେ ମଧ୍ୟ କଥାବାର୍ତ୍ତା ହେଉନାହାନ୍ତି। ଫଳରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଅଧିକ ତିକ୍ତ ହୋଇଚାଲିଛି। ଦ୍ୱିତୀୟ ଦଫା ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଟ୍ରମ୍ପ ଏକ ଲାଲ ଟୋପି ପିନ୍ଧୁଛନ୍ତି ଯେଉଁଥିରେ 'ପୁଣିଥରେ ଆମେରିକାକୁ ମହାନ କର' ବୋଲି ଲେଖା ହୋଇଛି। ବ୍ରାଜିଲର ରାଷ୍ଟ୍ରପତି ଲୁଲା ମଧ୍ୟ ଠିକ୍ ଏକା ରକମର ନୀଳ ଟୋପିଟିଏ ପିନ୍ଧୁଛନ୍ତି ଯେଉଁଥିରେ ଲେଖା ହୋଇଛି, 'ବ୍ରାଜିଲ କେବଳ ବ୍ରାଜିଲ ଅଧିବାସୀଙ୍କର'। ଏହା ନିଶ୍ଚିତ ରୂପେ କିଛି ବାର୍ତ୍ତା ଦେଉନାହିଁ କି?

କ୍ଷମତାକୁ ଆସିଲେ ତିନି ବର୍ଷ ଧରି ଲାଗି ରହିଥିବା ରୁଷିଆ-ୟୁକ୍ରେନ ଯୁଦ୍ଧକୁ ତୁରନ୍ତ ବନ୍ଦ କରିଦେବେ ବୋଲି ଟ୍ରମ୍ପ ଦାବି କରୁଥିଲେ। ଏହା ସତ୍ତ୍ୱେ ଯୁଦ୍ଧ ବନ୍ଦ ନ ହେବା ତାଙ୍କର ହତାଶାର କାରଣ ପାଲଟିବା ସହ ପୁଟିନଙ୍କ ସହ ତାଙ୍କର ସମ୍ପର୍କରେ ଦୂରତା ବୃଦ୍ଧି କଲା। ତେବେ ବିଭିନ୍ନ କଟକଣା ସତ୍ତ୍ୱେ ରୁଷିଆକୁ ଆର୍ଥିକ ଦୃଷ୍ଟିରୁ ଏଯାଏଁ ଦୁର୍ବଳ କରାଯାଇପାରି ନାହିଁ। ବର୍ତ୍ତମାନ ରୁଷିଆ ଉପରେ ମାତ୍ର 10 ପ୍ରତିଶତ ଶୁଳ୍କ ଲାଗୁଛି। ଯୁଦ୍ଧ ବନ୍ଦ ନ ହେଲେ ଅଗଷ୍ଟ 27ରୁ 100 ପ୍ରତିଶତ ଲାଗିବ ବୋଲି ଟ୍ରମ୍ପ ଘୋଷଣା କରିଥିଲେ। ତେବେ ଅଗଷ୍ଟ 15 ତାରିଖ ଦିନ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ଆଲାସ୍କାଠାରେ ହୋଇଥିବା ଶିଖର ବାର୍ତ୍ତାଳାପ ପରେ ଉଭୟ ନେତାଙ୍କ ମଧ୍ୟରେ ତିକ୍ତତା ହ୍ରାସ ପାଇବା ସହ ଯୁଦ୍ଧ ବନ୍ଦ ହେବା ନେଇ ଆଶା ଉଜ୍ଜୀବିତ ହୋଇଛି। ତାହା ହେଲେ ବିଶ୍ୱ ବାଣିଜ୍ୟରେ ସୃଷ୍ଟ ଅସ୍ଥିରତାର ଅବସାନ ଘଟିପାରେ।

ଭାରତ ରୁଷିଆରୁ ତେଲ ଓ ଯୁଦ୍ଧ ଉପକରଣ କିଣିବା ଆମେରିକା ଦ୍ୱାରା ଗ୍ରହଣୀୟ ହେଉନାହିଁ। ଭାରତ ଉପରେ ଅଗଷ୍ଟ 27ରୁ ଅତିରିକ୍ତ 25 ପ୍ରତିଶତ ଶୁଳ୍କ ଲାଗୁ ହେବାକୁ ଥିଲା। ତେବେ ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ଆଲାସ୍କାଠାରେ ଶିଖର ବାର୍ତ୍ତାଳାପ ପରେ ଏହା ଲାଗି ନ ପାରେ ବୋଲି ସୂଚନା ମିଳୁଛି। କିନ୍ତୁ ବାଣିଜ୍ୟ ବାର୍ତ୍ତାଳାପ ଲାଗି ଭାରତକୁ ଆସିବାକୁ ଥିବା ଆମେରିକୀୟ ପ୍ରତିନିଧି ମଣ୍ଡଳର ଗସ୍ତ ବାତିଲ ହେବା ସେହି ଅତିରିକ୍ତ ଶୁଳ୍କ ଲାଗୁ ହେବାର ଅନିଶ୍ଚିତତାକୁ ବଢ଼ାଇ ଦେଇଛି। ଆମେରିକା ମନେ କରେ ଯେ ଭାରତ ଏକ କୌଶଳଗତ ସହଯୋଗୀ (ଷ୍ଟ୍ରାଟେଜିକ ପାର୍ଟନର) ଦେଶ ହୋଇଥିବାରୁ ଆମେରିକା ସ୍ୱାର୍ଥର ପରିପନ୍ଥୀ କୌଣସି କାର୍ଯ୍ୟ ବା ଆଚରଣ ତାଠାରୁ ଆଶା କରାଯାଏ ନାହିଁ।

ବିଭିନ୍ନ ଭୂ-ରାଜନୈତିକ କାରଣ ଯୋଗୁଁ ଚୀନ୍ ସହ ଆମେରିକାର ସମ୍ପର୍କ ଉତ୍ତମ ନୁହେଁ। ତଥାପି ଆମେରିକା ହେଉଛି ଚୀନ୍‌ର ସର୍ବବୃହତ୍ ବାଣିଜ୍ୟ ସହଯୋଗୀ ଦେଶ। 2024 ମସିହାରେ ଆମେରିକା ଚୀନ୍‌ରୁ 43870 କୋଟି ଡଲାର ମୂଲ୍ୟର ପଣ୍ୟ ଆମଦାନୀ କରିଥିବା ବେଳେ ମାତ୍ର 14490 କୋଟି ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନୀ କରିଥିଲା। ଆମେରିକାରେ ଚୀନ୍ ସାମଗ୍ରୀର ପ୍ରବେଶ ଲାଗି ଅବରୋଧ ସୃଷ୍ଟି କରି ଆମେରିକାର ଉତ୍ପାଦନ (ମାନୁଫେକଚରିଂ) କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆମେରିକା ଚୀନ୍ ଉପରେ ପ୍ରଥମେ 145 ପ୍ରତିଶତର ଟାରିଫ ଲଗାଇଲା। ଚୀନ୍ ମଧ୍ୟ ପ୍ରତିଶୋଧମୂଳକ ଭାବେ 125 ପ୍ରତିଶତ ଟାରିଫ ଲଗାଇବାକୁ ଘୋଷଣା କଲା। ଏହାର କୁପ୍ରଭାବ ଆମେରିକୀୟ ଖାଉଟିଙ୍କ ଉପରେ ପଡ଼ିବାକୁ ଯାଉଥିବାରୁ ଏହି ଉଚ୍ଚ ଟାରିଫ ହାରକୁ ପ୍ରତ୍ୟାହାର କରାଗଲା। ବର୍ତ୍ତମାନ ଚୀନ୍‌ରୁ ଆମେରିକାକୁ ହେଉଥିବା ରପ୍ତାନୀ ଉପରେ 30 ପ୍ରତିଶତ ଟାରିଫ ଲାଗୁଥିଲାବେଳେ ଆମେରିକାରୁ ହେଉଥିବା ରପ୍ତାନୀ ଉପରେ ଚୀନ୍ 10 ପ୍ରତିଶତ ଶୁଳ୍କ ଲଗାଉଛି। ଆମେରିକା ସହ ଚୀନ୍ ଟକ୍କର ଦେବାର ସ୍ଥିତିରେ ଆସିପାରିବାର କାରଣ ହେଉଛି ଏହାର ବଳିଷ୍ଠ ମାନୁଫେକଚରିଂ କ୍ଷେତ୍ର।

ଦକ୍ଷିଣ ଆଫ୍ରିକା ଉପରେ ଆମେରିକା 30 ପ୍ରତିଶତ ଟାରିଫ ଲଗାଇବା ପରେ ସେଠାରେ ପ୍ରାୟ 30000 ନିଯୁକ୍ତି ହ୍ରାସ ପାଇବାର ଅନୁମାନ କରାଯାଉଛି। ସେଠାରୁ ବିଭିନ୍ନ ଦେଶକୁ ହେଉଥିବା ରପ୍ତାନୀରେ ଆମେରିକାର ସ୍ଥାନ ତୃତୀୟ ସର୍ବବୃହତ୍। ତେବେ ଉଭୟ ଦେଶ ମଧ୍ୟରେ ତିକ୍ତତାର ମୁଖ୍ୟ କାରଣ ବାଣିଜ୍ୟିକ ନୁହେଁ। ବର୍ଣ୍ଣ ବୈଷମ୍ୟ ପ୍ରଥା ଦୂର ହେବାର 30 ବର୍ଷ ପରେ ମଧ୍ୟ ସେଠାରେ ଏପରି କିଛି ଆଇନ ପ୍ରଚଳିତ ଅଛି ଯଦ୍ଦ୍ୱାରା ସେଠାରେ ମୁକ୍ତ ବାଣିଜ୍ୟ ସମ୍ଭବ ହେଉନାହିଁ ବୋଲି ଆମେରିକାର ଅଭିଯୋଗ। ଦକ୍ଷିଣ ଆଫ୍ରିକାର ସରକାର ସେଠାକାର ଶ୍ୱେତାଙ୍ଗଙ୍କୁ ଜାଣିଶୁଣି ହଇରାଣ କରୁଛନ୍ତି। ଏପରିକି ଗାଜା ପ୍ରସଙ୍ଗରେ ଇସ୍ରାଏଲ ବିରୋଧରେ ଗଣସଂହାର ଅଭିଯୋଗ ଆଣି ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ)ର ଦ୍ୱାରସ୍ଥ ହେବା ଓ ଇରାନ ସହ ସମ୍ପର୍କକୁ ଘନିଷ୍ଠ କରିବାକୁ ଆମେରିକା ସହଜରେ ଗ୍ରହଣ କରିପାରୁନାହିଁ। ରାଷ୍ଟ୍ରପତି ସିରିଲ୍ ରାମାଫୋସାଙ୍କ ସହ ସମ୍ପର୍କ ଏତେ ନିମ୍ନଗାମୀ ହେଲାଣି ଯେ ଦକ୍ଷିଣ ଆଫ୍ରିକାର ଅଧ୍ୟକ୍ଷତାରେ ହେଉଥିବା ଜି-20ର ବିଭିନ୍ନ ବୈଠକରେ ଯୋଗ ଦେବାକୁ ମଧ୍ୟ ଆମେରିକା ବରିଷ୍ଠ ଅଧିକାରୀମାନଙ୍କୁ ପଠାଉନାହିଁ।

ବ୍ରିକସ୍‌ର ଅନ୍ୟ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଇଜିପ୍ଟ ଓ ସାଉଦି ଆରବ ଆମେରିକାର କୌଶଳଗତ ଅଂଶୀଦାର (ଷ୍ଟ୍ରାଟେଜିକ ପାର୍ଟନର) ହୋଇଥିଲେ ବି କିଛି ପ୍ରସଙ୍ଗରେ ସେମାନଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ମଧ୍ୟ ପ୍ରାଚ୍ୟରେ ସାଉଦି ଆରବ ହେଉଛି ଆମେରିକାର ସବୁଠୁ ବଡ଼

▶ଅବଶିଷ୍ଟ ପୃଷ୍ଠା ୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ସମଗ୍ରୀ ଉପରେ ୨୫% ଟାରିଫ୍ ଘୋଷଣା କଲେ। ଏହାପରେ ଋଷଠାରୁ ଭାରତ ଅଶୋଧିତ ପେଟ୍ରୋଲିୟମ୍ କିଣା ବନ୍ଦ ନକଲେ ଟାରିଫ୍ ୫୦%କୁ ବଢ଼ିବ ବୋଲି ଧମକ ଦେଲେ। ଟମ୍ପଙ୍କ ଏଭଳି କଠୋର ଆଭିମୁଖ୍ୟ ପରୋକ୍ଷରେ ଭାରତ ପାଇଁ ଆଶୀର୍ବାଦ ହେବ ବୋଲି ଆମେରିକା ସମେତ ବିଶ୍ୱର ଅଭିଜ୍ଞ କୂଟନୀତିଜ୍ଞମାନେ ଯେଉଁ ପୂର୍ବାନୁମାନ କରିଥିଲେ ତାହା କ୍ରମଶଃ ବାସ୍ତବ ରୂପ ନେବାକୁ ଯାଉଛି। ଇତିମଧ୍ୟରେ

## ଭାରତ ହାତରେ ଚୀନ୍‌ର ପରମାଣୁ ଗତିବିଧି ତଥ୍ୟ



# ଚୀନ୍‌ର ବୁଝାମଣା, ଟ୍ରମ୍ପଙ୍କୁ ଜବାବ

ସ୍ୱିଜରଲ୍ୟାଣ୍ଡ ଠାରୁ ଆରମ୍ଭ କରି ଚୀନ୍ ସମେତ ସାଂଘାଇ ସହଯୋଗ ସଂଗଠନର ୧୦ଟି ସଦସ୍ୟ ରାଷ୍ଟ୍ର ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ଲାଗି ଅନୁକୂଳ ଆଭିମୁଖ୍ୟ ଗ୍ରହଣ କରୁଥିବା ସୂଚନା ମିଳିଛି। ଗତ ଜୁଲାଇ ୧୪ରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ୍ ଜୟଶଙ୍କର ଚୀନ୍ ଗସ୍ତ କରି ସେ ଦେଶର ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ଇ ଅନ୍, ଚୀନ୍‌ର ଅନ୍ତର୍ଜତୀୟ ବିଭାଗ ମନ୍ତ୍ରୀ ଲିୟୁ ଜିଆନ୍‌ଚୁ ଏବଂ ଉପରାଷ୍ଟ୍ରପତି ହାନ୍ ଝେଙ୍ଗ୍‌ଙ୍କ ସହ ସାକ୍ଷାତ-ଆଲୋଚନା କରିଥିଲେ। ଦ୍ୱିପାକ୍ଷିକ ସହଯୋଗର ପ୍ରଥମ ପଦକ୍ଷେପ ସ୍ୱରୂପ ଉଭୟ ଦେଶ ସୀମା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଅଗ୍ରସର ହେବାକୁ ସମ୍ମତି ପ୍ରକାଶ କରିଥିଲେ। ଏଥିସହ କୈଳାସ-ମାନସରୋବର ଯାତ୍ରାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଚୀନ୍ ରାଜି ହୋଇଥିଲା। ଏହାଛଡ଼ା ଉଭୟ ଦେଶ ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧି ସକାଶେ ଚୀନ୍ ଅନୁକୂଳ ମତପୋଷଣ କରିଥିଲା।

ଅଗଷ୍ଟ ୧୭ରେ ଚୀନ୍ ବୈଦେଶିକ ମନ୍ତ୍ରୀ ଦୁଇ ଦିନିଆ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବା ପୂର୍ବରୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଓ ଜାତୀୟ ନିରାପତ୍ତା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଭାରତ-ଚୀନ ସୀମା ବିବାଦରେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଉଭୟ ପକ୍ଷ ରାଜି ହୋଇଥିବା ବେଳେ ସମନ୍ୱୟଭିତ୍ତିରେ ଏହାକୁ ଆଗେଇ ନେବାପାଇଁ ଉଭୟ ଦେଶର ବିଶେଷଜ୍ଞ କମିଟି କାର୍ଯ୍ୟାନ୍ୱୟନ ପନ୍ଥା ସ୍ଥିର କରିବାକୁ ନିଷ୍ପତ୍ତି ହୋଇଛି। ଦୁଇ ଦେଶର ସୀମାନ୍ତବର୍ତ୍ତୀ ଅଞ୍ଚଳ ଯଥା-ଲିପୁଲେଖ୍ ପାସ୍, ସିପ୍‌କିଲା ପାସ୍, ନାଥୁଲା ପାସ୍ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦୁଇ ଦେଶର ବାଣିଜ୍ୟ କାରବାରକୁ ପୂର୍ବପରି ଚାଲୁ ରଖାଯିବ। ମୋଟାମୋଟି ଭାବେ ଦୁଇ ଦେଶର ଅଞ୍ଚଳରେ ପୂର୍ବପରି ବାଣିଜ୍ୟ କାରବାର ଚଳାଇବାକୁ ଉଭୟ ପକ୍ଷ ରାଜ ହୋଇଛନ୍ତି। ସର୍ବୋପରି ଆବଶ୍ୟକତା ତଥା ଚାହିଦା ଅନୁଯାୟୀ ଭାରତ-ଚୀନ ବାଣିଜ୍ୟ କାରବାରକୁ ଅବାଧ ରଖିବାକୁ ଉଭୟ ପକ୍ଷ ସହଯୋଗ କରିବେ। ରାସାୟନିକ ସାର ଓ ବିରଳ ମୃତ୍ତିକା ମ୍ୟାଗନେଟ୍ ରପ୍ତାନୀରେ ଚୀନ ଜାରି କରିଥିବା କଟକଣାକୁ ଖୁବ୍ ଶୀଘ୍ର ପ୍ରତ୍ୟାହାର କରାଯିବ ବୋଲି ଚୀନ ବୈଦେଶିକ ମନ୍ତ୍ରୀ ପ୍ରତିଶ୍ରୁତି ଘୋଷଣା କରିଛନ୍ତି। ଏତଦ୍ ବ୍ୟତୀତ ସୀମାପାର ଆତଙ୍କବାଦ କ୍ଷେତ୍ରରେ ଚୀନ ଏହାର ଆଭିମୁଖ୍ୟ ପରିବର୍ତ୍ତନ ସହ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ ବୃଦ୍ଧି ନିମନ୍ତେ ଉଭୟ ପକ୍ଷ ମଧ୍ୟରେ ଅନୁକୂଳ ମତ ପ୍ରକାଶ ପାଇଛି। ମୋଟାମୋଟି ଭାବେ ଟାରିଫ୍ ଧମକରେ ଭାରତର ଭୂ-ରାଜନୈତିକ ସ୍ଥିତିକୁ ଅସ୍ଥିର କରିବାକୁ ଟ୍ରମ୍ପ୍ କରୁଥିବା ମସୁଧା ପ୍ରତି ଏହା କଡ଼ା ଜବାବ ବୋଲି ବିଚାର କରାଯାଉଛି।

ଭାରତ ପ୍ରତି ଚୀନ୍‌ର ଏଭଳି ପରିବର୍ତ୍ତିତ ଆଭିମୁଖ୍ୟ ପଛରେ କେବଳ ଯେ ଟ୍ରମ୍ପଙ୍କ ଟାରିଫ୍ ଧମକ ନିହିତ, ତାହା ଭାବିବା ଭୁଲ୍। ବରଂ ନିର୍ଦ୍ଦିଷ୍ଟ କିଛି ବାଧ୍ୟବାଧକତାରୁ ଚୀନ୍ ତା ଦୃଷ୍ଟିଭଙ୍ଗୀକୁ କୋହଳ କରିଛି। ଆସନ୍ତା ସେପ୍ଟେମ୍ବରରେ ସାଂଘାଇ ସହଯୋଗ ସଂଗଠନ ବୈଠକରେ ଯୋଗଦେବାକୁ ଯାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୭ ବର୍ଷ ପରେ ତାଙ୍କ ଚୀନ୍ ପ୍ରତିପକ୍ଷଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ଅଛି। ଏହା ପୂର୍ବରୁ ଆମ ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା ପରିଷଦ ଜରିଆରେ ଭାରତୀୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (RAW) ପ୍ରଧାନମନ୍ତ୍ରୀଙ୍କୁ ଯେଉଁ ଗୁପ୍ତ ରିପୋର୍ଟ ପ୍ରଦାନ କରିଛି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରିପୋର୍ଟରେ ଚୀନ୍‌ର ଆକ୍ରମଣାତ୍ମକ ପରମାଣୁ ଯୁଦ୍ଧାସ୍ତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ରହିଛି। ସେଥିରେ କୁହାଯାଇଛି ଯେ ୨୦୨୪ ରୁ ୨୦୨୫ ମଧ୍ୟରେ ଚୀନ୍ ନିଜର ପରମାଣୁ ଯୁଦ୍ଧାସ୍ତ୍ର ଉତ୍ପାଦନକୁ ୨୦ ପ୍ରତିଶତ ବୃଦ୍ଧି କରିଛି, ଅର୍ଥାତ୍ ଚୀନ୍‌ର ଉଚ୍ଚ ଶକ୍ତିସଂପନ୍ନ ପରମାଣୁ ବୋମା ସଂଖ୍ୟା ବର୍ଷେ ମଧ୍ୟରେ ୫୦୦ରୁ ୬୦୨କୁ ବୃଦ୍ଧିପାଇଛି। ପରମାଣୁ ଯୁଦ୍ଧାସ୍ତ୍ର ଉତ୍ପାଦନର ଏଭଳି ଦ୍ରୁତ ବୃଦ୍ଧିହାର ଯେ କୌଣସି ରାଷ୍ଟ୍ର ତୁଳନାରେ ସର୍ବାଧିକ। ଏପରିକି ଏ କ୍ଷେତ୍ରରେ ସୋଭିଏତ୍ ୟୁନିଅନ ଓ ଆମେରିକାକୁ ପଛରେ ପକାଇ ଦେଇଛି ଚୀନ୍।

ଯେହେତୁ ଚୀନ୍ ଏହାର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ବିଶ୍ୱ ସମ୍ପ୍ରଦାୟକୁ ସୂଚନା ଦେବାକୁ ଆରମ୍ଭରୁ ଅନାଗ୍ରହୀ ଏବଂ ନିରସ୍ତ୍ରୀକରଣ ଚୁକ୍ତିରେ ସ୍ୱାକ୍ଷର କରିବାକୁ ସର୍ବଦା ନାରାଜ ସେ ଦୃଷ୍ଟିରୁ ଏହାର ଦ୍ରୁତ ପରମାଣୁ କାର୍ଯ୍ୟକ୍ରମ ଉଦ୍‌ବେଗ ସୃଷ୍ଟି କରିବା ସ୍ୱାଭାବିକ। ତେବେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଭାରତୀୟ ବୈଜ୍ଞାନିକମାନେ ଚୀନର ପରମାଣୁ ଗତିବିଧିକୁ ଠାବ କରିଥିବା ବେଳେ ଏହାର ପରୀକ୍ଷଣ ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଚୀନ୍‌ର ଶୀର୍ଷ ପ୍ରତିରକ୍ଷା ଅଧିକାରୀଙ୍କ ବାର୍ତ୍ତା ବିନିମୟକୁ ରେକର୍ଡ଼ କରିଛନ୍ତି। ସେଥିରୁ ମିଳିଥିବା ସୂଚନା ଅନୁଯାୟୀ ଋଷିଆ ଓ ଆମେରିକା ଭଳି ପରମାଣୁ ଶକ୍ତିସଂପନ୍ନ ରାଷ୍ଟ୍ର ନିଜ ନିଜର ପରମାଣୁ ଯୁଦ୍ଧାସ୍ତ୍ରକୁ ଚୀନ୍ ସ୍ତରକୁ ହ୍ରାସ କରିବା ଯାଏ

| ଦ୍ୱିପାକ୍ଷିକ ସମ୍ପର୍କର ସହସା ପ୍ରତିଫଳନ |
| --- |
| ସୀମା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସହମତି |
| ପୂର୍ବପରି ସୀମାରେ ଆରମ୍ଭ ହେବ ବାଣିଜ୍ୟ କାରବାର |
| ସାର, ବିରଳ ମୃତ୍ତିକା ମ୍ୟାଗନେଟ୍ ରପ୍ତାନୀ କଟକଣା ହଟିବ |

ଚୀନ୍ ଅଣୁ ଅସ୍ତ୍ର ଉତ୍ପାଦନରୁ ବିରତ ନରହି ଏହାକୁ ଅଧିକ ଦ୍ରୁତ କରିବ। ଭାରତ ହାସଲ କରିଥିବା ଏଭଳି ଗୋପନ ତଥ୍ୟ ଯେପରି ବିଶ୍ୱ ସମ୍ପ୍ରଦାୟ ନଜରକୁ ନଆସେ, ଚୀନ୍ ସେ ଦିଗରେ ବେଶ୍ ସତର୍କ। କାରଣ ଏହା ପ୍ରଘଟ ହେଲେ ଚୀନ୍‌ର ପରମାଣୁ କାର୍ଯ୍ୟକ୍ରମ ବିଶ୍ୱ ସମ୍ପ୍ରଦାୟ ଚାପରେ ବାଧାପ୍ରାପ୍ତ ହେବ। ଏହି ନିର୍ଦ୍ଦିଷ୍ଟ କାରଣରୁ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ଚୀନ୍ ହଠାତ୍ ଆଗ୍ରହ ପ୍ରକାଶ କରୁଥିବା ଅନୁମାନ କରାଯାଉଛି।

RAW ରିପୋର୍ଟରେ ଥିବା ଆଉ ଏକ ତଥ୍ୟ wwଅନୁଯାୟୀ ଆଗାମୀ ୬ରୁ ୮ ମାସ ମଧ୍ୟରେ ଚୀନ୍ ଜିନଜିଆଙ୍ଗ ପ୍ରଦେଶ ଅନ୍ତର୍ଗତ ଲପ୍-ନୁରସ୍ଥିତ ଭୂତଳ ପରୀକ୍ଷଣ କେନ୍ଦ୍ରରେ ପରମାଣୁ ପରୀକ୍ଷା ପୁନର୍ବାର ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଲପ୍‌ନୁର୍ ପରୀକ୍ଷଣ କେନ୍ଦ୍ର ଚୀନ୍ ଦ୍ୱାରା ଅବୈଧ ଭାବେ ଅଧିକୃତ ତିବ୍ବତ ସଂଲଗ୍ନ ଅଞ୍ଚଳରେ ଅବସ୍ଥିତ। ତେଣୁ ତିବ୍ବତ କିମ୍ବା ଏହାର ସଂଲଗ୍ନ ଅଞ୍ଚଳରେ ଅନ୍ୟ କୌଣସି ଦେଶର ହସ୍ତକ୍ଷେପକୁ ଚୀନ୍ ବରଦାସ୍ତ କରିବାକୁ ପ୍ରସ୍ତୁତ ନୁହେଁ। ଚୀନ୍‌ର ଆଶଙ୍କା ହେଲା ଭାରତ ଯଦି କେବେ ତିବ୍ବତରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରେ ତେବେ ଲପ୍‌ନୁର୍ ପରୀକ୍ଷଣ କେନ୍ଦ୍ର ଉପରୁ ଚୀନ୍ ଅଧିକାର ହରାଇବ। ସମ୍ଭବତଃ ଏହି କାରଣରୁ ତିବ୍ବତରେ ରହୁଥିବା ଧର୍ମଗୁରୁ ଦଲାଇଲାମାଙ୍କୁ ଭାରତୀୟ ନେତାମାନେ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ବି ଚୀନ୍ ଚିହିଁକି ଉଠୁଛି।

ଚୀନ୍‌ର ଆଗାମୀ ପରମାଣୁ ପରୀକ୍ଷା ଓ ତତ୍‌ସଂକ୍ରାନ୍ତ କାର୍ଯ୍ୟକ୍ରମର ପ୍ରମାଣ ସ୍ୱରୂପ ଉପଗ୍ରହ ଓ ସିନ୍ଥେଟିକ୍ ଆପ୍‌ରେଚର୍ ରାଡାରରୁ ସଂଗୃହୀତ ତଥ୍ୟକୁ ଭାରତ ଦେଖାଇବା ପରେ ଚୀନ୍ ଏହାକୁ ଶିଳ୍ପ କାର୍ଯ୍ୟକଳାପ କହି ପ୍ରଥମେ ଫାଙ୍କି ଦେଇଥିଲା। ମାତ୍ର ଲପ୍‌ନୁର୍‌ରେ ଟନେଲ ନିର୍ମାଣ ଓ ବିସ୍ଫୋରକ ପରୀକ୍ଷା ପାଇଁ ପ୍ରସ୍ତୁତି ସମ୍ପର୍କିତ ବୈଜ୍ଞାନିକ ପ୍ରମାଣ ଭାରତ ହାତରେ ଥିବାରୁ ଚୀନ୍ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ଭାରତ ହାତରେ ମହଜୁଦ ଏସବୁ ତଥ୍ୟ ଆମେରିକା କିମ୍ବା ଅନ୍ୟାନ୍ୟ ଶକ୍ତିଶାଳୀ ପାଶ୍ଚାତ୍ୟ ରାଷ୍ଟ୍ରକୁ ଗଲେ ଚୀନ୍ ଅନ୍ତର୍ଜାତୀୟ ବିରୋଧର ସମ୍ମୁଖୀନ ହେବ। ତେଣୁ ଭାରତ ଏସବୁ ତଥ୍ୟକୁ ଗୋପନ ରଖିବା ଲାଗି ଚୀନ୍ ବୁଝାମଣା କରିବାକୁ ଆଗ୍ରହୀ ହୋଇ ପଡ଼ିଥିବା ଅନୁମାନ କରାଯାଉଛି। ପ୍ରତିବଦଳରେ ଭାରତ ସହ ୭୫ ବର୍ଷର ପୁରୁଣା ବନ୍ଧୁତ୍ୱର ସୁଧାର ଲାଗି ଭାରତକୁ ପ୍ରସ୍ତାବ ଦେଇଥିବା କୁହାଯାଉଛି। ତେବେ ଚୀନ୍‌ର ପ୍ରତିରକ୍ଷା ଗବେଷଣା ଓ ପରମାଣୁ କାର୍ଯ୍ୟକ୍ରମକୁ ଠାବକରି RAW ପ୍ରସ୍ତୁତ କରିଥିବା ରିପୋର୍ଟ ଆଧାରରେ ପ୍ରଧାନମନ୍ତ୍ରୀ ଭାରତକୁ ନିଜ ସର୍ତ୍ତରେ ଚୀନ୍ ସହ ଆଲୋଚନା କରିବାକୁ ଅପୂର୍ବ ସୁଯୋଗ ପ୍ରଦାନ କରିଛି।


## ଟ୍ରମ୍ପଙ୍କୁ ମାତ୍...

ସହଯୋଗୀ ଦେଶ। ଆମେରିକା ସହ ଏହାର ବାଣିଜ୍ୟ ମୋଟାମୋଟି ସନ୍ତୁଳିତ ଓ ଏହା ଅନେକ ବାଣିଜ୍ୟ ଓ ଅଣ-ବାଣିଜ୍ୟ ଚୁକ୍ତିରେ ଅନୁବନ୍ଧିତ। ମଧ୍ୟ-ପ୍ରାଚ୍ୟସ୍ଥିତ ୟୁଏଇ ମଧ୍ୟ ବାଣିଜ୍ୟିକ ଦୃଷ୍ଟିରୁ ଆମେରିକାର ଏକ ବଳିଷ୍ଠ ସହଯୋଗୀ ଦେଶ। ଏଥିସହ ଏହା ଆମେରିକାରେ ପ୍ରାୟ ଏକ ଲକ୍ଷ କୋଟି ଡଲାରର ବିନିବେଶ କରିଛି। ଆଫ୍ରିକାସ୍ଥିତ ଇଥିଓପିଆ ଆର୍ଥିକ ଦୃଷ୍ଟିରୁ ଏକ ଅତ୍ୟନ୍ତ ଅନଗ୍ରସର ଦେଶ ହୋଇଥିବାରୁ 'ଆଫ୍ରିକାନ୍ ଗ୍ରୋଥ୍ ଆଣ୍ଡ ଅପରଚୁନିଟି ଆକ୍ଟ' (ଆଗୋଆ) ଅଧୀନରେ ଇଥିଓପିଆରୁ ପ୍ରାୟ 1800 ପ୍ରକାର ସାମଗ୍ରୀ ନିଃଶୁଳ୍କ ଆମେରିକାକୁ ରପ୍ତାନୀ ଲାଗି ଅନୁମତି ଥିଲା। 2022 ମସିହାରେ ତାହା ପ୍ରତ୍ୟାହାର ହେବା ଯୋଗୁଁ ଇଥିଓପିଆର ବୟନ ଓ ଲୁଗାଶିଳ୍ପ ଏକପ୍ରକାର ବନ୍ଦ ହୋଇଗଲା। ଅନେକ ଶ୍ରମିକ ରୋଜଗାର ହରାଇବା ସହ ରପ୍ତାନୀ ହ୍ରାସ ପାଇଥିଲା। ଇରାନ ଯେ ଆମେରିକାର ଏକ ଶତ୍ରୁ ଦେଶ ଏହା ସର୍ବଜନବିଦିତ। 1979 ମସିହାର ଇରାନ ବିଦ୍ରୋହ ପରଠାରୁ ଆମେରିକା ଇରାନ ଉପରେ ବିଭିନ୍ନ ପ୍ରକାର କଟକଣା ଲଗାଇ ଆସିଛି। ତେଣୁ ଉଭୟ ଦେଶ ମଧ୍ୟରେ କୌଣସି ପ୍ରକାର ବାଣିଜ୍ୟିକ ସମ୍ପର୍କ ନାହିଁ କହିଲେ ଚଳେ। ଇଣ୍ଡୋନେସିଆ ଆମେରିକାର ଏକ ଘନିଷ୍ଠ ସହଯୋଗୀ ଦେଶ। କୌଶଳଗତ ଦୃଷ୍ଟିରୁ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି।

ବ୍ରିକସ୍‌ର 5ଟି ପ୍ରତିଷ୍ଠାତା ସଦସ୍ୟ ଦେଶଙ୍କୁ ବାଦ ଦେଲେ ଆଉ 5ଟି ଦେଶ ଉପରେ ଆମେରିକା ସର୍ବନିମ୍ନ ମାତ୍ର 10 ପ୍ରତିଶତ ଟାରିଫ୍ ଲଗାଇଛି। କେବଳ ଇଣ୍ଡୋନେସିଆ ଉପରେ 19 ପ୍ରତିଶତ ଟାରିଫ୍ ଲାଗିଛି। ଅର୍ଥାତ୍ ଆମେରିକାର ଟାରିଫକୁ ନେଇ ବ୍ରିକସ୍‌ର ଅନ୍ୟ ସଦସ୍ୟ ଦେଶଗୁଡ଼ିକ କ୍ଷୁବ୍ଧ ନୁହନ୍ତି। ଏହି ଦେଶଗୁଡ଼ିକ ମଧ୍ୟରୁ କେବଳ ଇରାନକୁ ବାଦ୍ ଦେଲେ ପ୍ରାୟ ଅନ୍ୟ ସବୁ ଦେଶଙ୍କର ଆମେରିକା ସହ ସୁସମ୍ପର୍କ ରହିଛି ଓ ସେହି ସମ୍ପର୍କକୁ ସେମାନେ ନିଜ ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ତିକ୍ତ କରିବାକୁ ଚାହିଁବେ ନାହିଁ। ଅର୍ଥାତ୍ ଆମେରିକାର ବାଣିଜ୍ୟିକ ନିଷ୍ପତ୍ତି ବିପୁଦ୍ଧରେ ବ୍ରିକସ୍‌ର ସବୁ ସଦସ୍ୟ ଦେଶ ଏକଜୁଟ ହୋଇ ପଦକ୍ଷେପ ଗ୍ରହଣ କରିବାର ସମ୍ଭାବନା କ୍ଷୀଣ। ତେଣୁ ଯାହା କିଛି ସହଯୋଗ କେବଳ 5ଟି ପ୍ରତିଷ୍ଠାତା ଦେଶଙ୍କ ମଧ୍ୟରେ ସୀମିତ ରହିପାରେ। ପୁଣି ସେମାନଙ୍କର ପରସ୍ପର ମଧ୍ୟରେ ସମ୍ପର୍କ ମଧ୍ୟ ବିଭିନ୍ନ କାରଣରୁ ସନ୍ଦେହର ଊର୍ଦ୍ଧ୍ୱରେ ନୁହେଁ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚୀନ୍‌ର ପତିଆରାକୁ ପ୍ରତିହତ କରିବା ଲାଗି ଭାରତ ଆମେରିକା, ଅଷ୍ଟ୍ରେଲିଆ, ଜାପାନ ସହ 'କ୍ୱାଡ' ଗୋଷ୍ଠୀରେ ସାମିଲ ହୋଇଥିବା ବେଳେ ଭାରତ-ପାକିସ୍ତାନ ଯୁଦ୍ଧ ସ୍ଥିତିରେ ଚୀନ୍ ପାକିସ୍ତାନକୁ ସାହାଯ୍ୟ କରିଆସୁଛି। ବ୍ରାଜିଲ ଓ ଭାରତ ପରସ୍ପର ମଧ୍ୟରେ ବାଣିଜ୍ୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଥିବା ବେଳେ ବ୍ରାଜିଲ ଭାରତରୁ 'ଆକାଶ' ବାୟୁ ପ୍ରତିରକ୍ଷା ମିସାଇଲ ସିଷ୍ଟମ କିଣିବା ନେଇ ଚାଲିଥିବା ବାର୍ତ୍ତାଳାପକୁ ସ୍ଥଗିତ ରଖି ଇଟାଲିରୁ 'ଇମାଡ' ସିଷ୍ଟମ ଆହରଣ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଏଭଳି ସ୍ଥିତିରେ ଆମେରିକାର ମନୋମୁଖୀ ବାଣିଜ୍ୟିକ ନିଷ୍ପତ୍ତିର ମୁକାବିଲା କରିବା ପାଇଁ ବ୍ରିକସ୍ ଦେଶଗୁଡ଼ିକ ନିକଟତର ହେଉଥିଲେ ମଧ୍ୟ ଏହାର ଉପଯୋଗିତା ଓ ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ଏହି ଦେଶଗୁଡ଼ିକ ପରସ୍ପର ମଧ୍ୟରେ ବାଣିଜ୍ୟ ବୃଦ୍ଧି କରିପାରିଲେ ତାହା ଏକ ବଡ଼ ଉପଲବ୍ଧି ହେବ। ଏ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାଙ୍ଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକରେ ଯୋଗଦାନ ଗୁରୁତ୍ୱ ବହନ କରୁଥିଲେ ବି ତଦ୍ଦ୍ୱାରା ଚୀନ୍-ଭାରତ ସମ୍ପର୍କରେ ଉନ୍ନତି ଘଟିବ ବୋଲି କହିହେବ ନାହିଁ।

ହିନ୍ଦୀରେ କଥାଟିଏ ଅଛି- 'ଇଟାର ଜବାବ ପଥର'ରେ ଦେବା। କିନ୍ତୁ ଏଠି ଆମେରିକାର ପଥରର ଜବାବକୁ ଇଟା (ବ୍ରିକସ୍) ଦ୍ୱାରା ଦିଆଯିବା ଲାଗି ମସୁଧା କୌତୂହଳୋଦ୍ଦୀପକ ହୋଇପାରେ। ବ୍ରିକସ୍ ଏକ ସାମରିକ ମେଣ୍ଟ ନୁହେଁ। ତେଣୁ ବ୍ରିକସ୍ ଗୋଷ୍ଠୀର ଦେଶଗୁଡ଼ିକ ମଧ୍ୟରେ ଥିବା ସ୍ୱାର୍ଥଦ୍ୱନ୍ଦ୍ୱକୁ ଏଡ଼ାଇ ଆମେରିକୀୟ ଟାରିଫ୍ ଓ ଅନ୍ୟ ବାଣିଜ୍ୟ କଟକଣାର ସଫଳତାର ସହ ମୁକାବିଲା କରିବା ଏକ ବଡ଼ ଆହ୍ୱାନ ହେବ।

ଭୁବନେଶ୍ୱର, ମୋ. ୯୪୩୭୦୩୮୦୧୫



# ଓଡ଼ିଶାରେ ଶଶିକଳା ପ୍ରକରଣ !

**ଆମ ଓଡ଼ିଶା ବ୍ୟୁରୋ**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଅସୁସ୍ଥ ହୋଇ ଗତ ରବିବାର ସନ୍ଧ୍ୟାରେ ଘରୋଇ ହସ୍ପିଟାଲ୍ ସମ୍ ଅଲ୍ଟିମେଟମ୍‌ରେ ଭର୍ତ୍ତିହେବା ଓ ତାଙ୍କୁ ଦେଖା କରିବାକୁ ଯାଇ ଦଳର ବରିଷ୍ଠ ନେତାମାନେ ନବୀନଙ୍କ ବିଶ୍ୱସ୍ତ ଜଗୁଆଳି ଭି.କେ ପାଣ୍ଡିଆନ୍‌ଙ୍କ ଦ୍ୱାରା ବେଜିତ୍ ହେବା ଓ ସସ୍‌ପେଣ୍ଡ ଧମକ ପାଇବା ବିଜେଡି ରାଜନୀତିକୁ ସରଗରମ କରିଛି। ତେବେ ଦଳୀୟ ନେତାଙ୍କୁ ପାଣ୍ଡିଆନ୍ ପ୍ରଦର୍ଶନ କରିଥିବା ଦୁର୍ବ୍ୟବହାର ଓ ସର୍ବୋପରି ତାଙ୍କ ଦୁଃସାହସିକତାକୁ ଖୋଦ୍ ନବୀନ କିଭଳି ଗ୍ରହଣ କରିଛନ୍ତି ଏବଂ ଏହି ପ୍ରସଙ୍ଗରେ କି ପଦକ୍ଷେପ ନେବେ, ତାହାର କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅତୀତରେ ପାଣ୍ଡିଆନ୍‌ଙ୍କ ପ୍ରତିଟି ମନମୁଖୀ କାର୍ଯ୍ୟକଳାପକୁ ଯଥାର୍ଥ ବିବେଚନା କରି ତାଙ୍କୁ କ୍ଲିନ୍ ଚିଟ୍ ଦେଇ ଆସିଥିବା ନବୀନ ଏହି ବିବାଦରେ ନିରବ ରହିବେ ନା ପୂର୍ବପରି ପାଣ୍ଡିଆନ୍‌ଙ୍କ ମନ୍ତ୍ରଣାରେ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ- ତାହାକୁ ନେଇ ଦଳୀୟ ନେତାଙ୍କ ମନରେ ଆଶା-ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭବତଃ ନବୀନଙ୍କ ଅଭ୍ୟାସଗତ ସନ୍ଦେହୀ ଅଚରଣ ଯୋଗୁଁ ଅପମାନ ଜର୍ଜରିତ ଦଳୀୟ ନେତାମାନେ ଏଭଳି ଲଜ୍ଜାଜନକ ଅଘଟଣରେ ପ୍ରତିକ୍ରିୟା ବ୍ୟକ୍ତ କରିବାକୁ ସାହସ କରୁନାହାନ୍ତି।

କେତେକ ଖବରକାଗଜରେ ପ୍ରକାଶିତ ତଥା ବିଭିନ୍ନ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରସାରିତ ଖବର ଅନୁଯାୟୀ ନବୀନଙ୍କ ଅସୁସ୍ଥତାର ସୂଚନା ପାଇ ଦଳୀୟ ନେତାମାନେ ତାଙ୍କୁ ଦେଖା କରିବାକୁ ସମ୍ ଅଲ୍‌ଟିମେଟମ୍‌ରେ ପହଞ୍ଚିଥିଲେ। ସେପଟେ ବିରୋଧୀଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବିଜେପି ବିଧାୟକ ବାବୁ ସିଂହ ମଧ୍ୟ ହସ୍ପିଟାଲରେ ପହଞ୍ଚିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ମଧ୍ୟ ପହଞ୍ଚିଥିଲେ ହସ୍ପିଟାଲ୍‌ରେ। ହସ୍ପିଟାଲ୍‌ର ତୃତୀୟ ମହଲାରେ ନବୀନଙ୍କ ଚିକିତ୍ସା ଚାଲିଥିବା ବେଳେ ଏହି ନେତାମାନେ ସେଠାକୁ ଯିବାପାଇଁ ଅନୁମତି ନପାଇ ବସିଥିଲେ ଦ୍ୱିତୀୟ ମହଲାରେ। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ପାଣ୍ଡିଆନ୍‌ଙ୍କ ପତ୍ନୀ ତଥା ନିକଟରେ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡ଼ି ରାଜନୀତିରେ ଲମ୍ଫ ଦେବାକୁ ପ୍ରସ୍ତୁତ ହେଉଥିବା ସୁଜାତା କିଛି ଡାକ୍ତରଙ୍କ ସହ ତୃତୀୟ ମହଲାକୁ ଯାଉଥିବା ବେଳେ ଦ୍ୱିତୀୟ ମହଲାରେ ଥିବା ବିଜେଡି ନେତାମାନେ ତାଙ୍କୁ ନମସ୍କାର କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ (ରାଜା) ସ୍ୱାଇଁ ସୁଜାତାଙ୍କୁ ଦେଖି ଦଳର ସୁପ୍ରିମୋ ନବୀନଙ୍କ ଅସୁସ୍ଥତା




ସମ୍ପର୍କରେ ପଚାରିଥିଲେ। ଦୁଇ ଦିନ ହେଲା ସୁପ୍ରିମୋ ଅସୁସ୍ଥ ଥିଲେ ମଧ୍ୟ ଦଳୀୟ ନେତାଙ୍କୁ କାହିଁକି ଅବଗତ କରାଗଲା ନାହିଁ ଓ କାହିଁକି ତାଙ୍କୁ ଏତେ ବିଳମ୍ବରେ ହସ୍ପିଟାଲ୍ ଅଣାଗଲା ବୋଲି ସେ ପ୍ରଶ୍ନ କରିଥିଲେ। ମାତ୍ର କୌଣସି ଉତ୍ତର ନଦେଇ ସୁଜାତା ଚାଲିଗଲେ ତୃତୀୟ ମହଲାକୁ। ଏହା ପରେ କଂଗ୍ରେସ ନେତା ଭକ୍ତ ଦାସ ତୃତୀୟ ମହଲାରେ ପହଞ୍ଚିବା ମାତ୍ରେ ନବୀନଙ୍କ ପାଖରେ ଥିବା ପାଣ୍ଡିଆନ୍ ବାହାରକୁ ଆସି ତାଙ୍କୁ ଆକଟ କରିବା ଢ଼ଙ୍ଗରେ କାହିଁକି ଡାକ୍ତରମାନଙ୍କୁ ସେ ବିରକ୍ତ (ଗ୍ରିଲିଂ) କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ପାଇଁ ଉଚ୍ଚବାଚ ହୋଇଥିଲା ବୋଲି କୁହାଯାଉଛି। ଶେଷରେ ନବୀନଙ୍କୁ ସାକ୍ଷାତ କରି ନପାରି ଭକ୍ତ ଦାସ ଫେରିଥିଲେ। ଏହି ସମୟରେ ଝଡ଼ବେଗରେ ପାଣ୍ଡିଆନ୍ ପହଞ୍ଚିଥିଲେ ତୃତୀୟ ମହଲାରେ। ଗର୍ଜନ କରି ସେ କହିଥିଲେ, "ଆଇ ଆମ୍ ଡାଉନ୍ , ନଟ୍ ଆଉଟ୍। ଭାଇଙ୍କୁ କହି ଗୋଟିଏ ମିନିଟ୍‌ରେ ସସ୍‌ପେଣ୍ଡ୍ କରିଦେବି" ବୋଲି କହିଥିଲେ। ପାଣ୍ଡିଆନ୍‌ଙ୍କ ଏହି ଧମକ୍ ରାଜାଙ୍କ ଉଦ୍ଦେଶ୍ୟରେ ଥିଲା ବୋଲି ଦଳୀୟ ନେତାମାନେ କହିଛନ୍ତି।

ତେବେ ଅସୁସ୍ଥ ନବୀନଙ୍କୁ ପ୍ରତ୍ୟକ୍ଷ ଭାବେ ସାକ୍ଷାତ କରିବା ଦୂରେ ଥାଉ, ଦଳୀୟ ନେତା ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଦଳରେ ଯାଇଥିବା ନେତାମାନେ ତାଙ୍କୁ କାଚ ଝରକାରେ ଦେଖିବାକୁ ମଧ୍ୟ ସୁଯୋଗ ପାଇ ନଥିଲେ। ସରକାରୀ ଦଳର ନେତାମାନଙ୍କ ପ୍ରତିକ୍ରିୟା ହେଲା-ଦୀର୍ଘ ୨୪ ବର୍ଷ ମୁଖ୍ୟମନ୍ତ୍ରୀ ଥିବା ନବୀନ ଏବେ ବିରୋଧୀ ଦଳ ନେତା, ତେଣୁ ସେ ନିଃସନ୍ଦେହରେ ରାଜ୍ୟ ସମ୍ପତ୍ତି। ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣିବାକୁ ରାଜ୍ୟବାସୀଙ୍କ ଅଧିକାର ଅଛି। ମାତ୍ର ପାଣ୍ଡିଆନ୍ ଦମ୍ପତି ତାଙ୍କୁ ନିଜ ସମ୍ପତ୍ତି ଭାବି ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ରାଜ୍ୟବାସୀଙ୍କୁ ଅନ୍ଧକାରରେ ରଖିବାକୁ ଉଦ୍ୟମ କରିବା କଦାପି ଗ୍ରହଣୀୟ ନୁହେଁ। ଏଭଳି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ବାଚନୀ ପ୍ରତିଶ୍ରୁତିକୁ ଗୁରୁତ୍ୱ ଦେଇ ନବୀନଙ୍କ ଦୀର୍ଘ ଅସୁସ୍ଥତାର ଯାଞ୍ଚ ହେବ କି ନାହିଁ, ତାହା ଆଗାମୀ ଦିନରେ ଜଣାପଡ଼ିବ। ତେବେ ୨୦୨୦ରେ କରୋନା ସଂକ୍ରମଣ ଆରମ୍ଭଠାରୁ ସଂଗରୋଧ ଆଳରେ ନବୀନଙ୍କୁ ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ ନବୀନ ନିବାସରେ ଆବଦ୍ଧ ରଖି ଅନ୍ୟ କାହାରିକୁ ସାକ୍ଷାତ କରାଇ ନଦେବାର ଦୀର୍ଘ ଘଟଣାକ୍ରମ ଓଡ଼ିଶାରେ ଶଶିକଳା ପ୍ରକରଣକୁ ପୁନର୍ଜୀବିତ କରୁଥିବା ସନ୍ଦେହ ଘନୀଭୂତ ହେବାରେ ଲାଗିଛି।

ସୂଚନାଯୋଗ୍ୟ, ୧୯୯୧ ଜୁନ୍ ୨୪ରୁ ୨୦୧୬ ଡିସେମ୍ବର ୫ ମଧ୍ୟରେ ୬ ଥର ପାଇଁ ତାମିଲ୍‌ନାଡୁର ମୁଖ୍ୟମନ୍ତ୍ରୀ ହୋଇଥିବା ଜେ.ଜୟଲଳିତା ନିଃସନ୍ଦେହରେ ଥିଲେ ଲୋକପ୍ରିୟ। ଦୁର୍ନୀତି ଅଭିଯୋଗରେ ସେ ଦଣ୍ଡିତ ହୋଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ମନରେ ତାଙ୍କ ପ୍ରତି ଥିବା ସ୍ନେହ ଓ ସଦିଚ୍ଛା ବିଶେଷ ପ୍ରଭାବିତ ହୋଇ ନଥିଲା। ତେବେ ତାଙ୍କ କ୍ଷମତା କରିଡ଼ରରେ ବାନ୍ଧବୀ ଭି.କେ.ଶଶିକଳାଙ୍କ ଆବିର୍ଭାବ ଓ ଏବଂ ସମ୍ବିଧାନ ବହିର୍ଭୂତ କ୍ଷମତା ବଳରେ ସରକାରରେ ତାଙ୍କ ପ୍ରଭାବ ବିସ୍ତାର ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଥିଲା। ରାଜନୈତିକ ସହଯୋଗୀମାନଙ୍କ କ୍ରମବର୍ଦ୍ଧିଷ୍ଣୁ ଅସନ୍ତୋଷକୁ ଦେଖି ଜୟଲଳିତା ତାଙ୍କୁ ଦୂରେଇ ଦେବାକୁ ବାଧ୍ୟ ହୋଇଥିଲେ। ତେବେ ୨୦୧୧ ମେ'ରେ ରେକର୍ଡ ବିଜୟ ସହ ଜୟଲଳିତା ମୁଖ୍ୟମନ୍ତ୍ରୀ ହେବା ପରେ ଦୀର୍ଘ ୫ ବର୍ଷ ପରେ ପୁଣି ତାଙ୍କ ନିକଟତର ହୋଇଥିଲେ ଶଶିକଳା। ଅସୁସ୍ଥ ଜୟଲଳିତାଙ୍କୁ ସେବା ଯୋଗାଇବା ବାହାନାରେ ସେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ କେବଳ ଯେ ଆସ୍ଥାନ ଜମାଇଲେ ତାହା ନୁହେଁ, ବରଂ ଜୟଲଳିତାଙ୍କୁ ପ୍ରଭାବିତ କରି ପୁନର୍ବାର ଦଳ ଓ ସରକାରରେ କ୍ଷମତା ଜାହିର କରିବାକୁ ଲାଗିଲେ। ପରିସ୍ଥିତି ଏଭଳି ହେଲା ଯେ ଶଶିକଳାଙ୍କ ଅନୁମତି ବିନା କେହି ବି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସୁଯୋଗ ପାଇଲେ ନାହିଁ। ଅସୁସ୍ଥ ଜୟଲଳିତା ଶେଷରେ ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହେବା ଦିନରୁ ଏକମାତ୍ର ସହାୟକ ଭାବେ କେବଳ ଶଶିକଳା ହିଁ ତାଙ୍କ ପାଖରେ ରହିଲେ। ମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା ଦାୟିତ୍ୱରେ ରହିଲେ ଶଶିକଳାଙ୍କ ସମ୍ପର୍କୀୟ ଡାକ୍ତର କେ.ଏସ୍. ଶିବକୁମାର। ଜୟଲଳିତାଙ୍କ ଚିକିତ୍ସା ତଥା ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କିତ ତଥ୍ୟକୁ ଗୋପାନ ରଖାଗଲା। ୨୦୧୬ ଡିସେମ୍ବର ୫ରେ ମୁଖ୍ୟମନ୍ତ୍ରୀ ମୃତ୍ୟୁବରଣ କରିବା ମାତ୍ରେ ତାଙ୍କ ଚିକିତ୍ସା ତଥା ଅନ୍ତିମ ଜୀବନରେ ବାନ୍ଧବୀ ଶଶିକଳାଙ୍କ ଭୂମିକାକୁ ନେଇ ସବୁଆଡ଼େ ସନ୍ଦେହ ଘନୀଭୂତ ହେଲା। ପରବର୍ତ୍ତୀ ଡିଏମ୍‌କେ ସରକାର ଏହାର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲେ। ଜଷ୍ଟିସ୍ ଅରୁମୁଘସ୍ୱାମୀ କମିସନ୍ ତାଙ୍କ ତଦନ୍ତ ରିପୋର୍ଟରେ ଭି.କେ ଶଶିକଳା, ତାଙ୍କ ସମ୍ପର୍କୀୟ ତଥା ଆପୋଲୋ ଡାକ୍ତର କେ.ଏସ୍ ଶିବକୁମାର ଓ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସି. ବିଜୟ ଭାସ୍କରଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ପାଇଁ ସେମାନଙ୍କୁ ଅଭିଯୁକ୍ତ ଦର୍ଶାଇଥିଲେ।

ଜୟଲଳିତାଙ୍କୁ ଭେଟିବା ପାଇଁ ଯେମିତି.ଶଶିକଳା କାହାରିକୁ ଛାଡୁନଥିଲେ ଠିକ୍ ସେମିତି ନବୀନଙ୍କୁ ଭେଟିବାକୁ ଚାହୁଁଥିବା କୌଣସି ନେତା କିମ୍ବା ଅଫିସରଙ୍କୁ ପାଣ୍ଡିଆନ୍ ଅନୁମତି ଦେଉନଥିଲେ। କରୋନା ସଂକ୍ରମଣ ଆଳରେ ୨୦୨୦ରୁ ନବୀନଙ୍କୁ ସଂଗରୋଧରେ ରଖିବାରେ ସଫଳ ହୋଇଥିବା ପାଣ୍ଡିଆନ୍ ୨୦୨୪ ନିର୍ବାଚନ ଯାଏ କାହାରିକୁ ନବୀନ ନିବାସ ଛାଡ଼ି ନଥିଲେ। ୨୦୨୩ରେ ଆଇଏଏସ୍‌ରୁ ଅବସର ନେଇ ମୁଖ୍ୟ ସଚିବ ପାହ୍ୟା କ୍ଷମତା ସହ ସେ ରାଜନୈତିକ ନିଯୁକ୍ତି ପାଇଲେ। ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର ଭାବେ ପ୍ରାର୍ଥୀ ଚୟନଠାରୁ ଆରମ୍ଭ କରି ସେ ସମଗ୍ର ନିର୍ବାଚନ ପରିଚାଳନା କଲେ। ବିଜେଡିର ନଂ-୨ ତାରକା ପ୍ରଚାରକ ଭାବେ ସେ ସାଜିଲେ ଏକମାତ୍ର ପ୍ରଚାରକ। ନିର୍ବାଚନ ହାରି ବିଜେଡି ହେଲା କ୍ଷମତାଚ୍ୟୁତ। ବିପର୍ଯ୍ୟୟ ପାଇଁ ତାଙ୍କ ଆଡକୁ ଅଙ୍ଗୁଳି ଯାଉଥିବା ଦେଖି ସେ ରାଜନୀତିରୁ ସନ୍ନ୍ୟାସ ଘୋଷଣା କଲେ। ମାତ୍ର ନବୀନଙ୍କ ଛାଇ ଭଳି ରହିଲେ ନବୀନ ନିବାସରେ। ଗତ ଜୁନ୍ ୨୦ରେ ସର୍ଭିକାଲ୍ ଅପରେସନ୍ ପାଇଁ ନବୀନ ମୁମ୍ବାଇ ଯାଇଥିବା ବେଳେ ପାଖରେ ଥିଲେ କେବଳ ପାଣ୍ଡିଆନ୍। ନବୀନଙ୍କୁ ଦେଖିବାକୁ ମୁମ୍ବାଇ ଯାଇଥିବା ବିଜେଡି ନେତାମାନେ ତାଙ୍କୁ ସାକ୍ଷାତ କରି ପାରିନଥିଲେ। ବରଂ ଏକ ଭିଡ଼ିଓରେ ସେମାନଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସଚିତ୍ର ବାର୍ତ୍ତା ଦେଇଥିଲେ ତାଙ୍କ ବଡ଼ଭାଇ ପ୍ରେମ୍। ଏହାର କିଛି ଦିନ ପୂର୍ବରୁ ଆଇଏଏସ୍‌ରୁ ଇସ୍ତଫା ଦେଇଥିଲେ ପାଣ୍ଡିଆନ୍‌ଙ୍କ ପତ୍ନୀ ସୁଜାତା। ପ୍ରଚାର କରାଗଲା ଯେ ପାଣ୍ଡିଆନ୍ ଦମ୍ପତି ଅନ୍ତର୍ଜାତୀୟ ସଂସ୍ଥାରେ ଚାକିରି ପାଇଥିବାରୁ ସେମାନେ ଓଡ଼ିଶା ଛାଡ଼ି ବିଦେଶ ପଳାଇବେ। ସେଭଳି କିଛି ହେଲା ନାହିଁ, ବରଂ ପାଣ୍ଡିଆନ୍ ଦମ୍ପତି ନବୀନଙ୍କ ବିଶ୍ୱସ୍ତ ତତ୍ତ୍ୱାବଧାରକ ସାଜି ବିଚରଣ କଲେ ନବୀନ ନିବାସରେ। ସେମାନଙ୍କ ଅନୁମତି ବିନା କେହି ବି ନବୀନଙ୍କୁ ଭେଟିବା ଏବେ ବି ଅସମ୍ଭବ। ତେବେ ଆଇଏଏସ୍ ଛାଡ଼ି ତାମିଲ୍ ଦମ୍ପତି ଏଭଳି ଅଭିନବ ଭୂମିକା ପ୍ରତି ଆକୃଷ୍ଟ ହେବା ପଛରେ ରହସ୍ୟ କ'ଣ? ସେମାନେ ନବୀନଙ୍କ ସମ୍ପତ୍ତି ସମେତ ଦଳର ପାଣ୍ଠି ହାତେଇବାକୁ ଏହି ଭୂମିକା ବାଛି ନାହାନ୍ତି ତ?? ପ୍ରକାଶ ପାଉଥିବା କଳ୍ପନାଜଳ୍ପନା ଅନୁଯାୟୀ ବ୍ୟାଙ୍କରେ ଜମା ଥିବା ଦଳୀୟ ପାଣ୍ଠି ୬୨୫ କୋଟି ଟଙ୍କାରୁ ଅଧିକ। ଏହାଛଡ଼ା ବିପୁଳ ଗୁପ୍ତ ଧନ ନବୀନଙ୍କ ବିଶ୍ୱସ୍ତ ଶିଳ୍ପପତିଙ୍କ ଠାରେ ଜମା ଥିବା ଆଲୋଚନା ହେଉଛି। ଏହା ବାଦ୍ ନବୀନଙ୍କ ନିଜସ୍ୱ ସ୍ଥାବର-ଅସ୍ଥାବର ସମ୍ପତ୍ତି। ଯେହେତୁ ନବୀନ ଅବିବାହିତ ଓ ନିଃସନ୍ତାନ, ସେ ଦୃଷ୍ଟିରୁ ତାଙ୍କ ଉତ୍ତରାଧିକାରୀ ସାଜି ସମସ୍ତ ସମ୍ପତ୍ତି ହାତେଇବାକୁ ଏମାନେ ମସୁଧା କରିବା ଆଶଙ୍କା ଅମୂଳକ ହୋଇ ନପାରେ। ତେଣୁ ପ୍ରଥମେ ଦଳର ନେତୃତ୍ୱ ନେଇ ସେମାନେ ନବୀନଙ୍କ ରାଜନୈତିକ ଉତ୍ତରାଧିକାରୀ ଭାବେ ନିଜକୁ ସାବ୍ୟସ୍ତ କରିବାକୁ ଉଦ୍ୟମରତ। ଏହାପରେ ତାଙ୍କ ସମ୍ପତ୍ତି ହଡ଼ପ ଦୁରଭିସନ୍ଧିକୁ ସାକାର କରିବା ସହଜ ହେବ। ଏହାକୁ ବାରି ପାରୁଥିବା ଅନେକ ବିଜେଡି ନେତା ଦଳ ତଥା ଦଳପତିଙ୍କ ଭବିଷ୍ୟତକୁ ନେଇ ଉଣା-ଅଧିକେ ଆଶଙ୍କାଗ୍ରସ୍ତ। ତେବେ ବିଜେଡିରେ ଶଶିକଳା ପ୍ରକରଣର ପୁନରାବୃତ୍ତି ନଘଟୁ ବୋଲି ଦଳୀୟ ନେତାମାନେ କାମନା କରୁଥିବା ଶୁଣିବାକୁ ମିଳୁଛି।




# ହସ୍ତତନ୍ତ ବିକାଶରେ ସରକାରଙ୍କ ଭୂମିକା ସର୍ବାଧିକ

**ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଅଗଷ୍ଟ ୧୪ ତାରିଖରେ ସୋନି ଟିଭିରେ ଲୋକପ୍ରିୟ ରିୟାଲିଟି ଶୋ "କୌନ ବନେଗା କରୋଡ଼ପତି" (କେବିସି)ର ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରସାରିତ ବିଶେଷ ସଂସ୍କରଣରେ ଶତାବ୍ଦୀର ମହାନାୟକ ଅମିତାଭ ବଚ୍ଚନଙ୍କ ସହ "ହଟ ସିଟ"ରେ ବସିବାର ବିରଳ ସୁଯୋଗ ଲାଭ କରିଛନ୍ତି ଓଡ଼ିଆ ଝିଅ ଅମ୍ରିତା ସାବତ । ଗତ କିଛିବର୍ଷ ଧରି ନିଜ ସଂସ୍ଥା "ଉତ୍କଳ ଅମ୍ରିତା" ଜରିଆରେ ଓଡ଼ିଶାର ହସ୍ତତନ୍ତ ଓ ହସ୍ତକଳାର ପ୍ରଚାର ପ୍ରସାର କରି ଆସୁଥିବା ଅମ୍ରିତା ଏହି ଅବସରରେ ଓଡ଼ିଶା କାରିଗରଙ୍କ କୃତିକୁ କୋଟି କୋଟି ଭାରତୀୟଙ୍କ ପାଖରେ ପହଞ୍ଚାଇ ରାଜ୍ୟପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି । ଏଥର "ଆମ ଅତିଥି" ସ୍ତମ୍ଭରେ କେବିସିରେ ଅଂଶ ଗ୍ରହଣ, "ବିଗ୍ ବି"ଙ୍କ ସହ ସାକ୍ଷାତ ଓ ଓଡ଼ିଶାର ହସ୍ତତନ୍ତ ଓ ହସ୍ତକଳା ସମ୍ପର୍କରେ "ଆମ ଓଡ଼ିଶା" ସହ ନିଜ ଅନୁଭୂତି ବାଣ୍ଟିଛନ୍ତି ଅମ୍ରିତା ।**

**■ ଆପଣ କେବେଠାରୁ ଜେବିସିରେ ଅଂଶଗ୍ରହଣ କରିବା ପାଇଁ ଚେଷ୍ଟା କରୁଛନ୍ତି ?**

କେବିସିରେ ଅଂଶ ଗ୍ରହଣ ପାଇଁ ମୁଁ ବହୁବର୍ଷ ଧରି ଚେଷ୍ଟା କରି ଆସୁଛି । ଟିଭିରେ ପଚରା ଯାଇଥିବା ପ୍ରଶ୍ନର ଉତ୍ତର ଦେଇ ଆସୁଛି । ଥରେ ଦ୍ୱିତୀୟ ରାଉଣ୍ଡକୁ ଯାଇଥିଲି ଏବଂ ସେଥିରେ ଫୋନ ଜରିଆରେ ପଚରା ଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ମଧ୍ୟ ଦେଇଥିଲି । କିନ୍ତୁ ଆଗକୁ ବଢ଼ିପାରି ନ ଥିଲି । ମୋର ପରମ ସୌଭାଗ୍ୟ ଏଥର ମୁଁ କେବଳ ପ୍ରଥମ ରାଉଣ୍ଡରୁ ଆଗକୁ ବଢ଼ିଲି ନାହିଁ; ବରଂ ଅମିତାଭ ବଚ୍ଚନଙ୍କ ସହ "ହଟ ସିଟ"ରେ ବସିଲି।

**■ ଏଥିପାଇଁ କେମିତି ପ୍ରସ୍ତୁତି କରିଥିଲେ ?**

ଏହାର ତ କୌଣସି ସିଲାବସ ନାହିଁ । ତେଣୁ ପ୍ରଶ୍ନ ଯେ କୌଣସି ବିଷୟରେ ପଚରା ଯାଇପାରେ । ତେଣୁ ବିଭିନ୍ନ ବିଷୟରେ ବହୁତ୍ କିଛି ପଢ଼ିବାକୁ, ଜାଣିବାକୁ ହୁଏ ଏବଂ ମୁଁ ତାହା ହିଁ କରୁଥିଲି ।

**■ କେବଳ କେବିସିରେ ଅଂଶ ଗ୍ରହଣ କରିବା ପାଇଁ ?**

ନା, ନା । ପିଲାବେଳୁ ବିଭିନ୍ନ ଜିନିଷ ବିଷୟରେ ପଢ଼ିବା ଓ ଜାଣିବାରେ ମୋର ଆଗ୍ରହ ଥିଲା । ମୁଁ ଭଲ ଛାତ୍ରୀ ଥିଲି ଓ ଦଶମ ଶ୍ରେଣୀରେ ୯୬% ନମ୍ବର ରଖି ଟପ୍ପର ହୋଇଥିଲି । ମୋ ବାପା, ମା ଓ ବଡ଼ ଭଉଣୀ ମୋତେ ସବୁବେଳେ କୁଇଜ୍ ଓ ପାଠ୍ୟକ୍ରମ ବର୍ହିଭୂତ ଅନ୍ୟ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରୁଥିଲେ।

**■ କେତୋଟି ପର୍ଯ୍ୟାୟ ଅତିକ୍ରମ କଲାପରେ ଯାଇ "ହଟ ସିଟ"ରେ ପହଞ୍ଚିଲେ ?**

ଏସ ଏମ ଏସ ଜରିଆରେ ପ୍ରଥମ ରାଉଣ୍ଡ ପ୍ରଶ୍ନର ଉତ୍ତର ଦେବାପରେ ଦ୍ୱିତୀୟ ରାଉଣ୍ଡରେ ଫୋନ ଯୋଗେ ମୋତେ ଦୁଇଟି ପ୍ରଶ୍ନ ପଚରା ଯାଇଥିଲା ଓ ମୁଁ ଉଭୟ ପ୍ରଶ୍ନର ଠିକ୍ ଉତ୍ତର ଦେଇଥିଲି । ଏହାର କିଛିଦିନ ପରେ କେବିସିରୁ ଫୋନ ଆସିଲା । ମୋତେ ମେ ୩୧ ରେ ଦିଲ୍ଲୀର ଏକ ସ୍କୁଲରେ ହେଉଥିବା ଅଡିସନ୍ ରେ ଭାଗ ନେବାକୁ କୁହାଗଲା। ସେଇ ଅନୁସାରେ ମୁଁ ଦିଲ୍ଲୀରେ ପହଞ୍ଚିଲି । କିନ୍ତୁ ମୁଁ ଆଗରୁ ଯେହେତୁ ଏତେ ବାଟ କେବେ ଯାଇ ନ ଥିଲି ତେଣୁ ମୋର ଆଦୌ ଧାରଣା ନ ଥିଲା ଯେ ସେଠି ଏତେ ସଂଖ୍ୟାରେ ପ୍ରତିଯୋଗୀ ଥିବେ । ମୋର ଅଡିସନ୍ ସକାଳ ୬ ରୁ ୮ ମଧ୍ୟରେ ଥିଲା । କିନ୍ତୁ ପୂର୍ବରୁ ଅଡିସନ୍ ରେ ଭାଗ ନେଇ ସାରିଥିବା କିଛି ପ୍ରତିଯୋଗୀଙ୍କ ପରାମର୍ଶ କ୍ରମେ ମୁଁ ସାଢ଼େ ୪ ଟାରୁ ଯାଇ ଧାଡ଼ିରେ ଠିଆ ହେଲି । ସେତେ ବେଳକୁ ସେଠି ପ୍ରାୟ ୨୦,୦୦୦ ପ୍ରତିଯୋଗୀ ପହଞ୍ଚି ସାରିଥିଲେ । ସେଠି ଓ ଏମ ଆର ସିଟ ରେ ୨୦ ଟି ପ୍ରଶ୍ନ ପଚରା ଯାଇଥିଲା । ମୋତେ ଲାଗିଲା ଯେମିତି ମୁଁ CAT ବା IIT ପରୀକ୍ଷା ଦେଉଛି । ଜଗନ୍ନାଥଙ୍କ କୃପାରୁ ମୁଁ ଅଡ଼ିସନରେ ସଫଳ ହେଲି ଓ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେଲି । ଆମ ପାଇଁ ଅଗଷ୍ଟ ୮ ରୁ ୧୨ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରା ଯାଇଥିଲା । କିନ୍ତୁ ତା ପୂର୍ବରୁ ଜୁଲାଇ ଶେଷ ଭାଗରେ କେବିସିରୁ ଗୋଟିଏ କ୍ୟାମେରା ଟିମ୍ ଆସିଥିଲେ ମୋର କାମ ବିଷୟରେ ସୁଟିଂ କରିବା ପାଇଁ । ମୁଁ ସେମାନଙ୍କୁ ନେଇ ନୂଆପାଟଣା ଯାଇଥିଲି ଯେଉଁଠାରୁ ଆମେ ହସ୍ତତନ୍ତ ବସ୍ତ୍ର କିଣୁ । ସେଠି ସେମାନେ ଯାହା ସୁଟ କଲେ ସେଥିରୁ ଗୋଟିଏ ଦେଢ଼ ମିନିଟର ବୃତ୍ତ ଚିତ୍ର ତିଆରି ହୋଇଥିଲା ଯାହା ଟେଲିକାଷ୍ଟ ବେଳେ ପ୍ରଦର୍ଶିତ ହୋଇଥିଲା । ମୁମ୍ବାଇରେ "ଫାଷ୍ଟେଷ୍ଟ ଫିଙ୍ଗର ଫାଷ୍ଟ" ରାଉଣ୍ଡ ହେଲା ଓ ସେଥିରେ ଉତ୍ତୀର୍ଣ୍ଣ ହେଲାପରେ ମୁଁ "ଜଲଦି ୫" ରାଉଣ୍ଡକୁ ଗଲି ଓ ଶେଷରେ ଯାଇ "ହଟ ସିଟ"ରେ ବସିଲି । ମୋ ପରିଶ୍ରମ ସାର୍ଥକ ହେଲା । ଏତେ ସବୁ ରାଉଣ୍ଡ ପରେ ମୁଁ ଜାଣିଲି ଯେ କେବଳ ଠିକ୍ ଉତ୍ତର ଜାଣିବା ଯଥେଷ୍ଟ ନୁହେଁ । ଅନ୍ୟମାନଙ୍କ ଠାରୁ ଶୀଘ୍ର ଓ ଠିକ୍ ଉତ୍ତର ଦେଇ ପାରିଲେ ହିଁ ଜଣେ ଶେଷ ପର୍ଯ୍ୟାୟ ଯାଏଁ ପହଞ୍ଚି ପାରିବ ।

**■ ଟିଭିରେ ଆମେ ଯାହା ଦେଖିଲୁ ତା ବାହାରେ ଅମିତାଭଙ୍କ ସହ କିଛି କଥା ହେବାର ସୁଯୋଗ ମିଳିଲା ?**

ହଁ, ରେକର୍ଡିଂ ସରିବା ପରେ ତାଙ୍କ ସହ ଆମର ଫଟୋ ସେସନ୍ ଥିଲା । ସେଥିରେ ଆମେ ତାଙ୍କ ସହ ଫଟୋ ଉଠେଇଲୁ। ତାଙ୍କ ଠାରୁ ଅଟୋଗ୍ରାଫ ନେଲୁ ।

**■ କିଛି କଥାବାର୍ତ୍ତା ହେଲା ?**

ହଁ, ସେ ମୋ ବାପାଙ୍କୁ କହିଲେ ଯେ ଆପଣଙ୍କ ଝିଅ ପାଇଁ ଆମେ ଜାଣିଲୁ ଯେ ଓଡ଼ିଶାରେ ଏମିତି ଉତ୍କୃଷ୍ଟ କାମ ହୁଏ । ମୋତେ ସେଥିପାଇଁ ଧନ୍ୟବାଦ ଦେଲେ । ବାପା ତାଙ୍କ ପାଇଁ ଗୋଟିଏ ପଟ୍ଟଚିତ୍ର ନେଇ ଯାଇଥିଲେ । ସେଇଟା ତାଙ୍କୁ ଦେଲୁ ।

**■ ଆପଣଙ୍କ ଅଧ୍ୟାୟ ପ୍ରସାରିତ ହେଲାପରେ ବାହାରୁ କୌଣସି ଲୋକ ଆପଣଙ୍କ ସାମଗ୍ରୀ କିଣିବାରେ ଆଗ୍ରହ ପ୍ରକାଶ କରିଛନ୍ତି ?**

ହଁ, ଅନେକ ଲୋକ ଆମ ସହ ଯୋଗାଯୋଗ କରିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଲୋକ ଆମ ଜିନିଷ କିଣିବା ପାଇଁ ଅର୍ଡର ମଧ୍ୟ ଦେଇଛନ୍ତି । କିଛି ଲୋକ ତ ଶୋ ଚାଲିଥିଲା ବେଳେ ହିଁ ଆମ ୱେବସାଇଟକୁ ଯାଇ ଅର୍ଡର ଦେଇଛନ୍ତି ।

**■ ଆପଣ "ଉତ୍କଳ ଅମ୍ରିତା" ଜରିଆରେ ଓଡ଼ିଶା ହସ୍ତତନ୍ତର ପ୍ରଚାର ପ୍ରସାର କରୁଛନ୍ତି । ଏହା ଦ୍ୱାରା ଆମ ବୁଣାକାର ମାନେ କେମିତି ଲାଭ ପାଉଛନ୍ତି ?**

ସବୁଠାରୁ ବେଶୀ ଲାଭ ସେଇମାନେ ହିଁ ତ ପାଉଛନ୍ତି କାରଣ ତାଙ୍କ ଉତ୍ପାଦ ବିକ୍ରି ହେଉଛି ।

**■ ଓଡ଼ିଶାର ହସ୍ତତନ୍ତ, ହସ୍ତଶିଳ୍ପରେ ଆଗ୍ରହ ଆସିଲା କେମିତି ?**

ଏହାର ସମ୍ପୂର୍ଣ୍ଣ ଶ୍ରେୟ ମୋ ପରିବାରର, ବିଶେଷ କରି ମୋ ମା ଓ ଭଉଣୀଙ୍କର । ବାପା ମଧ୍ୟ ଓଡ଼ିଶା ବିଷୟରେ, ଓଡ଼ିଶାର କଳା, ଭାସ୍କର୍ଯ୍ୟ ଓ ହସ୍ତକଳା ବିଷୟରେ ଅଧିକ ଜାଣିବାକୁ ଆମ ମନରେ ଆଗ୍ରହ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି । ସେମାନେ ସବୁବେଳେ ଓଡ଼ିଶାର ହସ୍ତତନ୍ତ ହସ୍ତଶିଳ୍ପ ବ୍ୟବହାର କରିବାରେ ଆଗ୍ରହ ପ୍ରକାଶ କରନ୍ତି ଓ ମୋତେ ମଧ୍ୟ ସେ ଦିଗରେ ଉତ୍ସାହିତ କରନ୍ତି । ଦୁଃଖର କଥା ଯେ ଆମର ଏତେ ଗୌରବମୟ ପରମ୍ପରା ଥାଇ ବି ଆମେ ଆଜି ଏତେ ପଛୁଆ ।

**■ ଓଡ଼ିଶାର ହସ୍ତ ମତନ୍ତ ଓ ହସ୍ତଶିଳ୍ପକୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରିବା ସହ ଆମ ବୁଣାକାର ଓ କାରିଗର ମାନଙ୍କର ଆର୍ଥିକ ଓ ସାମାଜିକ ପ୍ରଗତି ପାଇଁ ଆପଣ କଣ ପ୍ରସ୍ତାବ ଦେବେ ?**

ପ୍ରଥମ କଥା ହେଲା ସରକାର ଏ ଦିଗରେ ଅଧିକ ତତ୍ପର ହେବା ଦରକାର । ତାଙ୍କ ପାଖରେ ଅର୍ଥ ଅଛି, ମାନବ ସମ୍ବଳ ଅଛି । କିନ୍ତୁ ସରକାର ବୁଣାକାର ମାନଙ୍କ ପାଇଁ ଯାହା କରିବା କଥା କରୁ ନାହାଁନ୍ତି । ମାଧୁରୀ ଦୀକ୍ଷିତଙ୍କୁ ବ୍ରାଣ୍ଡ ଅମ୍ବାସାଡର୍ କରିବା ପାଇଁ ୫ କୋଟି ଖର୍ଚ୍ଚ କରୁଛନ୍ତି । କିନ୍ତୁ ବୁଣାକାରମାନଙ୍କ ପାଇଁ ମାତ୍ର ୩ କୋଟି। ଏହାଛଡ଼ା ସରକାର ଏ ଦିଗରେ ନିଷ୍ଠାପର ଭାବେ କାମ କରୁଥିବା ବ୍ୟକ୍ତି ଓ ସଂସ୍ଥାଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ଉଚିତ, ଯାହା ଏବେ ହେଉନାହିଁ । ଦ୍ୱିତୀୟରେ ଆମ ବୁଣାକାର ମାନେ ପେଶାଦାର ମନୋବୃତ୍ତ ନେଇ କାମ କରିବା ଦରକାର; ଠିକ୍ ସମୟରେ ଜିନିଷ ଡେଲିଭରି କରିବା ଦରକାର । ଏହା ନ ହେଲେ ଗରାଖ ମାନଙ୍କର - ବିଶେଷ କରି ବିଦେଶୀ ଗରାଖ ମାନଙ୍କର - ଆସ୍ଥା ଭଜନ ହେବା ସମ୍ଭବ ନୁହେଁ।



# ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି: ଓଡ଼ିଶାରେ ବିଫଳ କାହିଁକି ?



ଆନନ୍ଦ ମହାପାତ୍ର

ଦେଶ ତଥା ରାଜ୍ୟର ନିରନ୍ତର ବିକାଶ ସରକାରଙ୍କ ଅନ୍ୟତମ ପ୍ରମୁଖ ଦାୟିତ୍ୱ। ବିକାଶମୁଖୀ ଭାରତବର୍ଷରେ ଏହାକୁ ସୁଗମ କରିବା ଲାଗି ଶକ୍ତି କ୍ଷେତ୍ରର ଭୂମିକା ଅପରିହାର୍ଯ୍ୟ। ଶକ୍ତି ଚାହିଦା ପୂରଣ କ୍ଷେତ୍ରରେ ଦେଶ ତଥା ଆମ ରାଜ୍ୟ ମୁଖ୍ୟତଃ ତାପଜ ବିଦ୍ୟୁତ ଉତ୍ପାଦନ ଉପରେ ପ୍ରାୟ ୭୫% ନିର୍ଭରଶୀଳ। ତେବେ ବିପୁଳ କୋଇଲା ଦହନରେ ଉପଲବ୍ଧ ତାପଜ ବିଦ୍ୟୁତ ବିକାଶ ବଦଳରେ ଅଙ୍ଗାରକାମ୍ଳଜନିତ ପ୍ରଦୂଷଣ ଓ ସର୍ବୋପରି ଜଳବାୟୁ ପରିବର୍ତ୍ତନ ଭଳି ବିନାଶକୁ ଆମନ୍ତ୍ରଣ କରୁଥିବାରୁ ସାରା ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଇଛି। ସମ୍ମିଳିତ ଉଦ୍ୟମରେ ଏହାର ନିରାକରଣ ଲାଗି ସ୍ୱାକ୍ଷରିତ ଅନ୍ତର୍ଜାତୀୟ ରାଜିନାମାରେ ଆମ ଦେଶ ସଦସ୍ୟଭୁକ୍ତ ହୋଇଥିବାରୁ ତାପଜ ବିଦ୍ୟୁତ ବଦଳରେ ଧୂମହୀନ ବା ସବୁଜ ବିଦ୍ୟୁତ ଉତ୍ପାଦନ ଲାଗି କେନ୍ଦ୍ର ସରକାର ନୀତିଗତ ନିଷ୍ପତ୍ତି ନେଲେ। ୨୦୧୦ ଜୁନ୍ ୨୨ରୁ ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ଲାଗୁ କରାଗଲା ସ୍ୱଚ୍ଛ ଶକ୍ତି କର ବା କ୍ଲିନ୍ ଏନର୍ଜି ସେସ୍ (ସିଇସି)। ମୁଖ୍ୟ ଉଦ୍ଦେଶ୍ୟ ଥିଲା କୋଇଲାରୁ ସେସ୍ ଅସୁଲ କରାଯାଇ ତାହାକୁ ସ୍ୱଚ୍ଛ ବିଦ୍ୟୁତ ଉତ୍ପାଦନରେ ବିନିଯୋଗ କରାଯିବ; ଯେଉଁଥିରେ କୋଇଲା ଉତ୍ପାଦନକାରୀ ରାଜ୍ୟଗୁଡ଼ିକ ଅଗ୍ରାଧିକାର ପାଇବେ। ଏହାଦ୍ୱାରା ତାପଜ ବିଦ୍ୟୁତ ଉତ୍ପାଦନ ନିୟନ୍ତ୍ରଣ କରିବାକୁ ଲକ୍ଷ୍ୟ ଥିଲା। ୨୦୧୦ରେ ଟନ୍ ପିଛା କୋଇଲା ଉପରୁ ୫୦ ଟଙ୍କା ହିସାବରେ ସରକାର ସବୁଜ ସେସ୍ ଅସୁଲ ଆରମ୍ଭ କଲେ। ୨୦୧୪ ଜୁଲାଇ ୧୧ରୁ ଏହାକୁ ଟନ୍ ପିଛା ୧୦୦ ଟଙ୍କା, ୨୦୧୫ ମାର୍ଚ୍ଚ ପହିଲାରେ ଟନ୍ ପିଛା ୨୦୦ ଟଙ୍କା ଓ ୨୦୧୬ ମାର୍ଚ୍ଚ ପହିଲାରୁ ଟନ୍ ପିଛା ୪୦୦ ଟଙ୍କାକୁ ବୃଦ୍ଧି କରାଗଲା। ସାରା ଦେଶରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରବର୍ତ୍ତନ ପୂର୍ବରୁ ୨୦୧୭-୧୮ ଆର୍ଥିକ ବର୍ଷ ବେଳକୁ କୋଇଲାରୁ ଅସୁଲ ସବୁଜ ଟିକସ ପରିମାଣ ୮୬,୪୪୦ କୋଟି ଟଙ୍କାରେ ପହଞ୍ଚିଥିଲା। ପରେ ଏହାକୁ ଜିଏସ୍‌ଟିରେ ବର୍ଗୀକୃତ କରାଯାଇ ଜିଏସଟି କ୍ଷତିପୂରଣ ସେସ୍ ନାମରେ କୋଇଲାରୁ ଟନ୍ ପିଛା ୪୦୦ ଟଙ୍କା ହିସାବରେ ସେସ୍ ଅସୁଲ ଜାରି ରହିଛି। ତେଣୁ କୋଇଲାରୁ ଏ ପର୍ଯ୍ୟନ୍ତ ଅସୁଲ ସେସ୍‌ର ପରିମାଣ ପ୍ରାୟ ୫ ଲକ୍ଷ କୋଟି ଟଙ୍କା ଟପିବ ବୋଲି ଆକଳନ କରାଯାଉଛି। ମାତ୍ର ବିଡ଼ମ୍ବନା ହେଲା- ଯେଉଁ ମହତ ଲକ୍ଷ୍ୟରେ କୋଇଲା ସେସ୍ ବିନିଯୋଗରେ ସବୁଜ ଶକ୍ତି ଉତ୍ପାଦନ ବୃଦ୍ଧି ନିମନ୍ତେ ଖସଡ଼ା ପ୍ରସ୍ତୁତ କରାଯାଇଥିଲା, ସରକାର ତାହାକୁ କାର୍ଯ୍ୟକାରୀ ନକରି ପ୍ରକାରାନ୍ତରେ ଓହରିଗଲେ। ଅନ୍ୟାନ୍ୟ ସେସ୍ ଭଳି କୋଇଲାରୁ ଅସୁଲ୍ ସବୁଜ ସେସ୍‌କୁ ବିଭିନ୍ନ ରାଜ୍ୟର ଜିଏସ୍‌ଟି କ୍ଷତିପୂରଣ ବାବଦକୁ ଭରଣା କରାଗଲା। ଜିଏସ୍‌ଟି କ୍ଷତିପୂରଣ ସେସ୍ ଅଦାୟ ଅବଧି ଜୁନ ୨୦୨୨ରେ ସରି ଯାଇଥିଲେ ବି କୋଭିଡ଼୍ ମହାମାରୀ ଆଳରେ ଏହାକୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ଆଇ-ଫରେଷ୍ଟ୍ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦୧୭-୧୮ରୁ ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା କୋଇଲାରୁ ଅସୁଲ ସବୁଜ ସେସ୍‌ରୁ ୨ ଲକ୍ଷ ୩୬ ହଜାର ୮୩୧ କୋଟି ଟଙ୍କା (ପ୍ରାୟ ୪୦.୬%) ଜିଏସ୍‌ଟି କ୍ଷତିପୂରଣ ବାବଦରେ ବ୍ୟୟ କରାଯାଇଛି। ଏହି ସେସ୍ ଲବ୍ଧ ଅର୍ଥକୁ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଦିଗରେ ବ୍ୟୟ କରିବା ଲାଗି ଗଠିତ ଜାତୀୟ ସ୍ୱଚ୍ଛ ବିଦ୍ୟୁତ ପାଣ୍ଠି (ଏନ୍‌ସିଇଏଫ୍)କୁ ୨୦୧୦ରୁ ୨୦୧୭ ବର୍ଷ ମଧ୍ୟରେ ମାତ୍ର ୨୦,୯୫୦ କୋଟି ଟଙ୍କା ଏବଂ ୨୦୧୭-୧୮ରେ ଆଉ ୮ ହଜାର ୭୦୦ କୋଟି ଟଙ୍କା ଯାଇଥିବା ବେଳେ ସେଥିରୁ ୧୫,୯୧୦ କୋଟି ଟଙ୍କା ସବୁଜ ଶକ୍ତି ବିକାଶ ପ୍ରକଳ୍ପ ପାଇଁ ଆର୍ଥିକ ପ୍ରୋତ୍ସାହନ ଦିଆଯାଇଛି। ମୋଟାମୋଟି ଭାବେ କହିବାକୁ ଗଲେ, କୋଇଲାରୁ ଅସୁଲ ସେସ୍ ବିନିଯୋଗରେ ଛାତ ଉପରେ ସୌର ଶକ୍ତି (ଆର୍‌ଟିଏସ୍) ସମେତ ଅନ୍ୟାନ୍ୟ ଉତ୍ସରୁ ସବୁଜ ଶକ୍ତି ଉତ୍ପାଦନ ପାଇଁ ଯେଉଁ ମହତ ଉଦ୍ଦେଶ୍ୟ ଥିଲା, ତାହା ବସ୍ତୁତଃ ପରାହତ ହୋଇଛି। ଅନ୍ୟପକ୍ଷରେ ଟନ୍ ପିଛା ୪୦୦ ଟଙ୍କାର କୋଇଲା ସେସ୍ ଅସୁଲ ଯୋଗୁଁ କୋଇଲା ମୂଲ୍ୟ ବୃଦ୍ଧି ସହ ତାପଜ ବିଦ୍ୟୁତ ଦର ବଢ଼ିଲା। ପରିଣାମସ୍ୱରୂପ ଏନ୍‌ଟିପିସି ଏବଂ ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ବିଦ୍ୟୁତ ମୂଲ୍ୟ ମହଙ୍ଗା ହେବା ସହ ଓଡ଼ିଶା ଉପଭୋକ୍ତାମାନେ ସେଥିପାଇଁ ୟୁନିଟ୍ ପିଛା ଅଧିକ ୨୫ ପଇସା ଗଣୁଛନ୍ତି।

ସୁଲଭ ମୂଲ୍ୟରେ ନିରନ୍ତର ତଥା ଗୁଣାତ୍ମକ ବିଦ୍ୟୁତ ଯୋଗାଣରେ ବିଫଳତାକୁ ନେଇ ଓଡ଼ିଶା ସମେତ ସାରା ଦେଶରେ ଲାଗି ରହିଥିବା ଅସନ୍ତୋଷ ନିର୍ବାଚନ ପ୍ରସଙ୍ଗ ପାଲଟିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଗଣା ସବୁଜ ବିଦ୍ୟୁତ ଯୋଗାଣ ପ୍ରତିଶ୍ରୁତି ଦେଇ ୨୦୨୪ ଫେବୃଆରି ୧୩ରେ ଘୋଷଣା କରିଥିଲେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା'। ୨୦୨୪ ସାଧାରଣ ନିର୍ବାଚନରେ ଏହି ମାଗଣା ବିଜୁଳି ପ୍ରତିଶ୍ରୁତି ଦେଇ କେନ୍ଦ୍ରରେ କ୍ଷମତାସୀନ ବିଜେପି ଅନ୍ୟାନ୍ୟ ରାଜ୍ୟ ସମେତ ଓଡ଼ିଶାରୁ ଆଶାତୀତ ସମର୍ଥନ ପାଇଲା। ଘୋଷିତ ୩ ବର୍ଷିଆ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା' ଅନୁଯାୟୀ ଛାତ ଉପରେ ସୌର ଶକ୍ତି ପ୍ୟାନେଲ୍ ସ୍ଥାପନ ଦ୍ୱାରା ଲୋକେ ମାଗଣା ବିଜୁଳି ପାଇବା ସହ ଉତ୍ପାଦିତ ବଳକା ବିଜୁଳି ବିକି ଲାଭବାନ ହେବେ। ଏହି ୩ ବର୍ଷିଆ ଯୋଜନା ୨୦୨୭ ମାର୍ଚ୍ଚ ଯାଏ ବଳବତ୍ତର ରଖିବାକୁ ୨୦୨୫ କେନ୍ଦ୍ରୀୟ ବଜେଟ୍‌ରେ ୭୫ ହଜାର ୨୧ କୋଟି ଟଙ୍କାର ବ୍ୟୟ ବରାଦ କରାଗଲା। ଏଭଳି ଏକ ଆକାଂକ୍ଷିତ ଲକ୍ଷ୍ୟ ହାସଲ ନିମନ୍ତେ ହିତାଧିକାରୀଙ୍କ ପାଇଁ କିଲୋୱାଟ୍ ପିଛା ସବ୍‌ସିଡ଼ି ଧାର୍ଯ୍ୟ ସହ ନିୟାମକ ବ୍ୟବସ୍ଥାକୁ ସବଳ କରାଗଲା। ସାଧାରଣତଃ ପାଞ୍ଚ ସଦସ୍ୟବିଶିଷ୍ଟ ପରିବାର ପାଇଁ ୩ କିଲୋୱାଟ୍ ବିଦ୍ୟୁତ ଆବଶ୍ୟକ। ଏହି କ୍ଷମତାର ଆର୍‌ଟିଏସ୍ ସ୍ଥାପନ ଲାଗି ପ୍ରାୟ ୨ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡ଼ିବ। ତେବେ ଘୋଷିତ ମାଗାଣା ବିଦ୍ୟୁତ ଯୋଜନାରେ କେନ୍ଦ୍ର ସରକାର ଏହି କ୍ଷମତାର ଆର୍‌ଟିଏସ୍ ପାଇଁ ୭୮ ହଜାର ଟଙ୍କା ସବ୍‌ସିଡ଼ି ଦେଉଥିବା ବେଳେ ରାଜ୍ୟ ସବ୍‌ସିଡ଼ି ୬୦ ହଜାର ଟଙ୍କା। ସୁତରାଂ ହିତାଧିକାରୀଙ୍କୁ ଅତି କମ୍‌ରେ ୬୨ ହଜାର ଟଙ୍କା ମାସିକ କିସ୍ତି ଆକାରରେ ଦେବାକୁ ପଡ଼ିବ। ତେବେ ଓଡ଼ିଶାରେ ଏହି ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ମୁଖ୍ୟ ଅନ୍ତରାୟ ପାଲଟିଛି ଓଇଆର୍‌ସିର ସନ୍ଦେହଜନକ ଭୂମିକା। କାରଣ ଓଡ଼ିଶାରେ ସୂର୍ଯ୍ୟଘର ଯୋଜନା ଏକ ବର୍ଷ ପୂରଣ କରିଥିଲେ ମଧ୍ୟ ହତାଧିକାରୀଙ୍କ ବଳକା ବିଦ୍ୟୁତ୍ ବିକ୍ରି ଲାଗି ଓଇଆର୍‌ସି ଏପର୍ଯ୍ୟନ୍ତ ଟାରିଫ୍ ଧାର୍ଯ୍ୟ କରିନାହାନ୍ତି। ଫଳରେ ସେମାନଙ୍କ ଆର୍‌ଟିଏସ୍‌ର ବଳକା ବିଦ୍ୟୁତ ବିନା ମୂଲ୍ୟରେ ଗ୍ରାଡ୍‌କୁ ଯାଉଛି। ଏଥିରୁ କିଏ ଲାଭ ପାଉଛି, ତାହା ତଦନ୍ତସାପେକ୍ଷ। ମୋଟାମୋଟି ଭାବେ ଓଇଆର୍‌ସି ଇନ୍ଦ୍ରଜାଲରେ ଉପଭୋକ୍ତା ବଳକା ବିଦ୍ୟୁତ ବିକ୍ରିର ସୁଯୋଗ ପାଉନଥିବାରୁ ସୂର୍ଯ୍ୟଘର ଯୋଜନା ପ୍ରତି ସେମାନଙ୍କ ଅନାଗ୍ରହ ବଢ଼ିବା ସ୍ୱାଭାବିକ।

କେନ୍ଦ୍ର ସରକାରଙ୍କ ସୂର୍ଯ୍ୟଘର ରୁଫ୍ ଟପ୍ ଜାତୀୟ ପୋର୍ଟାଲ୍‌ରେ ୨୦୨୫ ଅଗଷ୍ଟ ୧୬ର ତଥ୍ୟ ଅନୁଯାୟୀ ସାରା ଦେଶରେ ଏ ପର୍ଯ୍ୟନ୍ତ ୫୮ ଲକ୍ଷ ୯୧ ହଜାର ୩୯୧ଟି ଆବେଦନ ପଡ଼ିଥିବା ବେଳେ ସେଥିରୁ ୧୩ ଲକ୍ଷ ୮୪ ହଜାର ୪୭୩ (ପାଖାପାଖି ୨୩.୫%) ଆର୍‌ଟିଏସ୍ ସ୍ଥାପନ କରାଯାଇଛି। ଓଡ଼ିଶାରେ ୧ ଲକ୍ଷ ୨୯ ହଜାର ୩୮୭ଟି ଆବେଦନ ପଡ଼ିଥିବା ବେଳେ ୧୧,୫୯୦ (୯%ରୁ କମ୍) ଛାତରେ ସୌର ପ୍ୟାନେଲ୍ ସ୍ଥାପିତ ହୋଇଛି। ସୁତରାଂ ଏହି ଯୋଜନାର ରୂପାୟନ ଏଠାରେ ବେଶ୍ ମନ୍ଥର।

କେନ୍ଦ୍ର ଅକ୍ଷୟଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁସାରେ ୩ କିଲୋୱାଟ ରୁଫ୍ ଟପ୍ ପ୍ରକଳ୍ପର ବେଞ୍ଚ ମାର୍କ ମୂଲ୍ୟ ୧ ଲକ୍ଷ ୪୫ ହଜାର ଦର୍ଶାଯାଇଥିବା ବେଳେ ସେହି ହିସାବରେ ଉପଭୋକ୍ତା ପାଉଛନ୍ତି ୭୮ ହଜାର ଟଙ୍କାର ସବ୍‌ସିଡ଼ି। ଓଡିଶାରେ ତାହାର ବେଞ୍ଚ ମାର୍କ ମୂଲ୍ୟ ୨ ଲକ୍ଷଟଙ୍କା। ଅର୍ଥାତ୍ ଓଡ଼ିଶା ଉପଭୋକ୍ତାମାନେ ଆର୍‌ଟିଏସ୍ ବାବଦରେ ଅଧିକ ୫୫ ହଜାର ଟଙ୍କା ଗଣୁଛନ୍ତି। ମାତ୍ର ଏହି ଅଧିକ ବ୍ୟୟ ହିସାବରେ ସେମାନେ ପ୍ରାୟ ୨୫ ହଜାର ଟଙ୍କାର ଅତିରିକ୍ତ ସବ୍‌ସିଡି ପାଉନାହାନ୍ତି। ଅନ୍ୟାନ୍ୟ ରାଜ୍ୟରେ ରୁଫ୍ ଟପ୍ ପ୍ୟାନେଲ୍ ସ୍ଥାପନା ବ୍ୟୟ କେତେ ଓ ସର୍ବୋପରି କେନ୍ଦ୍ର ଧାର୍ଯ୍ୟ କରିଥିବା ମୂଲ୍ୟ ତୁଳନାରେ ଓଡ଼ିଶା ଉପଭୋକ୍ତାମାନେ କାହିଁକି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି-ରାଜ୍ୟ କିମ୍ବା କେନ୍ଦ୍ର ସରକାର ତାହାର ତର୍ଜମା କରୁନାହାନ୍ତି। ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ୨୦୨୪ ଜୁନ୍ ୭ରେ ଜାରି ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ସୌର ପ୍ୟାନେଲ୍ ଓ ଏହାର ଆନୁଷଙ୍ଗିକ ଯନ୍ତ୍ରପାତିର ବଜାର ମୂଲ୍ୟ ବଢ଼ିଲେ ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା କରାଯିବ। ଆବଶ୍ୟକସ୍ଥଳେ ବେଞ୍ଚ୍ ମାର୍କ ମୂଲ୍ୟ ସଂଶୋଧନ କରାଯାଇ ବଜେଟ୍ ସହାୟତା ଦିଆଯିବ। ସୂର୍ଯ୍ୟଘର ଯୋଜନାରେ ଓଡ଼ିଶା ଉପଭୋକ୍ତାମାନେ ବେଞ୍ଚ୍ ମାର୍କ ମୂଲ୍ୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାର ତଥ୍ୟ ଜାତୀୟ ପୋର୍ଟାଲରେ ପୈଠ କରୁଥିଲେ ହେଁ କେନ୍ଦ୍ର ଅକ୍ଷୟଶକ୍ତି ମନ୍ତ୍ରଣାଳୟ ଏ ପର୍ଯ୍ୟନ୍ତ ସେଥିରେ ହସ୍ତକ୍ଷେପ କରୁ ନାହାନ୍ତି କି ତାହାକୁ ସଂଶୋଧନ କରି ନାହାନ୍ତି। ଫଳରେ ଓଡ଼ିଶା ଉପଭୋକ୍ତାମାନେ ଅଧିକ ୫୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି, କିନ୍ତୁ ସେହି ହିସାବରେ ଅତିରିକ୍ତ ସବ୍‌ସିଡ଼ି ପାଉ ନାହାନ୍ତି।

ଏଭଳି ଅନେକ କାରଣ ଯୋଗୁଁ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରିବାକୁ ଓଡ଼ିଶା ଉପଭୋକ୍ତାଙ୍କ ମଧ୍ୟରେ ଆଗ୍ରହ ବଦଳରେ ଅନାଗ୍ରହ ପ୍ରକାଶ ପାଉଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓଡ଼ିଶାରେ ପ୍ରଚଳିତ ବେଞ୍ଚ ମାର୍କ ମୂଲ୍ୟକୁ ତୁରନ୍ତ ସଂଶୋଧନ କରିବା ସହିତ ଇତିମଧ୍ୟରେ ଅଧିକ ବ୍ୟୟ କରିଥିବା ଉପଭୋକ୍ତାଙ୍କୁ ଅତିରିକ୍ତ ସବ୍‌ସିଡ଼ି ପ୍ରଦାନ ନିମନ୍ତେ ପଦକ୍ଷେପ ନେବା ଜରୁରି। ଏଥିସହ ହିତାଧିକାରୀଙ୍କ ବଳକା ବିଦ୍ୟୁତ ବିକ୍ରି କ୍ଷେତ୍ରରେ ଲାଗି ରହିଥିବା ନିୟାମକ ପ୍ରତିବନ୍ଧକ ଦୂର ନହେଲେ ଓଡ଼ିଶାରେ ମନ୍ଥର ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଗତିଶୀଳ ହେବା ମୁସ୍କିଲ୍।

ମୋବାଇଲ: ୮୮୯୫୪୧୮୧୬୯

କଥା ଓ ଗାଥା-୫

# ‘ମହାପୁରୁଷ’ ଶ୍ରୀଜଗନ୍ନାଥଙ୍କ ‘ବିଦ୍ୟା’

ଅସିତ ମହାନ୍ତି

‘ସ୍କନ୍ଦପୁରାଣ’, ‘ବ୍ରହ୍ମପୁରାଣ’ ଓ ‘କପିଳସଂହିତା’ ପରି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା, ତତ୍ତ୍ୱ ଓ ଦର୍ଶନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ହେଉଛି- ‘ଶ୍ରୀମହାପୁରୁଷବିଦ୍ୟା’। ଏହା ଏକ ଦୁର୍ଲଭ ଗ୍ରନ୍ଥ। କାରଣ, ଅନେକ କାଳ ପର୍ଯ୍ୟନ୍ତ ଏହା ଦୁଷ୍ପ୍ରାପ୍ୟ ରହିଥିଲା। ବହୁ ପରବର୍ତ୍ତୀ କାଳରେ ଏହା ପ୍ରଥମେ ବିଦେଶରେ, ପରେ ଓଡ଼ିଶାରେ ଏବଂ ଆହୁରି ପରେ ଓଡ଼ିଆ ଅନୁବାଦରେ ଉପଲବ୍ଧ ହେଲା।

‘ବିଦ୍ୟା’ର ଅର୍ଥ ଜ୍ଞାନ। ଏହି ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ‘ମହାପୁରୁଷ’ ରୂପେ ବର୍ଣ୍ଣନା କରାଯାଇଛି। ଏଣୁ ଏହା ଶ୍ରୀଜଗନ୍ନାଥଙ୍କ ଜ୍ଞାନଗ୍ରନ୍ଥ। ସେ ସେହି ‘ମହାପୁରୁଷ’, ଯାହାଙ୍କର ବର୍ଣ୍ଣନା ‘ଋକ୍‌ବେଦ’ ଦଶମ ମଣ୍ଡଳର ‘ପୁରୁଷସୂକ୍ତ’ରେ ଅଛି। ଏହା ‘ବିଷ୍ଣୁରହସ୍ୟ’ ନାମକ ଏକ ଲୁପ୍ତ ଗ୍ରନ୍ଥର ଅଂଶବିଶେଷ। ‘ଜଗନ୍ନାଥମାହାତ୍ମ୍ୟ’ ଓ ‘ପୁରୁଷୋତ୍ତମ ମାହାତ୍ମ୍ୟ’ ନାମରେ ମଧ୍ୟ ଏହା ପରିଚିତ। ମାତ୍ର ଏହାର ‘ପୁଷ୍ପିକା’ରେ କୁହାଯାଇଛି, ‘ଇତିଶ୍ରୀମହାପୁରୁଷବିଦ୍ୟାୟାଂ ବିଷ୍ଣୁରହସ୍ୟେ କ୍ଷେତ୍ରକାଣ୍ଡେ ଶ୍ରୀପୁରୁଷୋତ୍ତମମାହାତ୍ମ୍ୟେ...।’’ ଏଣୁ ଏହା ‘ମହାପୁରୁଷବିଦ୍ୟା’ ବା ‘ଶ୍ରୀମହାପୁରୁଷବିଦ୍ୟା’ ନାମରେ ହିଁ ସଂପାଦିତ ତଥା ପ୍ରକାଶିତ ହୋଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସଂସ୍କୃତ ପ୍ରଫେସର ତଥା ବିଭାଗମୁଖ୍ୟ ଡକ୍ଟର ଗୋପାଳକୃଷ୍ଣ ଦାଶ ପ୍ରଥମ କରି ଏହାର ଓଡ଼ିଆ ଅନୁବାଦ କରିଛନ୍ତି ଏବଂ ଏହା ପୁରୀର ‘ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ’ ଦ୍ୱାରା ୨୦୨୧ରେ ପ୍ରକାଶ ପାଇଛି। ତେବେ, ତାହାର ଏକ ପୂର୍ବ ଇତିହାସ ମଧ୍ୟ ଅଛି। ଓଡ଼ିଆ ଅନୁବାଦ ପ୍ରକାଶ କାଳରେ ସେହି ଇତିହାସର ସଂକ୍ଷିପ୍ତ ସୂଚନା ଦେଇଛନ୍ତି ପ୍ରଫେସର ଶ୍ରୀ ଦାଶ।

ସେହି ସୂଚନା ଅନୁସାରେ, ଆହ୍ଲାବାଦର ସୁପ୍ରସିଦ୍ଧ କେନ୍ଦ୍ରୀୟ ସଂସ୍କୃତ ଅନୁଷ୍ଠାନ ‘ଗଙ୍ଗାନାଥ ଝା ବିଦ୍ୟାପୀଠ’ର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଗୟାଚରଣ ତ୍ରିପାଠୀଙ୍କଠାରୁ ସେ ଏହି ପୁରାଣ ବିଷୟରେ ସୂଚନା ପାଇଥିଲେ। ଜର୍ମାନୀର ଟୁବିନ୍‌ଜେନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଏଚ୍.ଭି. ଷ୍ଟିଟେନ୍‌କ୍ରୋନ୍‌ଙ୍କ ସହିତ ଯୋଗାଯୋଗ କରି ତାହାର ଏକ ପ୍ରତିଲିପି ମଧ୍ୟ ସେ ସଂଗ୍ରହ କରିଥିଲେ। ତାହା ‘ଦାରୁଦେବତା ଓ ବ୍ରହ୍ମ’ ନାମରେ ତଥା ‘ବିଷ୍ଣୁ ରହସ୍ୟ’ ଅନ୍ତର୍ଗତ ‘ପୁରୁଷୋତ୍ତମ ମାହାତ୍ମ୍ୟ’ ବା ‘ମହାପୁରୁଷବିଦ୍ୟା’ ନାମରେ ୧୯୮୪ରେ ପ୍ରକାଶ ପାଇଥିଲା।

ଏ ସଂପର୍କରେ ଅନ୍ୟ ଏକ ସୂଚନାଯୋଗ୍ୟ ବିଷୟ ହେଉଛି- ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୯୯୧ରେ ମଧ୍ୟ ତାହା ମୂଳ ସଂସ୍କୃତ ରୂପରେ ପ୍ରକାଶ ପାଇଥିଲା। ସେତେବେଳେ ତାହାର ସଂପାଦକ ଥିଲେ ସ୍ୱର୍ଗତ ପ୍ରଫେସର ଡକ୍ଟର ସତ୍ୟବାଦୀ ମିଶ୍ର ଓ ପ୍ରାଧ୍ୟାପକ ପଣ୍ଡିତ ସୋମନାଥ ଦାଶ। ସେତେବେଳେ ବିଶ୍ୱବିଦ୍ୟାଳୟର କୁଳପତି ଥିବା ପ୍ରଫେସର ଗୌରାଙ୍ଗ ଚରଣ ନାୟକ ତାହାର ଏକ ପୂର୍ବାଭାସ ଲେଖିଛନ୍ତି। ସଂପାଦକ ତଥା ପ୍ରାକ୍ତନ ନିର୍ଦ୍ଦେଶକ ସ୍ୱର୍ଗତ ସତ୍ୟବାଦୀ ମିଶ୍ର ଇଂରାଜୀରେ ସେହି ପୁସ୍ତକର ଏକ ଦୀର୍ଘ ମୁଖବନ୍ଧ ମଧ୍ୟ ଲେଖିଛନ୍ତି। ଅନ୍ୟତମ ସଂପାଦକ ତଥା ନିର୍ଦ୍ଦେଶକ ପଣ୍ଡିତ ସୋମନାଥ ଦାଶଶର୍ମା ମଧ୍ୟ ସଂସ୍କୃତରେ ତାହାର ଏକ ମୁଖବନ୍ଧ ଲେଖିଛନ୍ତି। ପ୍ରାୟ ତିନି ଦଶନ୍ଧି ପରେ ହିଁ ଶ୍ରୀଜଗନ୍ନାଥଙ୍କ ସଂପର୍କିତ ଏହି ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ-ଦର୍ଶନ ଗ୍ରନ୍ଥର ଓଡ଼ିଆ ଅନୁବାଦ ପ୍ରକାଶ ପାଇଛି।

ଅନୁବାଦକ ପ୍ରଫେସର ଗୋପାଳକୃଷ୍ଣ ଦାଶ ଏକ ସଂକ୍ଷିପ୍ତ ‘ପୃଷ୍ଠଭୂମି’ ସହିତ ଏକ ‘ସମୀକ୍ଷା’ ମଧ୍ୟ ସେଥିରେ ଲେଖିଛନ୍ତି। ସେହି ସମୀକ୍ଷାରେ ସେ ଦେଇଥିବା ସୂଚନା ଅନୁସାରେ, ୧୯୮୪ରେ ଜର୍ମାନୀରୁ ପ୍ରକାଶିତ ସଂସ୍କରଣ ଦୁଇଭାଗରେ ପ୍ରକାଶ ପାଇଥିଲା। ତାହାର ନାମ ଥିଲା ‘ଦି ଉଡ୍‌ନ୍ ଗଡ୍ ଆଣ୍ଡ୍ ଦି ବ୍ରହ୍ମନ୍’ ; ଅର୍ଥାତ୍ ‘ଦାରୁଦେବତା ଓ ବ୍ରହ୍ମ’ ଓ ‘ମହାପୁରୁଷବିଦ୍ୟା’- ଏହିପରି ଦୁଇଭାଗରେ ତାହା ପ୍ରକାଶିତ ହୋଇଥିଲା। ସେହି ସଂସ୍କରଣ ସଂପର୍କରେ ସେ କହିଛନ୍ତି- ଜର୍ମାନୀରୁ ପ୍ରକାଶିତ ପୁସ୍ତକ ରୋମାନ୍ ଲିପିରେ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ପ୍ରକାଶିତ ପୁସ୍ତକ ନାଗରୀ ଲିପିରେ ପ୍ରକାଶ ପାଇଥିଲା। ଜର୍ମାନୀ ସଂସ୍କରଣରେ ନଅଟି ଅଧ୍ୟାୟ ଓ ଶ୍ଳୋକସଂଖ୍ୟା ୯୧୦ ଥିବାବେଳେ, ପୁରୀ ସଂସ୍କରଣରେ ଦଶଟି ଅଧ୍ୟାୟ ଓ ଶ୍ଳୋକସଂଖ୍ୟା ୯୨୨ ଥିଲା। ଉଭୟ ଗ୍ରନ୍ଥର ପାଠ ଓ ପାଠାନ୍ତର ସହିତ ସେ ଏହି ଅନୂଦିତ ଗ୍ରନ୍ଥର ସଂପାଦନା କରିଛନ୍ତି। ବସ୍ତୁତଃ ଏହା ‘ଦାରୁବ୍ରହ୍ମ ମାହାତ୍ମ୍ୟ’।

ଏହି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥର ଏକ ବିଶେଷତ୍ୱ ହେଉଛି- ‘ଶ୍ରୀଜଗନ୍ନାଥାଷ୍ଟକମ୍’ ପରି ‘ଶ୍ରୀଜଗନ୍ନାଥଙ୍କ ଧ୍ୟାନ’ ରୂପେ ସର୍ବାଧିକ ପ୍ରଚଳିତ ଓ ଆଦୃତ ‘‘ନୀଳାଦ୍ରୌ ଶଙ୍ଖମଧ୍ୟେ...’’ ଶ୍ଳୋକ ଏହି ଗ୍ରନ୍ଥର। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରକାଶିତ ଗ୍ରନ୍ଥରେ ଏହା ନବମ ଅଧ୍ୟାୟର ୩୨ ଶ୍ଳୋକ ରୂପେ ସ୍ଥାନିତ ହୋଇଥିବାବେଳେ, ନୂତନ ଭାବେ ସଂପାଦିତ ଓ ଅନୂଦିତ ପୁସ୍ତକରେ ଏହା ନବମ ଅଧ୍ୟାୟର ୩୧ ଶ୍ଳୋକ ରୂପେ ସ୍ଥାନିତ ହୋଇଛି। ଶ୍ଳୋକଟି ହେଉଛି-


‘‘ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥଂ
ସର୍ବାଳଙ୍କାରଯୁକ୍ତଂ ନବଘନରୁଚିରଂ ସଂଯୁତଂ ଚାଗ୍ରଜେନ।
ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ର ବନ୍ଦ୍ୟଂ
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁଂ ଭଜେଽହମ୍ ।।’’

ଏ ସଂପର୍କରେ ଲକ୍ଷ୍ୟଣୀୟ ବିଷୟ ହେଉଛି- ଏହି ଶ୍ଳୋକର ମୂଳଉତ୍ସ ଅଜ୍ଞାତ ଥିବାବେଳେ ମଧ୍ୟ ଏହା ଲୋକ ସମାଜରେ ବହୁଳ ଆଦୃତ ଓ ସୁପ୍ରଚଳିତ ଥିଲା। ମାତ୍ର ତାହାର ଶେଷ ପଦଟି ଲୋକମୁଖରେ ପରିବର୍ତ୍ତିତ ହୋଇ ପ୍ରଚଳିତ ହେଉଥିଲା। କେତେକ ତାହାକୁ ‘‘...ବ୍ରହ୍ମଦାରୁଂ ସ୍ମରାମି’’ ଭାବରେ ଆବୃତ୍ତି କରୁଥିବାବେଳେ, ଅନ୍ୟ କେତେକ ତାହାକୁ ‘‘...ବ୍ରହ୍ମଦାରୁଂ ଭଜାମି’’ ଭାବରେ ଆବୃତ୍ତି କରୁଥିଲେ। ମାତ୍ର ମୂଳଗ୍ରନ୍ଥ ବା ମୂଳ ଉତ୍ସ ଅନୁସାରେ, ପ୍ରକୃତ ଶ୍ଳୋକାଂଶଟି ହେଉଛି ‘‘...ବ୍ରହ୍ମଦାରୁଂ ଭଜେଽହମ୍।’’ କିନ୍ତୁ ମୂଳଉତ୍ସ ଉପଲବ୍ଧ ହେବାପରେ ମଧ୍ୟ, ଅନେକ ଅଭ୍ୟାସବଶତଃ ଏହାକୁ ପୂର୍ବପରି ଆବୃତ୍ତି କରୁଛନ୍ତି, ଯାହା ଶାସ୍ତ୍ର ସମର୍ଥିତ ନୁହେଁ।

ଏହି ‘ଶ୍ରୀଜଗନ୍ନାଥ ଧ୍ୟାନମ୍’ର ଓଡ଼ିଆ ଅର୍ଥ ହେଉଛି- ‘‘ନୀଳାଦ୍ରିରେ, ଶଙ୍ଖ ମଧ୍ୟରେ, ଶତଦଳକମଳରେ, ରତ୍ନସିଂହାସନରେ ବିରାଜମାନ, ସକଳ ଅଳଙ୍କାରରେ ମଣ୍ଡିତ, ନବଘନ ତୁଲ୍ୟ ରୁଚିର, ଅଗ୍ରଜ ବଳଭଦ୍ରଙ୍କ ସହିତ ସଂଯୁକ୍ତ, ସୁଭଦ୍ରାଙ୍କ ବାମପାର୍ଶ୍ୱରେ ଅବସ୍ଥିତ, ରଥଚରଣ (ଚକ୍ର) ଯୁକ୍ତ, ବ୍ରହ୍ମା, ରୁଦ୍ର ଓ ଇନ୍ଦ୍ରଙ୍କ ଦ୍ୱାରା ବନ୍ଦନୀୟ, ବେଦମାନଙ୍କର ସାରତତ୍ତ୍ୱ, ପରମଐଶ୍ୱର୍ଯ୍ୟଯୁକ୍ତ (ଈଶ), ସ୍ୱଜନମାନଙ୍କଦ୍ୱାରା ପରିବେଷ୍ଟିତ, ବ୍ରହ୍ମଦାରୁଙ୍କୁ ଭଜନ (ମନ୍ତ୍ରଧ୍ୟାନ) କରୁଛି।

ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ମହତ୍ତ୍ୱପୂର୍ଣ୍ଣ ଧ୍ୟାନ (ଶ୍ଳୋକ ବା ମନ୍ତ୍ର) ସମନ୍ୱିତ ଏହି ‘ଶ୍ରୀମହାପୁରୁଷବିଦ୍ୟା’ ଭଗବାନ ବିଷ୍ଣୁଙ୍କ ତତ୍ତ୍ୱ ପ୍ରତିପାଦକ ଏକ ଦୁର୍ଲଭ ଗ୍ରନ୍ଥ। ବିଶିଷ୍ଟ ଗବେଷକ ପ୍ରଫେସର ଗୟାଚରଣ ତ୍ରିପାଠୀ ଏହାର ରଚନାକାଳ ୧୫୦୦ରୁ ୧୫୬୦ ଖ୍ରୀଷ୍ଟାବ୍ଦ ବୋଲି ଅନୁମାନ କରିଛନ୍ତି। କଳାପାହାଡ଼ ଆକ୍ରମଣ ସମୟର ଐତିହାସିକ ଉପାଦାନର ବିଚାରକୁ ନେଇ ସେ ଏହି ଅନୁମାନ କରିଛନ୍ତି ଏବଂ ଏହା କଳାପାହାଡ଼ ଆକ୍ରମଣ ପୂର୍ବର ରଚନା ବୋଲି କହିଛନ୍ତି। କାରଣ କଳାପାହାଡ଼ର ଆକ୍ରମଣରେ ଯାଜପୁରର ବିରଜା କ୍ଷେତ୍ର ବିଧ୍ୱସ୍ତ ହୋଇଯାଇଥିଲା। ଯଦି ଏହା କଳାପାହାଡ଼ ଆକ୍ରମଣ ପରର ରଚନା ହୋଇଥାନ୍ତା, ତେବେ ବିରଜାକ୍ଷେତ୍ରର ସୁନ୍ଦର ଓ ପ୍ରାଧାନ୍ୟପୂର୍ଣ୍ଣ ବର୍ଣ୍ଣନା ଏଥିରେ ନ ଥାନ୍ତା ବୋଲି ସେ ମତ ଦେଇଛନ୍ତି। ମାତ୍ର ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରକାଶିତ ଗ୍ରନ୍ଥରେ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରମାଣ ଆଧାରରେ ଡକ୍ଟର ସତ୍ୟବାଦୀ ମିଶ୍ର ଏହା ତ୍ରୟୋଦଶ ଶତାବ୍ଦୀର ରଚନା ବୋଲି କହିଛନ୍ତି।

ଏହି ଗ୍ରନ୍ଥରେ ସୂତ ବକ୍ତା ଓ ଶୌନକ ଶ୍ରୋତା। ମଧ୍ୟେ ମଧ୍ୟେ ବ୍ୟାସ, ନାରଦ, ବ୍ରହ୍ମା, ବିଷ୍ଣୁ ପ୍ରଭୃତିଙ୍କ ନାମ ପ୍ରସଙ୍ଗକ୍ରମେ ଆସିଛି। ଏଥିରୁ ଏହାର ପ୍ରାଚୀନତା ପ୍ରତିପାଦିତ ହେଉଛି। ଏହି ଗ୍ରନ୍ଥ ସଂପର୍କରେ ସଂପାଦକ ତଥା ଅନୁବାଦକ ପ୍ରଫେସର ଡକ୍ଟର ଦାଶ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ କହିଛନ୍ତି- ‘ଭାଗବତ’ର ମହାପୁରୁଷତତ୍ତ୍ୱ କୃଷ୍ଣଙ୍କୁ ବ୍ରହ୍ମ, ପରମାତ୍ମା ଓ ଭଗବାନ୍ ବୋଲି ବଖାଣିଛି। ‘ମହାପୁରୁଷବିଦ୍ୟା’ର ମହାପୁରୁଷତତ୍ତ୍ୱ ଜଗନ୍ନାଥଙ୍କର ମାହାତ୍ମ୍ୟ ପ୍ରତିପାଦନ କରିଛି। କୃଷ୍ଣଙ୍କ ପ୍ରଚାର ଓ ପ୍ରସାର ଯୋଗୁଁ କୃଷ୍ଣ-ଜଗନ୍ନାଥ ତତ୍ତ୍ୱ କେନ୍ଦ୍ରବିନ୍ଦୁ ହେଲା। ‘ବେଦ’ର ‘ପୁରୁଷ’, ‘ଗୀତା’ର ‘ପୁରୁଷୋତ୍ତମ’ ଓ ‘ଭାଗବତ’ର ‘ମହାପୁରୁଷ’ କୃଷ୍ଣଭକ୍ତି ଚେତନାରେ ସମନ୍ୱିତ। ‘ମହାପୁରୁଷବିଦ୍ୟା’ ଜଗନ୍ନାଥ-ଚେତନା ସର୍ବସ୍ୱ। ଏହା ଜଗନ୍ନାଥଙ୍କର ମହିମା ଉନ୍ମୋଚନ କରିଛି। କୃଷ୍ଣଚେତନାର ପୃଷ୍ଠପୋଷକତା ଓ ବହୁଳ ପ୍ରଚାର ଫଳରେ ଶ୍ରୀଜଗନ୍ନାଥ ରହସ୍ୟରେ ଆବୃତ ହେଲେ। ‘ମହାପୁରୁଷବିଦ୍ୟା’ ବସ୍ତୁତଃ ପୁରୁଷୋତ୍ତମ ମାହାତ୍ମ୍ୟ ଅଥବା ଦାରୁବ୍ରହ୍ମ ମାହାତ୍ମ୍ୟ। ଶ୍ରୀଜଗନ୍ନାଥଙ୍କର ଦାରୁବ୍ରହ୍ମ ରୂପେ ପ୍ରକଟ ଓ ତାଙ୍କର ଜଗନ୍ମୟ ଭାବକୁ ‘ମହାପୁରୁଷବିଦ୍ୟା’ ପ୍ରକାଶ କରିଛି।




ଏ ସଂପର୍କରେ ସେ ଆହୁରି ମଧ୍ୟ କହିଛନ୍ତି- କୃଷ୍ଣ-ଭକ୍ତି-ଦର୍ଶନ-ସାହିତ୍ୟ-ସେବାପୂଜାର ଲୋକପ୍ରିୟତା ଓ ରାଜକୀୟ ପୋଷକତା ଯୋଗୁଁ ଶ୍ରୀଜଗନ୍ନାଥଙ୍କର ବ୍ରହ୍ମତତ୍ତ୍ୱର ମୌଳିକତା ଆଚ୍ଛନ୍ନ ହୋଇ ରହିଥିଲା। ତେଣୁ ‘ମହାପୁରୁଷବିଦ୍ୟା’ ବିଷ୍ଣୁ-ଜଗନ୍ନାଥ-ଦାରୁବ୍ରହ୍ମ ରହସ୍ୟକୁ ଲୋକଲୋଚନକୁ ଆଣିବାପାଇଁ ଉଦ୍ଦିଷ୍ଟ। ଶ୍ରୀଜୟଦେବଙ୍କ ଦଶାବତାରର ବ୍ୟତିକ୍ରମରେ ଏକ ତର୍କସମ୍ମତ ପୁଟ ଦେବା, କୃଷ୍ଣଙ୍କୁ ଜଗନ୍ନାଥଙ୍କର ଏକ ବ୍ୟୂହର ଅଂଶାବତାର କରିବା ଏବଂ ଦାରୁବ୍ରହ୍ମଙ୍କର ମାହାତ୍ମ୍ୟ ବର୍ଣ୍ଣନା କରିବା ‘ମହାପୁରୁଷବିଦ୍ୟା’ର ଲକ୍ଷ୍ୟ।

ଦାରୁବ୍ରହ୍ମ ତଥା ମହାପୁରୁଷ-ଶ୍ରୀଜଗନ୍ନାଥଙ୍କ ସଂପର୍କିତ ଏହି ତତ୍ତ୍ୱ-ଦର୍ଶନ ଗ୍ରନ୍ଥର ପ୍ରଥମ ଅଧ୍ୟାୟରେ ସୃଷ୍ଟି ଓ ସର୍ବମୟ ବିଷ୍ଣୁଙ୍କ ବିଷୟରେ ଶୌନକ ଜିଜ୍ଞାସା କରିଛନ୍ତି ଏବଂ ସୂତ ତାହାର ଉତ୍ତର ଦେଇଛନ୍ତି। ସେହିପରି, ଦ୍ୱିତୀୟ ଅଧ୍ୟାୟରେ ସେ ବିଷ୍ଣୁଙ୍କ ସ୍ୱରୂପ ସଂପର୍କରେ ବିଶଦ ଭାବରେ କହିଛନ୍ତି। ଏହାର ପରବର୍ତ୍ତୀ ତୃତୀୟ ଅଧ୍ୟାୟରେ ସୃଷ୍ଟି ଜିଜ୍ଞାସା ପ୍ରସଙ୍ଗରେ ଶ୍ରୀଜଗନ୍ନାଥଙ୍କ ପୁରୁଷ ସୃଷ୍ଟି, ଜଗନ୍ନାଥଙ୍କ ଦ୍ୱାରା ବ୍ରହ୍ମାଙ୍କ ସୃଷ୍ଟି, ବୈଷ୍ଣବମାନଙ୍କୁ ନିତ୍ୟ ନୀଳାଚଳରେ ଅବସ୍ଥିତ କରିବାକୁ ବ୍ରହ୍ମାଙ୍କୁ ଜଗନ୍ନାଥଙ୍କ ଆଜ୍ଞା ସହିତ, ବିରଜାକ୍ଷେତ୍ର, ଏକାମ୍ରକ୍ଷେତ୍ର, ଶଙ୍ଖକ୍ଷେତ୍ର ଏବଂ ଶ୍ରୀଜଗନ୍ନାଥାଦି ଦାରୁବ୍ରହ୍ମଙ୍କ ସଂପର୍କରେ ବର୍ଣ୍ଣନା କରାଯାଇଛି। ଚତୁର୍ଥ ଅଧ୍ୟାୟରେ ଶ୍ରୀଜଗଦୀଶଙ୍କର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି। ପଞ୍ଚମ ଅଧ୍ୟାୟରେ ସପ୍ତାବରଣ ମଧ୍ୟରେ ଶ୍ରୀମନ୍ଦିରର ତତ୍ତ୍ୱ ଏବଂ ଷଷ୍ଠ ଅଧ୍ୟାୟରେ ଦାରୁତତ୍ତ୍ୱର ବର୍ଣ୍ଣନା ରହିଛି। ସପ୍ତମ ଅଧ୍ୟାୟରେ ବ୍ୟାସଦେବଙ୍କର ଶ୍ରୀପୁରୁଷୋତ୍ତମ ଦର୍ଶନ ଏବଂ ଅଷ୍ଟମ ଅଧ୍ୟାୟରେ ମହାପ୍ରଭୁଙ୍କ ଲୀଳା ଓ ପତିତ ଉଦ୍ଧାର ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ଆଦିର ବର୍ଣ୍ଣନା କରାଯାଇଛି। ପରିଶେଷରେ ମହାପ୍ରସାଦ ମାହାତ୍ମ୍ୟ ଓ ମହାପ୍ରସାଦ ବୈଭବ ଆଦି ବର୍ଣ୍ଣିତ ହୋଇଛି।

ଏହିପରି ଭାବରେ, ‘ଶ୍ରୀମହାପୁରୁଷବିଦ୍ୟା’ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା, ତତ୍ତ୍ୱ ଓ ଦର୍ଶନ ସମ୍ବଳିତ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ।



# ଓଡ଼ିଶା ରାଜନୀତିରେ ପ୍ରଥମ ଗୋଷ୍ଠୀବିବାଦ



ଭାସ୍କର ପରିଚ୍ଛା

୧୯୪୬ ମସିହା ଏପ୍ରିଲ ୨୩ ତାରିଖରେ ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଏବଂ ନିଜ ମନ୍ତ୍ରୀମଣ୍ଡଳ ଗଠନ କଲେ। ୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖ ଯାଏଁ ସେ ପ୍ରଧାନମନ୍ତ୍ରୀ ପଦରେ ରହିଥିଲେ । ତା ପରଠାରୁ ମୁଖ୍ୟମନ୍ତ୍ରୀ ବୋଲାଇଲେ।

ବ୍ରିଟିଶ ଅଧୀନରେ ଥିବା ପ୍ରଦେଶଗୁଡ଼ିକୁ ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆ ଆକ୍ଟ ବା ଭାରତ ସରକାର ଆଇନ, ୧୯୩୫ ସୀମିତ ସ୍ୱାୟତ୍ତତା ପ୍ରଦାନ କରିଥିଲା। ଫଳରେ ନିର୍ବାଚିତ ପ୍ରତିନିଧିମାନେ ନିଜ ସରକାର ଗଠନ କରିବାକୁ ଆରମ୍ଭ କଲେ। ଫଳସ୍ୱରୂପ ଓଡ଼ିଶାରେ ଜଣେ "ପ୍ରଧାନମନ୍ତ୍ରୀ"ଙ୍କ ନେତୃତ୍ୱରେ ସରକାର ଗଠନ ହୋଇଥିଲା। କେବଳ ଓଡ଼ିଶା ନୁହେଁ, ଅନେକ ବ୍ରିଟିଶ-ଭାରତୀୟ ପ୍ରଦେଶରେ ମଧ୍ୟ "ପ୍ରଧାନମନ୍ତ୍ରୀ" ଉପାଧି ବ୍ୟବହୃତ ହେଉଥିଲା ଯେପରି କି ବଙ୍ଗଳା ଓ ପଞ୍ଜାବ । ଏହା ଔପନିବେଶିକ-ପ୍ରଶାସନିକ ଭାଷାର ଏକ ପ୍ରତିଫଳନ ମାତ୍ର ଥିଲା। ପ୍ରାଦେଶିକ ସରକାର ମୁଖ୍ୟମାନଙ୍କୁ ବ୍ରିଟିଶମାନେ "ପ୍ରଧାନମନ୍ତ୍ରୀ" ଭାବରେ ଦେଖିବା ପାଇଁ ଇଚ୍ଛା କରୁଥିଲେ। । ନୂଆ ସମ୍ବିଧାନ ଆସିବା ପରେ ରାଜ୍ୟ ସରକାରମାନଙ୍କ ପାଇଁ ଯେଉଁ ମାନକ ପ୍ରସ୍ତୁତ ହେଲା, ସେଥିରେ 'ପ୍ରଧାନମନ୍ତ୍ରୀ' ପଦ ଆପଣାଛାଏଁ 'ମୁଖ୍ୟମନ୍ତ୍ରୀ'ରେ ରୂପାନ୍ତରିତ ହେଲା।

ସ୍ୱାଧୀନୋତ୍ତର ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ମହତାବଙ୍କ ପ୍ରଥମ ମନ୍ତ୍ରୀମଣ୍ଡଳରେ ରାଜସ୍ୱ, ଯୋଗାଣ ଏବଂ ପରିବହନ ମନ୍ତ୍ରୀ ଭାବରେ ନବକୃଷ୍ଣ ଚୌଧୁରୀ ଦାୟିତ୍ୱ ଗ୍ରହଣ କଲେ। ଆଇନ, ବିକାଶ ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ମନ୍ତ୍ରୀ ଭାବରେ ନିତ୍ୟାନନ୍ଦ କାନୁନଗୋ ଯୋଗ ଦେଲେ। ଲିଙ୍ଗରାଜ ମିଶ୍ରଙ୍କୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିଥିବା ବେଳେ ପୂର୍ତ୍ତ ବିଭାଗ ମନ୍ତ୍ରୀ ହୋଇଥିଲେ ରାଧାକୃଷ୍ଣ ବିଶ୍ୱାସରାୟ। ୧୯୪୮ ରେ ନବକୃଷ୍ଣ ଚୌଧୁରୀ ଏବଂ ରାଧାକୃଷ୍ଣ ବିଶ୍ୱାସରାୟ ଭିନ୍ନ ଭିନ୍ନ କାରଣରୁ ମହତାବ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ରାଜକୃଷ୍ଣ ବୋଷ, ସଦାଶିବ ତ୍ରିପାଠୀ ଏବଂ ଲାଲା ରଣଜିତ ସିଂହ ବରିହାଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରାଯାଇଥିଲା। ୧୯୪୯ ମସିହାରେ ଦେଶୀୟ ରାଜ୍ୟ ଗୁଡ଼ିକ ଓଡ଼ିଶାରେ ମିଶିବା ପରେ ଆଉ ଦୁଇଟି ଅଧିକ ମନ୍ତ୍ରୀ ପଦ ସୃଷ୍ଟି ହୋଇଥିଲା। ଏ ଦୁଇ ଜଣ ମନ୍ତ୍ରୀ ଥିଲେ କୈଳାଶ ଚନ୍ଦ୍ର ମହାନ୍ତି ଏବଂ କପିଳେଶ୍ୱର ନନ୍ଦ। ଦେଶୀୟ ରାଜ୍ୟ ମିଶ୍ରଣରେ ଏମାନଙ୍କ ବଡ଼ ଭୂମିକା ଥିଲା।

ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ବିଧାନସଭାରେ ଯେଉଁସବୁ ରଥୀ-ମହାରଥୀ ବିଧାୟକ ହୋଇଥିଲେ ତାହା ଲକ୍ଷ୍ୟ କରିବାର କଥା: ଗୌରଙ୍ଗ ଚରଣ ଦାସ, ବିଜୁ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ, ଭୈରବ ଚନ୍ଦ୍ର ମହାନ୍ତି, ସାରଙ୍ଗଧର ଦାସ, ରାଜକୃଷ୍ଣ ବୋଷ, ଗଦାଧର ଦତ୍ତ, ବୋଧରାମ ଦୁବେ, ଲକ୍ଷ୍ମୀନାରାୟଣ ମିଶ୍ର, ସଦାଶିବ ତ୍ରିପାଠୀ, ଦୀନବନ୍ଧୁ ସାହୁ, ପ୍ରିୟମ୍ବଦା ଦେବୀ, ବୈଦ୍ୟନାଥ ରଥ ପ୍ରମୁଖ । ଲାଲମୋହନ ପଟ୍ଟନାୟକ ସେଥର ବାଚସ୍ପତି ହୋଇଥିବା ବେଳେ ଏ. ଲକ୍ଷ୍ମୀବାଇ ଉପ ବାଚସ୍ପତି ହୋଇଥିଲେ। ପ୍ରିୟମ୍ବଦା ଦେବୀ ଏବଂ ଏ. ଲକ୍ଷ୍ମୀବାଇ ଥିଲେ ସ୍ୱାଧୀନୋତ୍ତର ଓଡ଼ିଶାର ପ୍ରଥମ ବିଧାୟିକା।

ହରେକୃଷ୍ଣ ମହତାବ ୪୭ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ହୋଇଥିଲେ। ସେତେବେଳକୁ ସେ ବେଶ୍ ଅଭିଜ୍ଞ ଏବଂ ରାଜନୈତିକ ଦୃଷ୍ଟିରୁ ପରିପକ୍ୱ ହୋଇସାରିଥିଲେ। ତାଙ୍କ ସରକାରଙ୍କ ପ୍ରଥମ କାମ ଥିଲା ଭାରତ ଛାଡ଼ ଆନ୍ଦୋଳନର ବନ୍ଦୀମାନଙ୍କୁ କାରାଗାରରୁ ମୁକ୍ତି।

କୁହାଯାଏ, ଭାରତର ବଡ଼ଲାଟ ଦିଲ୍ଲୀରେ ଅନ୍ତରୀଣ ସରକାରରେ ଯୋଗଦେବାକୁ ମହତାବଙ୍କୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ସର୍ଦ୍ଦାର ପଟେଲ ଏବଂ ମୌଲାନା ଆଜାଦଙ୍କ ପରାମର୍ଶ କ୍ରମେ ମହତାବ ଆଞ୍ଚଳିକ ରାଜନୀତି ଛାଡ଼ି ନଥିଲେ।

ମହତାବଙ୍କ କ୍ୟାବିନେଟ ସହଯୋଗୀମାନେ ତାଙ୍କର ଅତି ଘନିଷ୍ଠ ଥିଲେ। ନବକୃଷ୍ଣ ଚୌଧୁରୀ, ଯିଏ ଜଣେ ବିଶିଷ୍ଟ ସମାଜବାଦୀ ହେବା ବ୍ୟତୀତ କୃଷକ ତଥା ରାଜ୍ୟବାସୀଙ୍କ ସ୍ୱାର୍ଥର ସମର୍ଥକ ଥିଲେ, ସେ ମହତାବଙ୍କୁ ତାଙ୍କ ନେତା ଭାବେ ସ୍ୱୀକାର କରିଥିଲେ। ଏଥିପାଇଁ ସହକର୍ମୀମାନଙ୍କ ନିକଟରେ ମହତାବ ସର୍ବଦା କୃତଜ୍ଞ ରହୁଥିଲେ।

କୋରାପୁଟର ରାଧାକୃଷ୍ଣ ବିଶ୍ୱାସରାୟ କେବଳ ଜଣେ ମନ୍ତ୍ରୀ ନଥିଲେ; ଜଣେ ଅତି ସଚ୍ଚୋଟ ବ୍ୟକ୍ତି ଭାବରେ ତାଙ୍କ ପରିଚୟ ଥିଲା। କିନ୍ତୁ ମହତାବଙ୍କ ସହ ମତଭେଦ ହେବାରୁ ସେ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ। ସେତେବେଳର ଓଡ଼ିଶା ରାଜନୀତିରେ ନୀଳକଣ୍ଠ ଦାସ ଗୋଷ୍ଠୀକୁ 'ପ୍ରୋ-ଚେଞ୍ଜର' କୁହାଯାଉଥିଲା। ଏମାନଙ୍କ ପ୍ରଭାବକୁ ରୋକିବା ପାଇଁ ନବକୃଷ୍ଣ ମହତାବଙ୍କୁ ସମର୍ଥନ କରିଥିଲେ। କହିବା ଅନାବଶ୍ୟକ ଯେ ମହାତ୍ମାଗାନ୍ଧୀଙ୍କ ଆନ୍ଦୋଳନର ଢାଞ୍ଚା ସହିତ ନୀଳକଣ୍ଠ ଦାସଙ୍କ ଅନେକ ମତଭେଦ ଥିଲା।

ତେବେ ସ୍ୱାଧୀନତାର ଢେର ପୂର୍ବରୁ ହିଁ ଓଡ଼ିଶା ରାଜନୀତିରେ ଦୁଇଟି ଗୋଷ୍ଠୀ ତିଆରି ହୋଇ ସାରିଥିଲା - ମହତାବ ଗୋଷ୍ଠୀ ଏବଂ ନୀଳକଣ୍ଠ ଗୋଷ୍ଠୀ । ମହତାବଙ୍କ ଗୋଷ୍ଠୀକୁ 'ଅଳକା' ଗୋଷ୍ଠୀ ବି କୁହାଯାଉଥିଲା । ନବକୃଷ୍ଣ ଚୌଧୁରୀଙ୍କ ଭାଇ ଗୋପବନ୍ଧୁ ଚୌଧୁରୀ ଜଗତସିଂପୁରରେ ଯେଉଁ ଅଳକା ଆଶ୍ରମ ଆରମ୍ଭ କରିଥିଲେ ତାହାକୁ ନେଇ ଅଳକା ଗୋଷ୍ଠୀର ନାମକରଣ। ଏହି ଆଶ୍ରମରେ ମହତାବଙ୍କ ପରି ଅନେକ ଯୁବ ପ୍ରତିବଦ୍ଧ ସାମାଜିକ କର୍ମୀ ସ୍ୱତନ୍ତ୍ର ଗୋଷ୍ଠୀ ଗଠନ କରିଥିଲେ। ତେଣେ ସତ୍ୟବାଦୀ ଗୋଷ୍ଠୀର ମୁଖ୍ୟ କାର୍ପଟଦାର ଥିଲେ ନୀଳକଣ୍ଠ ଓ ଗୋଦାବରୀଶ ଯେଉଁମାନେ ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷକ ଥିଲେ । ଏହି ଦୁଇ ଗୋଷ୍ଠୀ ପରସ୍ପରର ତୀବ୍ର ସମାଲୋଚକ ଥିଲେ।

ସ୍ୱାଧୀନତା ପ୍ରାପ୍ତିର ପରବର୍ତ୍ତୀ ସମୟରେ, ମହତାବଙ୍କର ସମାଜବାଦୀମାନଙ୍କ ସହିତ ବି ଗୁରୁତର ମତଭେଦ ସୃଷ୍ଟି ହୋଇଥିଲା। ଅବଶ୍ୟ ପୂର୍ବରୁ ହିଁ ମହତାବଙ୍କ ରାଜନୀତି ଶୈଳୀ ସହିତ ସମାଜବାଦୀମାନଙ୍କର ତୀବ୍ର ମତଭେଦ ଥିଲା। ଏହି ମତଭେଦ ଗୋଟିଏ ସମୟରେ ଏତେ ତୀବ୍ର ହୋଇଥିଲା ଯେ ସମାଜବାଦୀମାନେ ଏକ ରକମ ଅସ୍ଥିର ହୋଇପଡ଼ିଥିଲେ। କଂଗ୍ରେସର କ୍ଷମତାଲୋଭୀ ରାଜନେତାମାନଙ୍କର ନିଷ୍ଠୁର ମନୋଭାବକୁ ସମାଜବାଦୀମାନେ ସହଜରେ ହଜମ କରି ପାରୁନଥିଲେ । ସେମାନେ ମହତାବଙ୍କୁ ତାଙ୍କର ଅନେକ ଅଣ-ଗାନ୍ଧୀବାଦୀ ଏବଂ ସାମନ୍ତବାଦୀ କାର୍ଯ୍ୟକଳାପ ପାଇଁ ସମାଲୋଚନା କରୁଥିଲେ। ସମାଜବାଦୀମାନେ ଏ ଅଭିଯୋଗ ମଧ୍ୟ ଆଣିଥିଲେ ଯେ ମହତାବ ସେମାନଙ୍କୁ କଂଗ୍ରେସରୁ ଯୋଜନାବଦ୍ଧ ଭାବରେ ବହିଷ୍କାର କରିବାକୁ ଉଦ୍ୟମ କରୁଛନ୍ତି।

ବିଶିଷ୍ଟ ଲେଖକ ଶାନ୍ତନୁ ଆଚାର୍ଯ୍ୟ ଏକଥାକୁ ନେଇ ତାଙ୍କ ପୁସ୍ତକ 'ମୋ ଜୀବନ ଅନ୍ୟ ଏକ ଉପନ୍ୟାସ' (ଗ୍ରନ୍ଥ ମନ୍ଦିର/୨୦୧୩)ରେ ଲେଖିଛନ୍ତି ଯେ ୧୯୨୦-୪୭ ର ମହତାବ ସ୍ୱାଧୀନତା ପରେ ଅନ୍ୟ ଜଣେ ବ୍ୟକ୍ତିରେ ରୂପାନ୍ତରିତ ହୋଇଯାଇଥିଲେ।

୧୯୪୭ ବେଳକୁ ଓଡ଼ିଶାରେ କମ୍ୟୁନିଷ୍ଟମାନେ ମଧ୍ୟ କଂଗ୍ରେସ ସଂଗଠନ ମଧ୍ୟରେ କାର୍ଯ୍ୟ କରୁଥିଲେ। କିନ୍ତୁ କମ୍ୟୁନିଷ୍ଟ ଓ ସମାଜବାଦୀମାନଙ୍କୁ ସେମାନଙ୍କ ଅତି-ଉଗ୍ରବାଦୀ ମନୋଭାବ କାରଣରୁ କଂଗ୍ରେସର ଦକ୍ଷିଣପନ୍ଥୀଙ୍କ ଦ୍ୱାରା ଆଦୌ ଗ୍ରହଣ କରାଯାଉ ନ ଥିଲା। ମହାତ୍ମା ଗାନ୍ଧୀ ଏବଂ କଂଗ୍ରେସକୁ ବୁର୍ଜୁଆ ଏବଂ ସାମନ୍ତବାଦୀଙ୍କ ସମର୍ଥକ ଭାବରେ ତୀବ୍ର ସମାଲୋଚନା କରିବାକୁ କମ୍ୟୁନିଷ୍ଟମାନେ ପଛାଉ ନ ଥିଲେ।| ସେହିଭଳି ସମାଜବାଦୀମାନଙ୍କୁ କଂଗ୍ରେସର ନକଲ ଏବଂ ସହୋଦର ବୋଲି ମଧ୍ୟ ବାମପନ୍ଥୀମାନେ ସମାଲୋଚନା କରୁଥିଲେ। ଯଦିଓ ସମାଜବାଦୀମାନେ ସେମାନଙ୍କ ଆଭିମୁଖ୍ୟରେ ଉଗ୍ରବାଦୀ ଥିଲେ, ଗାନ୍ଧୀଜୀଙ୍କ କେତେକ ଆଦର୍ଶକୁ ସେମାନେ ସମ୍ମାନ ଏବଂ ସମର୍ଥନ କରୁଥିଲେ।

ଯେତେବେଳେ "ଭାରତ ଛାଡ଼" ଆନ୍ଦୋଳନ ଆରମ୍ଭ ହେଲା ଏବଂ କମ୍ୟୁନିଷ୍ଟମାନେ ଏହାକୁ ସମର୍ଥନ କଲେନାହିଁ, ସେମାନଙ୍କୁ କଂଗ୍ରେସରୁ ବହିଷ୍କାର କରାଯାଇଥିଲା। ସେହି ସମୟରେ ହରିହର ଦାସ, ଗଙ୍ଗାଧର ମିଶ୍ର ଏବଂ ଦୟାନନ୍ଦ ଶତପଥୀଙ୍କ ଭଳି ଅନେକ କମ୍ୟୁନିଷ୍ଟ ନେତା ଯଥାକ୍ରମେ ଗଞ୍ଜାମ, ପୁରୀ ଏବଂ ସମ୍ବଲପୁରର କଂଗ୍ରେସ ଜିଲ୍ଲା କମିଟିର ସମ୍ପାଦକ ଥିଲେ। ଉଲ୍ଲେଖ କରିବାର କଥା କଂଗ୍ରେସ- ବାମପନ୍ଥୀ ସହଯୋଗର ଏକ ଲମ୍ବା ଇତିହାସ ଅଛି।




# ଏକ ବିରଳ ବ୍ୟତିକ୍ରମ

## ତିକ୍ତ ମଧୁର-୨



ଚିନ୍ମୟ ହୋତା

ଗତ ସପ୍ତାହରେ ପୃଥିବୀର ଦୁଇଟି ମର୍ଯ୍ୟାଦାଶାଳୀ ପ୍ରକାଶନରେ ଦୁଇଟି ଭିନ୍ନ ଭିନ୍ନ ଅଥଚ ସମାନ ମର୍ମର ବିବରଣୀ ସ୍ଥାନିତ ହୋଇଥିଲା। ଖ୍ୟାତନାମା 'ଗାଲପ' ସଂସ୍ଥାର ସର୍ଭେ ରିପୋର୍ଟକୁ ଆଧାର କରି 'ଦ ନ୍ୟୁୟର୍କ ଟାଇମ୍ସ' ଆମେରିକାରେ ମଦ୍ୟପାନ ବର୍ଷକୁ ବର୍ଷ ହ୍ରାସ ପାଉଛି ବୋଲି ପ୍ରତିପାଦିତ କରିଥିବା ବେଳେ 'ଦ ଇକନମିଷ୍ଟ' ପତ୍ରିକାର କହିବା ଅନୁସାରେ ନିର୍ଭରଯୋଗ୍ୟ ଗବେଷଣାରୁ ଜଣା ପଡ଼ିଛି ଯେ ବିୟର ଲୋଭୀ ଜର୍ମାନମାନେ ଏବେ ତାଙ୍କର ଏହି ପ୍ରିୟ ପାନୀୟ ତଥା ଅନ୍ୟ ମଦ ଗୁଡ଼ିକରୁ ମୁହଁ ମୋଡ଼ିଲେଣି। ଉଦାହରଣ ସ୍ୱରୂପ ୧୯୯୭ ମସିହାରୁ ୨୦୧୩ ମସିହା ପର୍ଯ୍ୟନ୍ତ ଶତକଡା ୬୦ ଭାଗ ଆମେରିକୀୟ ମଦ୍ୟପାନ କରୁଥିବା ବେଳେ ଏବେ ତାହା ୫୪ ଭାଗକୁ ଖସି ଆସିଲାଣି। ଅନ୍ୟ ଦିଗରେ ୨୦୦୫ ମସିହାରେ ଜଣେ ଜର୍ମାନବାସୀ ବର୍ଷକୁ ହାରାହାରି ୧୧୨ ଲିଟର ବିୟର ପାନ କରୁଥିଲା ବେଳେ ଆଜି ସେ ପରିମାଣ ୯୦ ଲିଟରକୁ ଖସି ଆସିଛି।

ଭଲ କଥା। ନିଶା ନିବାରଣ ଅନେକ ସମୟରେ ସାଧାରଣ ମଣିଷଙ୍କର, ଜାତିସଂଘର ତଥା ବିଭିନ୍ନ ସରକାରଙ୍କର ଏକ ଅଭିଳଷିତ ଆଦର୍ଶ, ଯଦିଓ ଏଥିରେ ସଫଳତା ସବୁବେଳେ ଏକ ଅସାଧ୍ୟ ଲକ୍ଷ୍ୟ ହୋଇ ରହିଯାଇଛି। ସେହି ଚିରାଚରିତ ଧାରାର ହଠାତ ବ୍ୟତିକ୍ରମର କାରଣ କ'ଣ ହୋଇପାରେ? ବିକଶିତ ଦେଶମାନଙ୍କରେ ମଦ୍ୟପାନ ହ୍ରାସର ଏକ ମୁଖ୍ୟ କାରଣ ଲୋକଙ୍କର ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି ବୋଲି ଏହି ସର୍ଭେ ଗୁଡ଼ିକ ସୂଚନା ଦିଅନ୍ତି। ଅଳ୍ପ ମଦ୍ୟପାନ କଲେ ତାହା ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କିଛି ବର୍ଷ ହେଲା ମୁଣ୍ଡ ଟେକିଥିବା ଧାରଣାଟି ଉପରେ ବି ଆସ୍ଥା ହରାଇ ବସିଛନ୍ତି ଅନେକ ଆମେରିକୀୟ। ପୁଣି ମଦର ବର୍ଦ୍ଧିତ ମୂଲ୍ୟ ଅନେକ ମଦପ୍ରେମୀଙ୍କ ପକେଟକୁ ବାଧୁଛି ବୋଲି ଜଣା ପଡିଛି ବିଶ୍ଳେଷଣ ଗୁଡିକରୁ। ଉଭୟ ସମୀକ୍ଷାକୁ ମିଶେଇ ପଢ଼ିଲେ ଯେଉଁ ନିଷ୍କର୍ଷ ବାହାରୁଛି ତାର ସାରାଂଶ ହେଲା: ଉନ୍ନତ ଦେଶ - ଯେମିତିକି ଆମେରିକା, ଜାପାନ ଓ ଜର୍ମାନୀ - ଇତ୍ୟାଦିରେ ମଦ୍ୟପାନ ଆଖିଦୃଶିଆ ଭାବେ କମିଛି ଓ ଏହାର ମୁଖ୍ୟ କାରଣ ଲୋକଙ୍କ ସ୍ୱାସ୍ଥ୍ୟ ଚିନ୍ତା ତଥା କର୍ତ୍ତୃପକ୍ଷଙ୍କ ଏ ବିଷୟରେ ଲୋକଙ୍କ ମନରେ ସଚେତନତା ସୃଷ୍ଟି କରିବାର ଅବିରତ ପ୍ରଚେଷ୍ଟା।

ତେବେ ଏ ତ ହେଲା ବିକଶିତ ଦେଶଗୁଡ଼ିକର ପରିସ୍ଥିତି। ସାରା ବିଶ୍ୱର ଅନେକ ଦେଶର ଓ ସେମାନଙ୍କର ସାମାଜିକ, ଅର୍ଥନୈତିକ ଅବସ୍ଥାକୁ ସମଷ୍ଟିଗତ ହିସାବରେ ବିଚାର କଲେ ଯେଉଁ ଚିତ୍ର ମିଳେ ତାହା ହେଲା ବିଶ୍ୱସ୍ତରରେ ମଧ୍ୟ ମଦ୍ୟପାନର ଗ୍ରାଫ ନିମ୍ନଗାମୀ। ୨୦୧୬ ମସିହା ପାଖରୁ ଆଜି ପର୍ଯ୍ୟନ୍ତ ମଦ୍ୟପାନର ପରିମାଣ ୧୩% ହ୍ରାସ ପାଇଛି । ୨୦୧୩ ମସିହାରେ ବିଶ୍ୱରେ ଜଣେ ବୟସ୍କ ବ୍ୟକ୍ତି ହାରାହାରି ୫ ଲିଟର ମଦ ପିଉଥିବା ବେଳେ ୨୦୧୩ ବେଳକୁ ତାର ଆବଶ୍ୟକତା ୩.୯ ଲିଟରକୁ କମିଯାଇଛି ('ଦ ନିୟୁ ଇଣ୍ଡିଆନ ଏକ୍ସପ୍ରେସ', ୧୩.୫.୨୦୨୫)।

ଏହି ପୃଷ୍ଠଭୂମିରେ ବର୍ତ୍ତମାନ ଦେଖିବାର କଥା, ଗୋଟିଏ ଆଗୁଆ ଦେଶ ହିସାବରେ ନିଜର ଡିଣ୍ଡିମ ପିଟୁଥିବା ଭାରତ ଓ ତା' ସାଙ୍ଗକୁ ୨୦୩୬ ମସିହା ସୁଦ୍ଧା ନିଜକୁ ବିକଶିତ ପ୍ରଦେଶ କରି ଗଢ଼ି ତୋଳିବାର ସ୍ୱପ୍ନ ଦେଖୁଥିବା ଓଡ଼ିଶା ଅର୍ଥାତ ଆମ ଚାରିପାଖର ସମାଜରେ ଏ ଦିଗରେ ହାଲ୍ କଣ? ଅବଶୋଷର କଥା ଯେ ବିକଶିତ ଦେଶ ସମୂହ ଏବଂ ସାରା ବିଶ୍ୱର ନିମ୍ନମୁଖୀ ଧାରାକୁ ପ୍ରତିହତ କରି ଚାଲିଛନ୍ତି ଆମ ଦେଶ ଆଉ ରାଜ୍ୟ। ଅନ୍ତର୍ଜାତୀୟ ମଦ ଶିଳ୍ପ ଗୁଡିକର ରିପୋର୍ଟ ଅନୁସାରେ ଅନ୍ୟ ସବୁଆଡ଼େ ମଦ୍ୟପାନ ହ୍ରାସ ପାଉଥିବା ବେଳେ ଭାରତର ମଦ ବଜାର ହିଁ ଶିଳ୍ପ ପାଇଁ ଅଭିବୃଦ୍ଧିର ସଂଚାଳକ ହୋଇ ବାହାରିଛି। ୨୦୨୧ ଓ ୨୦୧୨ ମଧ୍ୟରେ ବିଶ୍ୱ ମଦ ବିକ୍ରିରେ ଘଟିଥିବା ଅଭିବୃଦ୍ଧିର ଏକ ତୃତୀୟାଂଶ ଭାଗ କେବଳ ଭାରତରୁ ଆସିଛି। ସହରୀ ଯୁବବର୍ଗର ପାନକର୍ତ୍ତାଙ୍କର ସଂଖ୍ୟା ଉନ୍ନତ ଦେଶ ଗୁଡ଼ିକରେ ଦ୍ରୁତ ଗତିରେ କମୁଥିବା ବେଳେ ଭାରତ ବ୍ରାଜିଲ ଓ ମେକ୍ସିକୋଙ୍କୁ ସାଙ୍ଗରେ ଧରି ଧାରାଟିର ବିପରୀତମୁଖୀ ହୋଇ ଗତି କରି ଚାଲିଛି। ଭାରତରେ ମୁଣ୍ଡପିଛା ମଦ୍ୟପାନ ୨୦୦୩-୨୦୦୫ ମସିହାରେ ବାର୍ଷିକ ୧.୬ ଲିଟର ଥିବା ବେଳେ ୨୦୧୮ରେ ତାହା ୫.୫ ଲିଟରରେ ପହଞ୍ଚିଛି।

ଭାରତରେ ମଦ୍ୟପାନର ଏହି ଦର୍ଶନୀୟ ଅଭିବୃଦ୍ଧିକୁ ପରୋକ୍ଷ ଭାବରେ ଇଙ୍ଗିତ କରୁଛନ୍ତି ମଦ୍ୟପାନ ଜନିତ କ୍ରମବର୍ଦ୍ଧିଷ୍ଣୁ ସ୍ୱାସ୍ଥ୍ୟଗତ ଓ ସାମାଜିକ ସମସ୍ୟାମାନ। ମୃତ୍ୟୁବରଣ କରୁଥିବା ସମସ୍ତ ଭାରତୀୟଙ୍କ ଭିତରୁ ଶତକଡା ୩.୭ ଭାଗଙ୍କର ମୃତ୍ୟୁ ମଦ୍ୟପାନ ଜନିତ କାରଣରୁ ହୋଇଥାଏ । ସେମିତି ଶତକଡା ୩.୧ ଭାଗ ଅକ୍ଷମତାର କାରଣ ହୋଇଥାଏ ଏହି ମଦ୍ୟପାନ। ମୃତ୍ୟୁ ଓ ବିକଳାଙ୍ଗତା ଭଳି ଚିହ୍ନଟ କରି ହେଉଥିବା ଘଟଣା ଗୁଡ଼ିକ ଛାଡ଼ିଦେଲେ ମଦ୍ୟପାନର କେତେ କେତେ ପରିସଂଖ୍ୟାନ ବହିର୍ଭୂତ ସାମାଜିକ ଓ ସ୍ୱାସ୍ଥ୍ୟଗତ ବ୍ୟାଧି ଯେ ସମାଜର କ୍ଷତି କରି ଚାଲିଥାଏ, ତା'ର ହିସାବ ନାହିଁ। ଅନେକ ପାରିବାରିକ ହିଂସାର କାରଣ ହୋଇଥାଏ ନିୟନ୍ତ୍ରଣହୀନ ମଦ୍ୟପାନ। ଏସବୁ ପରୋକ୍ଷ ଭାବରେ ଅନ୍ୟାନ୍ୟ ଅନେକ ପ୍ରକାରର ଅପରାଧର ଉତ୍ସ ହୋଇଥାନ୍ତି। ତେଣୁ ଆଜି ଭାରତର ଅଧିକାଂଶ ରାଜ୍ୟରେ ଅପରାଧ ଓ ଅନ୍ୟାନ୍ୟ ସାମାଜିକ ବ୍ୟାଧି ଉପରମୁହାଁ।

ଓଡ଼ିଶାରେ ମଦ୍ୟପାନ ଜନିତ ପରିସ୍ଥିତି ସଙ୍କଟ ଆଡକୁ ଗତି କଲାଣି। ଆଜି ଓଡ଼ିଶାର ଗାଁ ଗଣ୍ଡାରେ ବିଭିନ୍ନ କିସମର ମଦ ସହଜରେ ଉପଲବ୍ଧ। ବିଭିନ୍ନ ସମୟରେ ନକଲି ମଦ ପ୍ରସ୍ତୁତ କରୁଥିବା କାରଖାନା ଗୁଡ଼ିକ ଉପରେ ଚଢ଼ାଉ ହୋଇଥାଏ, କିନ୍ତୁ ଏହାର ମୁଳୋତ୍ପାଟନ ସମ୍ଭବ ହୁଏନାହିଁ। ତେଣୁ ସମୟ ସମୟରେ ବିଷାକ୍ତ ପାନୀୟ ଜନିତ ମଦମୃତ୍ୟୁର ଘଟଣା ଘଟିଥାଏ। ଭାରତର ସବୁଠୁଁ ଦୁଃଖଦ ବେଲୁ ମଦମୃତ୍ୟୁ ଘଟଣା ୧୯୯୨ରେ କଟକଠାରେ ଘଟି ଯାଇଥିଲା। ଏହା ସରକାରୀ ବିଭାଗର ଚରମ ଉଦାସୀନତାର ଉଦାହରଣ ଥିଲା ଯାହା ଆଜି ମଧ୍ୟ ମୁଖ୍ୟତଃ ଅପରିବର୍ତ୍ତିତ ରହିଛି। ରାଜ୍ୟ ବିଧାନସଭାରେ ଏକ ପ୍ରଶ୍ନୋତ୍ତରରେ ଓଡ଼ିଶା ସରକାର ଯୋଗାଇଥିବା ତଥ୍ୟ ଅନୁଯାୟୀ ୨୦୧୮ ରୁ ୨୦୨୦ ମସିହା ଭିତରେ ନକଲି ମଦଜନିତ ମୃତ୍ୟୁ ୬ ରୁ ୧୮ ରେ ପହଞ୍ଚିଥିଲା, ଅର୍ଥାତ ତିନିଗୁଣ ବୃଦ୍ଧି!

ମଦ୍ୟପାନ ଯୋଗୁଁ ଓଡ଼ିଶାରେ ପାରିବାରିକ କ୍ଷେତ୍ରରେ ଉପୁଜୁଥିବା ବିଷମ ପରିସ୍ଥିତିକୁ ହୃଦୟଙ୍ଗମ କରିବା ପାଇଁ ଭୁବନେଶ୍ୱର ଓ ଅନ୍ୟାନ୍ୟ ସହର ଗୁଡିକରେ ଯେ କୌଣସି ଜଣେ ଘରୋଇ ସହାୟିକାର ଜୀବନକୁ ନିରେଖି ଦେଖିବା ହିଁ ଯଥେଷ୍ଟ ହେବ, କାରଣ ପ୍ରାୟ ସମସ୍ତ ସହାୟିକାଙ୍କ କ୍ଷେତ୍ରରେ ସେହି ସମାନ ଅବସ୍ଥା। ମହିଳା ଜଣକ ସକାଳୁ ସଞ୍ଜ ଅନ୍ୟ ଘରେ ଖଟି ଯାହା ଉପାର୍ଜନ କରୁଥିବ ସେଥିରେ ସେ ତା'ର କୁଟୁମ୍ବ ତ ଚଳାଇବ, ତା' ଛଡା ନିଜର ମଦ୍ୟପ ସ୍ୱାମୀଟିର ନିଶା ଜନିତ ଆବଶ୍ୟକତାକୁ ମଧ୍ୟ ତାକୁ ହିଁ ମେଣ୍ଟାଇବାକୁ ପଡିବ।

ଆମ ଦେଶ ଓ ସମାଜ କାହିଁକି ସମଗ୍ର ବିଶ୍ୱରେ ମଦ୍ୟପାନ ପ୍ରତି ଦେଖା ଦେଇଥିବା ବିତୃଷ୍ଣା ଓ ବିରାଗର ଏକ ବିରଳ ବ୍ୟତିକ୍ରମ ହୋଇ ରହି ଯାଇଛି? ଆମର ସରକାର, ବୁଦ୍ଧିଜୀବୀ, ସୁଶୀଳ ସମାଜ ଓ ଗଣମାଧ୍ୟମ ଏ ବିଷୟରେ ଧ୍ୟାନ ଦେବେ କି?

ମୋବାଇଲ: ୯୪୩୭୦୮୯୬୫୫




# ଓଡ଼ିଶା ବ୍ୟାଡମିଣ୍ଟନ: ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ



**ସନାତନ ପାଣି**

ଅଲିମ୍ପିକ୍ସରେ ପଦକଟିଏ ଜିତିବା ବିଶ୍ୱବ୍ୟାପୀ ସବୁ ଖେଳାଳିଙ୍କ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ। ଏସିଆ ମହାଦେଶର ଖେଳାଳିଙ୍କ ପାଇଁ ଅଲିମ୍ପିକ୍ସ ତଳକୁ ରହେ ଏସିଆଡ଼ ବା ଏସିଆନ ଗେମ୍ସ ପଦକ । ୧୯୫୧ରେ ଓଡିଶାରୁ ପ୍ରଥମ ଏସିଆଡ଼ ପଦକ ଜିତିବାର ଗୌରବ ଅର୍ଜନ କରିଥିଲେ ବଚନ ନାମରେ ପରିଚିତ ଫୁଟବଲ ଖେଳାଳି ମହମ୍ମଦ ଅବଦୁଲ ମାଜିଦ । ବ୍ୟକ୍ତିଗତ ଖେଳରେ ପ୍ରଥମ ପଦକ ଲାଭ କରିଥିଲେ ତତ୍କାଳୀନ ବ୍ୟାଡମିଣ୍ଟନ ତାରକା ସନତ ମିଶ୍ର ।

୧୯୮୬ ସିଓଲ ଏସୀୟ କ୍ରୀଡ଼ାରେ କାଂସ୍ୟ ବିଜୟୀ ହୋଇଥିବା ଭାରତୀୟ ଦଳର ସଦସ୍ୟ ଥିଲେ ନିଜ ସହର କଟକରେ ସୁନୁ ନାମରେ ପରିଚିତ ସନତ । କେବଳ ସେତିକ ନୁହେଁ, ଅଲ୍ ଇଂଲଣ୍ଡ ଏବଂ ଥମାସ କପ ବିଶ୍ୱ ଦଳଗତ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବା ସହିତ ୧୯୮୧ରୁ ୧୯୮୭ ମଧ୍ୟରେ ୩ଟି ଆନ୍ତର୍ଜାତିକ ଏବଂ ୧୦ଟି ଜାତୀୟ ପଦକ ହାସଲ କରିଥିଲେ ପ୍ରକାଶ ପାଦୁକୋନ ଓ ସୟଦ ମୋଦିଙ୍କ ସମସାମୟିକ ସନତ ।

ସନତ ମଧ୍ୟ ଜଣେ ଦକ୍ଷ କ୍ରିକେଟ ଖେଳାଳି ଥିଲେ ଏବଂ ରେଭେନ୍ସା ମହାବିଦ୍ୟାଳୟ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରିଥିଲେ । କିନ୍ତୁ ବ୍ୟାଡମିଣ୍ଟନରେ ଭବଷ୍ୟତ ଗଢ଼ିବା ପାଇଁ ସେ ନେଇଥିବା ଦୁଃସାହସିକ ନିଷ୍ପତ୍ତି ରାଜ୍ୟ ଏବଂ ଦେଶ ପାଇଁ ଅମୂଲ୍ୟ ସାବ୍ୟସ୍ତ ହୋଇଥିଲା । ଫିଟନେସ୍ ବା ବ୍ୟାୟାମ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ସନତ । ବ୍ୟାଡମିଣ୍ଟନ ଖେଳକୁ ନେଇ ଅଧିକାଂଶ ସମୟ ରାଜ୍ୟ ବାହାରେ କଟାଉଥିବା ଅମାୟିକ ସନତ କଟକ ଫେରିଲେ ବାରବାଟୀ ଷ୍ଟାଡିଅମ ଆସି ଖେଳ ସାଙ୍ଗମାନଙ୍କୁ ଭେଟୁଥିଲେ । ସେତେବେଳେ ସାଧାରଣ ସ୍କିପିଂ ଦଉଡ଼ିରେ ତାଙ୍କ ବ୍ୟାୟାମ କୌଶଳ ଦେଖି ବିସ୍ମିତ ହେଉଥିଲେ ସାଥି ଖେଳାଳି ।

ସନତଙ୍କୁ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବ୍ୟାଡମିଣ୍ଟନ ଖେଳାଳିରେ ପରିଣତ କରିବାରେ ପ୍ରମୁଖ ସହାୟତା ଯୋଗାଇଥିଲେ ତାଙ୍କ ପିତା କାଳୀପ୍ରସନ୍ନ ମିଶ୍ର, ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ତତ୍କାଳୀନ ସମ୍ପାଦକ ବିଭୁତି ଭୂଷଣ ମହାନ୍ତି ଏବଂ କଟକ କ୍ଲବ୍ । ଦୁର୍ଭାଗ୍ୟର ବିଷୟ ଯେ ୨୦୦୬ ଜୁନ ୧୭ ତାରିଖ ଦିନ ମାତ୍ର ୪୪ ବର୍ଷ ବୟସରେ ଆରପାରିକୁ ଚାଲିଗଲେ ଓଡ଼ିଶାର ଏହି ସର୍ବକାଳୀନ ଶ୍ରେଷ୍ଠ ବ୍ୟାଡମିଣ୍ଟନ ଖେଳାଳି । ଅଶୀ ଓ ନବେ ଦଶକରେ ଅନୁପମ ପାତ୍ର, ଶ୍ରୀହର୍ଷ ରାଉତରାୟ, ସଞ୍ଜୟ ମହାନ୍ତି, କମଲ ଦାସ, ସୌର୍ଯ୍ୟସୁନ୍ଦର ଦାସ, ବିଭାସ ପରିଡା ଓ ଗାୟତ୍ରୀ ମିଶ୍ର ପ୍ରମୁଖ ଖେଳାଳି ରାଜ୍ୟ ଚାମ୍ପିଅନ ହୋଇଥିଲେ ମଧ୍ୟ ଦୀର୍ଘ ୩୦ ବର୍ଷ ଭିତରେ ଓଡ଼ିଶାରୁ କେହି ଜାତୀୟ ପଦକ ଜିତିପାରି ନଥିଲେ ।

ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଭୋଗୁଥିବା ମେଡାଲ ମରୁଡ଼ିର ଅନ୍ତ ଘଟାଇ କଟକ ଝିଅ ରୂତାପର୍ଣ୍ଣା ପଣ୍ଡା ୨୦୧୭ ଆନ୍ତଃ-ରାଜ୍ୟ ଆନ୍ତଃ-ଜୋନ ଜାତୀୟ କନିଷ୍ଠ ଏବଂ ବରିଷ୍ଠ ପ୍ରତିଯୋଗିତାରେ ଜିତିଥିଲେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ । ରୂତାପର୍ଣ୍ଣାଙ୍କ ପଦାଙ୍କ ଅନୁସରଣ କରି ତାଙ୍କ ସାନ ଭଉଣୀ ଶ୍ୱେତାପର୍ଣ୍ଣା ୨୦୧୯ ଜାତୀୟ ଉପକନିଷ୍ଠ ପ୍ରତିଯୋଗିତାର ମିଶ୍ର ଯୁଗଳ ବିଭାଗରେ ଅର୍ଜନ କରିଥିଲେ ସ୍ୱର୍ଣ୍ଣ ପଦକ । ଜାତୀୟ ପଦକ ବ୍ୟତୀତ ଏହି ଦୁଇ ଭଉଣୀ ଏପର୍ଯ୍ୟନ୍ତ ଜାତୀୟ ଓ ଆନ୍ତର୍ଜାତିକ ରାଙ୍କିଙ୍ଗ ପ୍ରତିଯୋଗିତାରେ ଜିତି ସାରିଲେଣି ୩୦ରୁ ଅଧିକ ପଦକ । ଆସନ୍ତା ୨୫ରୁ ପ୍ୟାରିସ୍ ଠାରେ ଅନୁଷ୍ଠିତ ହେଉଥିବା ବିଶ୍ୱ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ମହିଳା ଯୁଗଳ ବିଭାଗରେ ଅଂଶଗ୍ରହଣ ପାଇଁ ଆମନ୍ତ୍ରିତ ହୋଇଛନ୍ତି ରୂତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ।

ଅର୍ଥାଭାବ ଏବଂ ନାନା ବାଧାବିଘ୍ନ ଯୋଗୁଁ ଦୁଇ ପଣ୍ଡା ଭଉଣୀଙ୍କୁ ଏତେବାଟ ଆସିବା ସହଜ ନଥିଲା। ବହୁ ସଂଘର୍ଷ ଏବଂ ତ୍ୟାଗ ସହିଥିଲେ ପିତା ରାମଚନ୍ଦ୍ର ଓ ମାତା ଧରିତ୍ରୀ । ପ୍ରଶିକ୍ଷକ ମନୋଜ ସାବତଙ୍କ ଅଧୀନରେ ଖେଳାଇବା ପାଇଁ ରୂତାପର୍ଣ୍ଣାକୁ ପ୍ରତିଦିନ ସ୍କୁଟର ଯୋଗେ କଟକରୁ ଭୁବନେଶ୍ୱର ନେବା ଆଣିବା କରୁଥିଲେ ରାମଚନ୍ଦ୍ର । ଋଣକରି କିଛି ବର୍ଷ ହାଇଦ୍ରାବାଦସ୍ଥିତ ପୁଲେଲା ଗୋପିଚାନ୍ଦ ଏକାଡେମୀରେ ରୂତାପର୍ଣ୍ଣାକୁ ପ୍ରଶିକ୍ଷିତ ମଧ୍ୟ କରାଇଥିଲେ । ବାହାରେ ପ୍ରଶିକ୍ଷଣ ନେବାର ଖର୍ଚ୍ଚ ସମ୍ଭାଳି ନ ପାରିବାରୁ ଏବେ କଟକ ନୂଆବଜାର ଅଂଚଳରେ ଗୋଟିଏ କୋର୍ଟ ବନାଇ ଦୁଇ ଝିଅଙ୍କୁ ନିଜେ ତାଲିମ ଦେଉଛନ୍ତି ରାମଚନ୍ଦ୍ର ।

ତେବେ ସନତ ମିଶ୍ରଙ୍କ ସ୍ଥାନ ପୁରଣ ପାଇଁ କେହି ଯଦି ସମ୍ଭାବନା ସୃଷ୍ଟି କରିଥାନ୍ତି ତେବେ ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ମାର୍କୋଣା ଅଂଚଳର ଝିଅ ତନଭି ପତ୍ରୀ। ଗତ ତିନି ବର୍ଷ ମଧ୍ୟରେ ଜାତୀୟ ଓ ଆନ୍ତଃରାଜ୍ୟ ଉପକନିଷ୍ଠ ଏବଂ କନିଷ୍ଠ ପ୍ରତିଯୋଗିତାରେ ପାଞ୍ଚଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ସହିତ ଚୀନର ଚେଙ୍ଗଡୁ ଠାରେ ଅନୁଷ୍ଠିତ ଏସୀୟ କନିଷ୍ଠ ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ବାଳିକା ଏକକରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ବେଙ୍ଗାଲୁରୁ ସ୍ଥିତ ପ୍ରକାଶ ପାଦୁକୋନ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଏହି ବିସ୍ମୟ ପ୍ରତିଭା।


ସନତ ମିଶ୍ର

କିନ୍ତୁ କଠିନ ଉପାଦାନରେ ଗଢ଼ା ହୋଇଥିଲେ ପତ୍ରୀ ପରିବାର । ପ୍ରତିବନ୍ଧକକୁ ସୁଯୋଗ ଭାବେ ଗ୍ରହଣକରି ପହଂଚିଥିଲେ ବେଙ୍ଗାଲୁରୁରେ । ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ଖେଳିବାର ଯୋଗ୍ୟତା ଅର୍ଜନ ପାଇଁ ତନଭିକୁ ଥରେ କାର୍ ଯୋଗେ ବେଙ୍ଗାଲୁରୁରୁ ବଲାଙ୍ଗୀର ଆଣି ରାଜ୍ୟ ପ୍ରତିଯୋଗିତାରେ ସାମିଲ କରାଇବାକୁ ପଡ଼ିଥିଲା ରବିନାରାୟଣଙ୍କୁ । ଏହାପରେ ଯାହା ଘଟିଲା ତାହା ସମସ୍ତଙ୍କୁ ଜଣା ।

ଓଡ଼ିଶାର ଅନ୍ୟ ବ୍ୟାଡମିଣ୍ଟନ ପ୍ରତିଭାମାନଙ୍କ ମଧ୍ୟରୁ ଆୟୁଷ ପଟ୍ଟନାୟକ, ଅବିନାଶ ମହାନ୍ତି, ପ୍ରଗତି ପରିଡ଼ା, ବିଶାଖା ଟପ୍ପୋ, ହର୍ଷିତା ରାଉତ ଓ ସୃତି ସ୍ୱାଇଁ ପ୍ରମୁଖ ହାସଲ କରିସାରିଲେଣି ଜାତୀୟ ଓ ଆନ୍ତର୍ଜାତିକ ରାଙ୍କିଙ୍ଗ ପ୍ରତିଯୋଗିତାରେ ପଦକ ଜିତିବାର କୃତିତ୍ୱ । କିନ୍ତୁ ମନେରଖିବାକୁ ହେବ ଯେ ଏ ସମସ୍ତ ଖେଳାଳିଙ୍କ କୃତିତ୍ୱ ମୁଖ୍ୟତଃ ସମ୍ପୃକ୍ତ ଖେଳାଳିଙ୍କ ଅକ୍ଳାନ୍ତ ପରିଶ୍ରମ, ଦୃଢ ମନୋବଳ ଏବଂ ସେମାନଙ୍କ ପରିବାରର ସଂଘର୍ଷ ଓ ତ୍ୟାଗ ଯୋଗୁ ସମ୍ଭବ ହୋଇଛି । ରାଜ୍ୟ ସରକାର ଓ ରାଜ୍ୟ ସଂଘ ପକ୍ଷରୁ ସାହାଯ୍ୟ ମିଳିନାହିଁ କହିଲେ ଭୁଲ ହେବ । କିନ୍ତୁ ସେଥିପାଇଁ ହେବାକୁ ପଡୁଛି ନାଲିଫିତାର ଶିକାର କିମ୍ବା ଦୟାର ପାତ୍ର ।

ଗତ କିଛି ବର୍ଷ ମଧ୍ୟରେ ରାଜ୍ୟ ବ୍ୟାଡମିଣ୍ଟନ ଦୃଷ୍ଟିପଟ ସୁସଜ୍ଜିତ ହୋଇଛି । ଆୟୋଜିତ ହୋଇଛି ଏକାଧିକ ଜାତୀୟ ଓ ଆନ୍ତର୍ଜାତିକ ପ୍ରତିଯୋଗିତା । କଟକରେ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିଅମ ପରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ନିର୍ମାଣ କରାଯାଇଛି ଡାଲମିଆ ଭାରତ ଗୋପିଚାନ୍ଦ ଓଡିଶା ବ୍ୟାଡମିଣ୍ଟନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର 'ସଟଲ' । ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଛି ୮୯ଟି ମିନି ଇଣ୍ଡୋର ଷ୍ଟାଡିଅମ । କିନ୍ତୁ ଏସବୁ ସତ୍ତ୍ୱେ କମିନାହିଁ ଖେଳାଳିଙ୍କ ଦୁର୍ଦ୍ଦଶା । ଅବହେଳା ଓ ଶୋଷଣର ବେଶୀ ଶିକାର ହେଉଛନ୍ତି ଉଦୀୟମାନ ପ୍ରତିଭା ।

ରାଜ୍ୟ ସରକାର ବ୍ୟାଡମିଣ୍ଟନକୁ ମନ୍ତ୍ରୀ ଓ ନେତାଙ୍କ ଭାବମୂର୍ତ୍ତି ବଢ଼ାଇବା ଏବଂ ରାଜ୍ୟ ସଂଘର


ତନଭି ପତ୍ରୀ

ମୁଖ୍ୟ ପଦାଧିକାରୀ ଏହାକୁ ନିଜର ପକେଟ ଗରମ ପାଇଁ ବ୍ୟବହାର କରୁଥିବା ଅଭିଯୋଗ ହେଉଛି । ଉଚ୍ଚ ମାନର ପ୍ରଶିକ୍ଷଣ ପାଇବା ପାଇଁ ଖେଳାଳିମାନଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡୁଛି । ଅନ୍ୟପଟେ ଅଂଶୀଦାରଙ୍କ ମଧ୍ୟରେ ପୁଞ୍ଜିନିବେଶ ଓ ଲାଭ ଆଦାୟ ନେଇ ହିସାବ ଛିଡୁ ନଥିବାରୁ ଉଦ୍‌ଘାଟନର ଆଠମାସ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନି ୭୫ କୋଟି ଟଙ୍କାରେ ନିର୍ମିତ 'ସଟଲ' ।

ସେହିପରି ରାଜ୍ୟ ସଂଘର ଏକଛତ୍ରବାଦୀ ଶାସନ ସୀମା ଟପିଗଲାଣି । ଜାଲ କାଗଜପତ୍ରରେ ଚାଲୁଛି ସଂଘ। ପଞ୍ଜିକରଣ, ଦସ୍ତାବିଜ ସାର୍ବଜନୀନ କରାଯାଉନାହିଁ । କେରଳର ଏକ ସଂସ୍ଥାର ବ୍ୟାଙ୍କ ଖାତାକୁ ବାଟମାରଣା ହେଉଛି ଖେଳାଳିଙ୍କ ଠାରୁ ରାଜ୍ୟ ସଂଘ ଦ୍ୱାରା ଅସୁଲ କରାଯାଉଥିବା ଲକ୍ଷ ଲକ୍ଷ ଟଙ୍କା । ଅର୍ଥ ଆଦାୟ ପାଇଁ ଦିଆଯାଉଛି କମିଶନ ପ୍ରସ୍ତାବ । ଜାତୀୟ ଓ ଆନ୍ତର୍ଜାତିକ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ଆଶାୟୀଙ୍କ ପଥରେ ସୃଷ୍ଟି କରାଯାଉଛି ଏକତରଫା ନିୟମର ପ୍ରତିବନ୍ଧକ । ପ୍ରତିବାଦ କଲେ ଗ୍ରହଣ କରାଯାଉଛି ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ । ସୃଷ୍ଟି କରାଯାଉଛି ଭୟର ବାତାବରଣ ।

ଅନ୍ୟାୟ, ଅନିୟମିତତା ଓ ଶୋଷଣରେ ଅତିଷ୍ଠ ହୋଇ ଶେଷରେ 'ଲଢ଼ିବୁ କିମ୍ବା ମରିବୁ' ରାସ୍ତାକୁ ଓହ୍ଲାଇଲେଣି ପୂର୍ବତନ ଖେଳାଳି ଓ ସକ୍ରିୟ ଖେଳାଳିଙ୍କ ପିତାମାତା । ରାଜ୍ୟ ସଂଘ ସମ୍ପାଦକ ନୀଲୀନ କୁମାରଙ୍କ ବିରୋଧରେ ଥାନାରେ ଅଭିଯୋଗ ପତ୍ର ଦାଖଲ ପରେ ମାମଲାର ତଦନ୍ତ ଆରମ୍ଭ କରିଛି ପୁଲିସ । ଆଶା କରାଯାଏ ରାଜ୍ୟରେ ବ୍ୟାଡମିଣ୍ଟନ ଖେଳର ଶାସନ ଓ ପରିଚାଳନା କ୍ଷେତ୍ରରେ ସଂସ୍କାର ପାଇଁ ତୀବ୍ର ହେଉଥିବା ବିପ୍ଲବ ଖେଳାଳିଙ୍କ ଦୁର୍ଦ୍ଦଶାର ଅନ୍ତ ଘଟାଇବ । ଏହା ମଧ୍ୟ ଅନ୍ୟ ଖେଳ ପାଇଁ ଉଦାହରଣ ହେବ ।

କଥାଟିଏ କହୁଁ-୫

# ଗଧ ଉପାଖ୍ୟାନ



ପ୍ରଶାନ୍ତ ନନ୍ଦ

ସେଇ 'ଦସ୍ୟୁ ରତ୍ନାକର' ସିନେମା କଥା... ଡାଇରେକ୍ଟର ପ୍ରଭାତ ମୁର୍ଖାଜୀ। ଏକଦମ୍ ୫୦ ପଣ ଇଂରେଜ ଆଉ ପଚାଶ ପଣ ବଙ୍ଗାଳୀ। ବହୁତ୍ ଡେଙ୍ଗା ଆଉ ବହୁତ୍ ସୁନ୍ଦର। ହେଲେ ପ୍ରଚଣ୍ଡ ବଦ୍‌ରାଗୀ। କାହିଁକି କେଜାଣି ମୁଁ ତାଙ୍କ କ୍ରୋଧର ଶିକାର ହୋଇ ନ ଥିଲି। ବରଂ ସେ ମତେ ଟିକେ ଭଲ ପାଉଥିଲେ। ତାଙ୍କର ଅଜବ ଢଙ୍ଗ। ଗୋଟେ ହାଫ୍ ପ୍ୟାଣ୍ଟ ଆଉ ଟି ସାର୍ଟ, ଆଣ୍ଠୁ ଯାଏଁ ମୋଜା ଆଉ ଜୋତା। ସାଙ୍ଗରେ ଦୁଇ ଜଣ ଛତା ଧରିବାକୁ, ଆଉ ଗୋଟିଏ ଛୋଟ ଟେବୁଲ୍ ସାଙ୍ଗକୁ ଦିଇଟା ବିଅର୍ ବୋତଲ, ଆଉ ଦିଇଟା ଗ୍ଲାସ୍। ଏ ସବୁ ଭିତରେ ପୁଣି କଲିକତାରୁ ଗୋଟେ ସୁନ୍ଦରୀ ଝିଅ ଆସିଥାଏ, ତା'କାନ୍ଧରେ ହାତ ରଖି ସୁଟିଂ ଜାଗାକୁ ଆସୁଥିଲେ। ସୁଟିଂ ଜାଗାରେ ପହଞ୍ଚିଲାକ୍ଷଣି, ସମସ୍ତେ ତାଙ୍କୁ ମୁଣ୍ଡିଆ ମାରୁଥିଲେ, ହେଲେ ସେ ଜମା କାହାରି ଆଡ଼କୁ ଦେଖୁ ବି ନଥିଲେ। ପ୍ରଥମେ ଦିଇଟା ଗ୍ଲାସ୍‌ରେ ବିଅର ଢ଼ଳା ହଉଥିଲା। ମୁଁ ଆଗରୁ ଏ ଫେଣଫେଣିଆ ପଣା କେବେ ଦେଖି ନଥିଲି। ପଚାରିଲି ଧୀରଭାଇକୁ "ଏଇଟା କୋଉ ପଣା"? ହସି ହସି ସିଏ କହିଲେ, "ଏଇଟା ବିଅର୍, ଗୋଲ୍ଡେନ୍ ଇଗଲ୍"। ସେ ଫେଣ ଦେଖି ମୋର ବି ଇଚ୍ଛା ହେଲା ଟିକେ ଚାଖିବାକୁ, ହେଲେ ଧୀର ଭାଇ କହିଲେ "ଜମା ନୁହଁ- ଯ୍ୟାକୁ ପିଇଲେ ନିଶା ହେଇଯିବ"। ମୁଁ ବୁଝିଥିଲି ଏଇଟା ଗୋଟେ ସିଆଡ଼ିକା ମଦ, ହେଲେ ମଦୁଆଙ୍କ ଉପରେ ଆମ କଟକିଆଙ୍କର ଜମା ଭଲ ଧାରଣା ନଥାଏ। ମୁଁ ଧୀରଭାଇଙ୍କୁ କହିଲି "ମଦ ଖାଇଲେ ତ ନିଶା ହୋଇଯିବ, ଆଉ ଫିଲିମ୍ ଡିରେକ୍ସନ ଦେବେ କେମିତି"? ଧୀର ଭାଇ କହିଲେ, "ଓଲଟା କଥା କହିଲ ତୁମେ, ସେ ଯ୍ୟାକୁ ନ ପିଇଲେ ଗୋଟେ ସଟ୍ ବି ନେଇ ପାରିବେନି। ଯେମିତି, ପେଟ୍ରୋଲ୍ ନ ହେଲେ ଗାଡ଼ି ଚାଲେନି, ସେମିତି ଯ୍ୟାକୁ ନ ପିଇଲେ ସେ ପାଦେ ବି ଚାଲି ପାରିବେନି।" ମନଟା ସ୍ଥିର ହେଇଗଲା ମୋର। ମୋ ଜୀବନର ପ୍ରଥମ ଫିଲିମ୍ ଡାଇରେକ୍ଟର ମଦୁଆ? ଏ କଥା ଶୁଣିଲେ ସ୍କୁଲ୍‌ରେ ସାଙ୍ଗ ସବୁ ଚିଡ଼େଇବେ ମତେ। ଏ କଥା ଭାବି ହଜମ କରିଦେଲି ଏ କଥାକୁ। କିଛି ସମୟ ପରେ ଧୀର ଭାଇଙ୍କୁ ପୁଣି ପଚାରିଲି "ଆଉ ଏ ଝିଅଟି କିଏ? ସେ କ'ଣ ଏ ଫିଲିମ୍‌ର ହିରୋଇନ୍"? ମୋ ପ୍ରଶ୍ନ ଶୁଣି ଧୀର ଭାଇ ହସି ହସି ବେଦମ୍ ହେଇଗଲେ। କହିଲେ, "ସବୁ ମଟର ଗାଡ଼ିର ଚାରିଟା ଚକା। ହେଲେ, ଆଉ ଗୋଟିଏ ଚକା ବି ରଖା ହୋଇଥାଏ, କେତେବେଳେ ଚାରିଟା ଚକାରୁ ଗୋଟାଏ ଚକା ଅଖଞ୍ଜ ହୋଇଗଲେ କାମରେ ଲାଗେ। ତା'କୁ କହନ୍ତି 'ଷ୍ଟେପିନ୍'। ଇୟେ ଝିଅ ହଉଚି ପ୍ରଭାତ ଦା'ଙ୍କ ଷ୍ଟେପିନ୍। ଛାଡ଼ ଆଉ ଏତେ ଘେଷେଇ ଘେଷେଇ ହେଇ କିଛି ମତେ ପଚାରନା, ମୋର ବହୁତ କାମ ଅଛି।" ମନ ଭିତରକୁ ଆସିଲା, ଆମ ଡାଇରେକ୍ଟର ଖାଲି ମଦୁଆ ନୁହେଁ ଚରିତ୍ରହୀନ ବି। ମନଟା ଦବିଗଲା। ଓଡ଼ିଆ ଫିଲିମ୍ ପାଇଁ ଡାଇରେକ୍ଟର ନାହାନ୍ତି ବୋଲି କଲିକତାରୁ ଖୋଜି ଆଣିଲେ ହବ, ହେଲେ ଖୋଜି ଖୋଜି ତାଙ୍କୁ ଗୋଟେ ମଦୁଆ, ଚରିତ୍ରହୀନ ଡାଇରେକ୍ଟର ମିଳିଲା!




ସେଦିନ ସୁଟିଂ ଥାଏ କଳିଙ୍ଗା ଘାଟିରେ। ଆସ୍କାରୁ ଭଞ୍ଜନଗର, ପୁଣି ଭଞ୍ଜନଗରରୁ କଳିଙ୍ଗା ଘାଟି। ପହଞ୍ଚିବାକୁ ପ୍ରାୟ ଦେଢ଼ଘଣ୍ଟା ଲାଗିଲା। ରାସ୍ତା ସାରା ଖାଲ ଢିପ। ଖୋଲା ଟ୍ରଲି ବାଲା ଜିପ୍‌ରେ ବସି ଗଲାବେଳକୁ ଭାରି କଷ୍ଟ ଲାଗୁଥାଏ। ପଦିଏ ଗୀତ ବାନ୍ଧି ଡ୍ରାଇଭରକୁ ଶୁଣେଇଲି-

"ଟିକେ ହାଉଲେ ହାଉଲେ ଚାଲ...
ଡ୍ରାଇଭର ଭାଇ.. ହାଉଲେ ହାଉଲେ ଚାଲ...
ଏ ରାସ୍ତା ସାରା ଖାଲ"।

ହୋ ହୋ ହେଇ ସେ ଗାଡ଼ିରେ ଯାଉଥିବା ଶରତ ପୂଜାରୀ ଆଉ ଅନ୍ୟମାନେ ହସି ହସି ବେଦମ୍ ହୋଇଗଲେ। ସେଇ କଳିଙ୍ଗା ଘାଟିରେ ଗୋଟେ ସିନ୍ ଥିଲା, ଯୋଉଥିରେ ଶରତ ପୂଜାରୀଙ୍କ (ଯିଏ ରତ୍ନାକର, ହିରୋ ଭୂମିକାରେ ପାର୍ଟ କରୁଥିଲେ), ଗୋଟେ ଗଧ



ପ୍ରଭାତ ମୁର୍ଖାଜୀ
୧୯୨୭-୧୯୯୭

ଉପରେ ଚଢ଼ି ଯିବାର ସୁଟିଂ ଥିଲା। ସବୁ ରେଡ଼ି ହୋଇ ବସିଥାଆନ୍ତି। କ୍ୟାମେରା ବି ରେଡ଼ି, ହେଲେ ସୁଟିଂ ଷ୍ଟାର୍ଟ ହଉନଥିଲା। ମୁଁ ପୁଣି ଥରେ ପଚାରିଲି ଧୀରଭାଇଙ୍କୁ "ସୁଟିଂ କାହିଁକି ହଉନି"? ଧୀର ଭାଇ କହିଲେ, "ଗଧ ଖୋଜିବାକୁ ଜଣେ ଯାଇଛି, ଏଇ ସାଙ୍ଗେ ସାଙ୍ଗେ ପହଞ୍ଚିଲା ପରେ ସୁଟିଂ ହବ।" ଗଛ ମୂଳେ ଆମେ ସବୁ ବସିଛୁ। ଗଧ ଆସିବ। ଧୀର ଭାଇଙ୍କର 'ହେଇ ଆସୁଛି', 'ଆସିଗଲା ବୋଧେ', ଏମିତି ରନିଂ କମେଣ୍ଟ୍ରୀ କରୁଥାଆନ୍ତି ଗାଡ଼ି ଭିତରେ ବସିଥିବା ପ୍ରଭାତ ମୁର୍ଖାଜୀଙ୍କୁ। ତାଙ୍କ ପିଲା ଦିଇଟା ଦି' ଦି' ଗ୍ଲାସ ବିଅର୍ ବୋତଲ ବଢ଼େଇ ଦଉଥାଏ ଗାଡ଼ି ଭିତରକୁ। ଆଉ ସେ ହଳକ ତାକୁ ଆରାମ୍‌ରେ ନେଇଯାଇ ପିଉ ଥାଆନ୍ତି। କଥାରେ ନାଇଁ, "ବାୟାର କି ଯାଏ? ବାଆ କଲେ, ବସା ଦୋହଲୁଥାଏ।"

ଏମିତି ଗଧ ଆସିବ ଆସିବ ହୋଇ ଦିଇଟା ବାଜିଗଲା। ଧୀର ଭାଇ କହିଲେ, "ଖାଇବା କାମଟା ଛିଣ୍ଡେଇଦେବା।" ଖିଆ ଖିଇ ଆରମ୍ଭ ହେଇ ଶେଷ ହେଲା। ସୂର୍ଯ୍ୟ କଳିଙ୍ଗା ଘାଟି ପାହାଡ଼ ସେ ପଟକୁ ଢଳି ଢଳି ପୁରା ପଶ୍ଚିମ ପଟକୁ ଢଳି ପଡ଼ିଲେ, ହେଲେ ଗଧର ଦେଖାନାହିଁ। ପ୍ରଭାତ ଦା' ଗାଡ଼ିରୁ ବାହାରି ବଡ଼ ପାଟିରେ କହିଲେ "ପ୍ୟାକ୍ ଅପ୍"। ତା'ପରେ ତାଙ୍କ ଗାଡ଼ିରେ ବସି ସେ ଫେରିଗଲେ ଆସ୍କାକୁ। ଆଉ ଆମେ ଧକଡ଼ ଚକଡ଼ ହେଇ ଆସ୍କାକୁ ଫେରିଲା ବେଳକୁ ଆସ୍କା ବଜାର ବନ୍ଦ ହେଇଗଲାଣି। ଶୀତ ଦିନ। ଶୀଘ୍ର ଶୀଘ୍ର ଖାଇ ଶୋଇପଡ଼ିଲୁ ଆମେ। ପୁଣି କାଲି ସକାଳ ଭୋର୍ ୫ଟାରୁ ଯିବାକୁ ପଡ଼ିବ। ଧୀର ଭାଇ କହୁଥାଆନ୍ତି, "ଆଜି ରାତି ସୁଦ୍ଧା ମୋ ଲୋକ ଗଧକୁ ଆଣି ସେଠି ପହଞ୍ଚି ଯାଇଥିବ।"

ପରଦିନ ସକାଳ ଆଠଟା ବେଳକୁ ପହଞ୍ଚିଗଲୁ କଳିଙ୍ଗା ଘାଟିରେ। ପ୍ରଭାତ ଦା' ଆସିଲେ ଦଶଟା ବେଳକୁ। ପଚାରିଲି "ଧୀର ଭାଇ କୋଉଠି?" ଖୋଜି ଖୋଜି ପହଞ୍ଚିଲି ତାଙ୍କ ପାଖେ। ସେଠି ଗଧ ଫଧ କିଛି ନାହିଁ। ଗୋଟେ ଖଚରକୁ ଘାସ ଖୁଆଉଥାଆନ୍ତି ସେ। ମୁଁ ପଚାରିଲି, "ଧୀର ଭାଇ, ତମେ ପରା କହୁଥିଲ ଗଧର ସୁଟିଂ ଅଛି? ଆଉ ଏ ଖଚରଟା କାହିଁକି ଆଣି ଆସିଲ?" ଧୀର ଭାଇ ପୁରା ଚିହିଙ୍କି ଉଠିଲେ ମୋ ଉପରେ। "ଚୁପ୍ କର, ଚୁପ୍ କର। ସମସ୍ତେ କୁହ ଏଇଟା ଗଧ। ଆମ ଓଡ଼ିଆରେ ଯ୍ୟାକୁ ଆମେ ଗଧ କହୁ। ବୁଝିଲ"? ମୁଁ ଅନେଇଥାଏ ବୋକା ଭଳିଆ ତାଙ୍କୁ। ଆମ ଓଡ଼ିଶାରେ ଗଧକୁ ତ ଗଧ କହନ୍ତି। କଟକ କ୍ୟାଣ୍ଟନମେଣ୍ଟରେ ଯାହାକୁ ପାରେ ସେତେ ଗଧ। ସେଠି ତ କେହି ଯ୍ୟା'କୁ ଖଚର କହନ୍ତି ନାହିଁ। ଏ କଥା କହିବାରୁ ସେ ପୁଣି ମତେ କହିଲେ, "ତମେ ଆମ ଏ ଡାଇରେକ୍ଟରଙ୍କୁ ଚିହ୍ନିନ। ବହୁତ ବଡ଼ ଡାଇରେକ୍ଟର ସିଏ। ଏ ଖଚରକୁ ସେ କ୍ୟାମେରା ଭିତରେ ଗଧ କରିଦେବେ। ଏକଦମ୍ ଅସଲି ଗଧ।" ହସ ମାଡ଼ିଲା ମତେ। ପ୍ରକୃତରେ ଏ ଡାଇରେକ୍ଟର ବଡ଼ ବିଚକ୍ଷଣିଆ ଡାଇରେକ୍ଟର। ଆମ୍ବ ଗଛରେ ପିଜୁଳି ଫଳଉଛନ୍ତି, ଖଚରକୁ ଗଧ କରି ଦେଉଛନ୍ତି, ବାପ୍‌ରେ ବାପ୍।

ଟିକେ ବୟସ ହେଲାଠୁଁ ଜାଣିଲି, ଫିଲିମ୍ କରିବାକୁ ଆମେ ଯୋଗ୍ୟ ମଣିଷ ଏଯାଏଁ ହେଇନୁ। କେବଳ ଗଧ ଅବସ୍ଥାରେ ହିଁ ଅଛୁ।

## ଆଇ ଆମ୍ ଡାଉନ୍, ବଟ୍ ନଟ୍ ଆଉଟ୍

ନାରାୟଣ, ନାରାୟଣ। ଗଲା ପାଞ୍ଚ ଛଅଦିନ ହେଲା ଖଣ୍ଡଗିରି ଅଞ୍ଚଳରେ ଇଂଲିଶ ଡାଇଲଗ୍ 'ଆଇ ଆମ୍ ଡାଉନ୍, ବଟ୍ ନଟ୍ ଆଉଟ୍' ଶୁଣି ଶୁଣି ଆମେ ବିସ୍ମିତ। ପ୍ରଥମେ ଭାବିଥିଲୁ, ଏଇଟି ବୋଧହୁଏ କୌଣସି ଅପେରାର ଲୋକପ୍ରିୟ ଡାଇଲଗ୍। ଖଣ୍ଡଗିରି ଅଞ୍ଚଳ ଅପେରା ପାଇଁ ପ୍ରସିଦ୍ଧ, ହୁଏତ କୋଉ ନାୟକ କି ଖଳନାୟକର ସଂଳାପ ଏଠି ଗୁଞ୍ଜରିତ ହେଉଥିବ। ପରେ ବୁଝିଲୁ, ଏଇଟା ଯାତ୍ରାପାର୍ଟି ହିରୋଙ୍କ ଡାଇଲଗ୍ ନୁହେଁ, ଏଇଟା ବିଜେଡି ପାର୍ଟି ହିରୋଙ୍କ ଡାଇଲଗ୍। ବିଜେଡିରେ ତ ଜଣେ ହିରୋ, ବାକୀ ସବୁ ଜିରୋ। ସେହି ହିରୋ ବାବୁ ପାଣ୍ଡିଆନ ଏ ଡାଇଲଗ୍ ଶୁଣାଇଛନ୍ତି। ଏହା ଭିତରେ ବାବୁ ନବୀନ ପଟ୍ଟନାୟକଙ୍କ ଦେହ ଖରାପ ହେଲା। ବୟସ ହେଲାଣି, ମଝିରେ ମଝିରେ ଦେହ ଖରାପ ହେବ। ତେବେ ତାଙ୍କୁ ସେଦିନ ମେଡିକାଲକୁ ନନେଇ ତା ପରଦିନ ନିଆଗଲା। ଏ ଅବହେଳା କଥା ଜାଣିବାରୁ ବିଜେଡି ନେତା ବାବୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା) ହସପିଟାଲକୁ ଯାଇ ସେଠାରେ ଉପସ୍ଥିତ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ୍‌ଙ୍କୁ ପଚାରିଲେ। ସେ ଏକଥାଟି ହୁଏତ ତାଙ୍କ ସ୍ୱାମୀଙ୍କୁ କହିଥିବେ। ସ୍ୱାମୀ ରାଗିଗଲେ। ତାଙ୍କର ରଣେନ୍ଦ୍ର ପ୍ରତାପଙ୍କ ଉପରେ ଆଗରୁ ରାଗ। ସିଏ ନିଜ ପତ୍ନୀ ସୁଜାତାଙ୍କୁ ବିଜେଡିର କାର୍ଯ୍ୟକାରୀ ସଭାପତି କରାଇ ନିଜେ ଅଦୃଶ୍ୟ ସଭାପତି ଭାବେ ରହିବାକୁ ଚାହୁଛନ୍ତି। ଏଇଟିକୁ ରାଜା ସ୍ୱାଇଁ ବିରୋଧ କରୁଛନ୍ତି। ଅନ୍ୟମାନେ ମଧ୍ୟ ତାଙ୍କ ସାଙ୍ଗରେ ଅଛନ୍ତି। ତଳକୁ ଆସି କୁଆଡ଼େ କହିଲେ, ମୁଁ ଚାହିଁଲେ ଅଧଘଣ୍ଟା ଭିତରେ ଦଳରୁ ବାହାର କରିଦେବି। ଆଉ କିଏ କହୁଛି, ସିଏ କୁଆଡ଼େ କହିଥିଲେ ଯେ ବାଡ଼େଇ ବାଡ଼େଇ ବାହାର କରିଦେବି। ତାପରେ ଯୋଡ଼ିଲେ ଏହି ଐତିହାସିକ ଡାଇଲଗ୍- ଆଇ ଆମ୍ ଡାଉନ୍, ନଟ୍ ଆଉଟ୍। ଏବେ ଏହି କଥାକୁ ନେଇ ବିଜେଡି ପାର୍ଟି ଉଠୁଛି ପଡୁଛି। ବାବୁ ନବୀନଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗ ଅପେକ୍ଷା ବିଜେଡିର ସ୍ୱାସ୍ଥ୍ୟ ପ୍ରସଙ୍ଗ ବର୍ତ୍ତମାନ ବେଶି ଚର୍ଚ୍ଚାରେ। ବାବୁ ନବୀନଙ୍କ ପାଖକୁ ସେଇ ଦଂପତିଙ୍କ ଛଡ଼ା ଆଉ କାହାର ଯିବାର ଉପାୟ ନାହିଁ। ବାପା ବିଜୁବାବୁଙ୍କର ସବୁଥାଇ ମଧ୍ୟ ସେ ଶେଷବେଳକୁ ପରଘରେ ବା ଅନ୍ୟ ଜଣେ ନେତାଙ୍କ ଘରେ ଶେଷ ନିଃଶ୍ୱାସ ନେଇଥିଲେ। ବାବୁ ନବୀନଙ୍କ ଶେଷ ଜୀବନରେ ତାଙ୍କ ଯତ୍ନ ନେବାକୁ ନିଜର କେହି ନାହିଁ। ସେ ତ ସଂସାର କରିନାହାନ୍ତି, ତେଣୁ ଏହି ପାଣ୍ଡିଆନ ଏବଂ ତାଙ୍କ ପତ୍ନୀ ତାଙ୍କୁ ନିଜ ଦଖଲକୁ ନେଇ ଯାଇଛନ୍ତି। ସେ ଯାହାହେଉ, ଆସନ୍ତା ଖଣ୍ଡଗିରି ମେଳା ପାଇଁ ଯୋଉ ନାଟ୍ୟକାରମାନେ ନାଟକ ଲେଖିବେ, ତାଙ୍କ ପାଇଁ ଗୋଟେ ବଢ଼ିଆ ଟାଇଟଲ୍ ମିଳିଗଲା- ଆଇ ଆମ୍ ଡାଉନ୍, ବଟ୍ ନଟ୍ ଆଉଟ୍।



## ଦୁଇଫାଳ ବିଜେଡି

କ୍ଷମତା ହେଉଛି ସିମେଣ୍ଟ। ତାହା ସନ୍ତୁଷ୍ଟ ଅସନ୍ତୁଷ୍ଟ ସମସ୍ତଙ୍କୁ ଏକାଠି ଧରି ରଖିଥାଏ। ଥରେ କ୍ଷମତା ପଳେଇଲେ ତାହା ଇଟା ହେଉ କି ପଥର କାନ୍ଥ ହେଉ, ସେଇଟି ଧସିବାକୁ ଆରମ୍ଭ କରେ। ବିଜୁ ଜନତା ଦଳରେ ଏବେ ସେଇଆ ହୋଇଛି। ହାତରୁ କ୍ଷମତା ଚାଲିଯିବା ପରେ ନେତାମାନେ ଅସ୍ୱସ୍ତି ଓ ଅନିଶ୍ଚିତତା ଭିତରେ ଗତି କରୁଛନ୍ତି। ଏମିତିରେ ଦଳ ଭିତରେ ଦୁଇ ଗୋଷ୍ଠୀ - ଗୋଟିଏ ବିଜୁ ଲିଗାସି ଆଉ ଗୋଟିଏ ପାଣ୍ଡିଆନ ଲିଗାସି। ଏହି ଦୁଇ ଦଳ ଭିତରେ ମନ ଫଟାଫଟି। ତାହାର ଏକ ଚିତ୍ର ଗତ ୭ ଅଗଷ୍ଟର ପୁରୀ ବନ୍ଦ ବେଳେ ଦେଖିବାକୁ ମିଳିଲା। ବଳଙ୍ଗା ପୀଡ଼ିତାଙ୍କ ପ୍ରତି ସମର୍ଥନ ଜଣାଇ ବିଜେଡି ଛଅଘଣ୍ଟିଆ ପୁରୀ ବନ୍ଦ ଡାକରା ଦେଇଥିଲା। ବିଜେଡି ବାଲାଏ ବନ୍ଦ ପାଳନ କଲେ। ମାତ୍ର ପୁରୀ ସହରରେ ଦୁଇ ଗୋଷ୍ଠୀ ଅଲଗା ଅଲଗା ବନ୍ଦ ପାଳନ କଲେ। ଗୋଟିଏ ଗୋଷ୍ଠୀ ବିଜୁ ଲିଗାସିର ନେତା ବାବୁ ମହେଶ୍ୱର ମହାନ୍ତିଙ୍କ ପୁତ୍ର ତଥା ବିଧାୟକ ସୁନୀଲ ମହାନ୍ତି, ଆରଟିର ନେତା ହେଲେ ପାଣ୍ଡିଆନ ଲିଗାସିର, ରାଜ୍ୟ ସଭା ସାଂସଦ ବାବୁ ଶୁଭାଶିଷ, ଶ୍ରଦ୍ଧା ନାମ ଲକି ଖୁଣ୍ଟିଆ। ଏ ଦୃଶ୍ୟ ଦେଖି ପୁରୀବାସୀଏ ବିସ୍ମିତ। ବନ୍ଦ ଡାକରା ତ ଦିଆଯାଇଥିଲା ରାଜ୍ୟର ପଦ୍ମଦଳିଆ ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଲାଗି, ମାତ୍ର ବାସ୍ତବରେ ଏହା ବିଜେଡିରେ ଥିବା ଦୁଇ ଦଳର ପରସ୍ପର ପ୍ରତି ଥିବା ଉଗ୍ର ବିରୋଧର ପ୍ରଦର୍ଶନ କରିଥିଲା। କେବଳ ପୁରୀ ନୁହେଁ, ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଏଇ ଧରଣର ଚିତ୍ର ଦେଖିବାକୁ ମିଳୁଅଛି। ଏହାକୁ ସମ୍ଭାଳି ପାରନ୍ତା କ୍ଷମତା, ମାତ୍ର ତାହା ତ ବହୁ ଦୂରରେ।

## ମନମୋହନଙ୍କ ହସ

ବିଖ୍ୟାତ ଲେଖକ ସୁରେନ୍ଦ୍ର ମହାନ୍ତିଙ୍କର ଗୋଟିଏ ପ୍ରସିଦ୍ଧ ଗଳ୍ପ ଅଛି- ଶ୍ରୀକୃଷ୍ଣଙ୍କ ଶେଷ ହସ। ସେ ଗପଟି ଅନେକେ ପଢ଼ିଥିବେ। ସେ ଗପର ପ୍ରତିପାଦ୍ୟ ବିଷୟ ହେଲା ଶ୍ରୀକୃଷ୍ଣଙ୍କ ହସର ମାୟା ବୁଝିବା କଠିନ। ବର୍ତ୍ତମାନ ପଦ୍ମଦଳର ସଭାପତି ବାବୁ ମନମୋହନ ସାମଲଙ୍କ ହସ ପ୍ରସଙ୍ଗକୁ ଆସିବା। ବାବୁଙ୍କର ସ୍ୱଭାବ ହେଲା ସର୍ବଦା ହସ ହସ ମୁହଁ,କାହାକୁ କିଛି ମନା କରିବେ ନ । ହିଁ । ଯିଏ ଯୋଉ ସମସ୍ୟା ନେଇ ଗଲା, ବାବୁ କହିଲେ- ହେଉ, ଆମେ ବୁଝିବା। ଏବେ ନିଗମ, ବୋର୍ଡ ଇତ୍ୟାଦିର ଅଧ୍ୟକ୍ଷ ମୁଆଁ ବଣ୍ଟାହେବ ବୋଲି ଶୁଣାଯାଉଛି। ଅବଶ୍ୟ ଏ କଥାଟି ଗଲା ବର୍ଷେ ହେଲା ଶୁଣାହୋଇ ଆସୁଛି। ମାତ୍ର ପ୍ରତିଦିନ କିଛି ନା କିଛି କାରଣ ଲାଗି ତାହା ଗଡ଼ିଯାଉଛି। କେବେ ରାଜ୍ୟର ସଭାପତି ନିର୍ବାଚନ ପାଇଁ, କେବେ କେନ୍ଦ୍ରର ସଭାପତି ନିର୍ବାଚନ ପାଇଁ, କେବେ ରଥଯାତ୍ରା ପାଇଁ, କେବେ ଫକୀରମୋହନ କଲେଜ ଆତ୍ମାହୁତି ପାଇଁ ଇତ୍ୟାଦି ଇତ୍ୟାଦି। ତେବେ ଆଶାୟୀମାନେ ଆଶା ନଛାଡ଼ି ବାବୁ ମନମୋହନଙ୍କ ପାଖରେ ଭିଡ଼ ଜମାଉଛନ୍ତି। ଗୋଟିଏ ପ୍ରଶ୍ନ- କେବେ ମୁଆଁ ବଣ୍ଟାହେବ? ବାବୁ ମନମୋହନ ଭଦ୍ରକୀ ଭଦ୍ରଲୋକ। ସିଏ ଯାହା ତାରିଖ ଦେଲେ ବି ତାହା ଭୁଲ୍ ହେବ। କାରଣ ସିଏ ତ ଏକାକୀ ସବୁ ନିଷ୍ପତ୍ତି ନେବେ ନାହିଁ, ସେପଟେ ମୁଖ୍ୟମନ୍ତ୍ରୀ ଅଛନ୍ତି। ଏଭଳି ବାବୁମାନେ ନିଯୁକ୍ତ ହେବା ଦରକାର ଯୋଉମାନେ ସରକାରର ସଫଳତା ପ୍ରଚାର କରିବା ସହ ଆଗାମୀ ଦିନରେ ପଦ୍ମଦଳକୁ ଜନ ସମର୍ଥନ ଲାଭ କରିବାରେ ସହାୟକ ହେବେ। ଯୋଉ ବିନ୍ଦୁରେ ମୋହନ-ମନମୋହନ ଏକମତ ହୋଇପାରୁ ନାହାନ୍ତି ସେଇଠି କେନ୍ଦ୍ରିୟ ନେତାଙ୍କ ମତାମତ ଲୋଡ଼ାଯିବା ଦରକାର ବୋଲି ବାବୁ କହୁଛନ୍ତି। ତେଣୁ ମନମୋହନଙ୍କ ଦିଲ୍ଲୀ ଗସ୍ତ କଥା ଶୁଣିବାକ୍ଷଣି ଆଶାୟୀମାନେ ଉତ୍ସୁକ ହୋଇପଡୁଛନ୍ତି। ଏହାଭିତରେ ବାବୁ ବାରମ୍ବାର ଦିଲ୍ଲୀ ଯାଉଛନ୍ତି, ନେତାଙ୍କୁ ଭେଟୁଛନ୍ତି ଏବଂ ପୁଣି ଫେରୁଛନ୍ତି। ବିମାନ ବନ୍ଦରରେ ସାମ୍ବାଦିକ ଓ ଦଳୀୟ ଅଫିସରେ କର୍ମୀଏ ପଚାରୁଛନ୍ତି- କଣ ହେଲା? ଉତ୍ତରରେ ମନମୋହନଙ୍କ ଓଠରୁ ଫିଟି ଆସୁଛି କେରାଏ ରହସ୍ୟମୟ ହସ କେବଳ।



## ଆଶାୟୀ ଭଦ୍ରକ

ନିକଟରେ ମହାମହିମ ରାଜ୍ୟପାଳ ଦୁଇଦିନିଆ ଭଦ୍ରକ ଗସ୍ତରେ ଯାଇଥିଲେ। ସେ ଫେରିଆସିବା ପରେ ଭଦ୍ରକବାସୀ ପୁଣି ଥରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରସଙ୍ଗ ନେଇ ଆଶାନ୍ୱିତ ହୋଇପଡ଼ିଛନ୍ତି। ଭଦ୍ରକ ଜିଲ୍ଲାରୁ ଅତୀତରେ ଦୁଇ ଦୁଇ ଜଣ ବଡ଼ ନେତା ମୁଖ୍ୟମନ୍ତ୍ରୀ ହୋଇ ସାରିଛନ୍ତି। ଜଣେ ହେଲେ ବିଖ୍ୟାତ ହରେକୃଷ୍ଣ ମହତାବ ଏବଂ ଆରଜଣକ ତସ୍ୟ ଶିଷ୍ୟ ବାବୁ ନୀଳମଣି ରାଉତରାୟ। ମାତ୍ର ଭଦ୍ରକ ଜିଲ୍ଲା ଓଡ଼ିଶାର ଅନ୍ୟତମ ଅବହେଳିତ, ପଛୁଆ ଜିଲ୍ଲା। ଧାମରା ବନ୍ଦର ନ ହେବା ପର୍ଯ୍ୟନ୍ତ ଏହି ଜିଲ୍ଲାରେ କିଛି ବଡ଼ କଳକାରଖାନା କି ବାଣିଜ୍ୟ ପ୍ରତିଷ୍ଠାନଟିଏ ନଥିଲା। ଏଭଳି ସ୍ଥଳେ ଭଦ୍ରକବାସୀ ନିରାଶ ହେବା ସ୍ୱାଭାବିକ। ମାତ୍ର ପଦ୍ମଦଳ ଅମଳରେ ଏହି ଜିଲ୍ଲାର ଭାଗ୍ୟରବି ଉଦୟ ହେବେ ବୋଲି ସେମାନେ ଆଶାୟୀ। ଯୋଗକୁ ଭଦ୍ରକର ଏକମାତ୍ର ମନ୍ତ୍ରୀଙ୍କ ନାମ ରବିର ପ୍ରତିଶବ୍ଦ ସୂରଜ। ତାଙ୍କ ଉପରକୁ ଦଳର ରାଜ୍ୟ ସଭାପତି ମଧ୍ୟ ଏହି ଜିଲ୍ଲାର। ସେ ଜୋର୍‌ରେ ଦାବି କାଲେ ସରକାର ତାଙ୍କ କଥା ନିଶ୍ଚୟ ଶୁଣିବେ। ଏଭଳି ପରିସ୍ଥିତିରେ ମାନ୍ୟବର ରାଜ୍ୟପାଳ ଯାଇ ସାଧାରଣ ସଭାରେ ଯୋଗଦେଇ ଫେରିବା ଶୁଭ ସମ୍ବାଦ। ଶୁଣୁଛୁ, ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିବା ସହିତ ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରାଯିବ। ପୂର୍ବରୁ ମଧ୍ୟ ଏ ନେଇ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂଚନା ଦେଇଥିଲେ। ଏବେ ତାହା ତ୍ୱରାନ୍ୱିତ ହେବା ସମୟର ଆହ୍ୱାନ।

## ଶିକ୍ଷାମନ୍ତ୍ରୀଙ୍କ ଶାଣିତ ବାକ୍ୟ

ଯୋଉମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଭାଷଣକୁ ନିୟମିତ ଭାବେ ଲକ୍ଷ୍ୟ କରୁଥିବେ ସେମାନେ ଅନୁଭବ କରୁଥିବେ ଯେ ଗତ ଏଗାର ବର୍ଷ ଭିତରେ ତାଙ୍କ ଭାଷଣ ଶୈଳୀରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ନିକଟରେ ଗୋଟିଏ ସଭାରେ ସେ ଦେଇଥିବା ଭାଷଣ ଶୁଣି ଆମର ଜଣେ ଭକ୍ତ ଆମକୁ ଏକଥା କହିଲେ। ଆଗରୁ ଆମର ଯେତିକି ସରକାରୀ ଦିବସ ବା ଉତ୍ସବ ଥିଲା ମୋଦୀ ସରକାର ତହିଁରେ ଆଉ କେତୋଟି ଯୋଡ଼ିଛନ୍ତି। ଗୋଟେ ହେଲା ସମ୍ବିଧାନ ହତ୍ୟା ଦିବସ। ଏହା ଗଲା ୨୫ ଜୁନ୍‌ରେ, ୧୯୭୫ର ଜରୁରୀକାଳୀନ ପରିସ୍ଥିତି ଦିବସର ୫୦ ବର୍ଷ ପୂରଣ ଦିନ ପାଳିତ ହୋଇଗଲା। ଆଉଗୋଟେ ହେଲା ବିଭାଜନ ବିଭୀଷିକା ଦିବସ, ଯାହା ଅଗଷ୍ଟ ୧୫ର ଠିକ୍ ପୂର୍ବଦିନ ଅର୍ଥାତ ୧୪ ଅଗଷ୍ଟରେ ପାଳିତ ହେଲା। ଏ ବର୍ଷ ରାଜଭବନରେ ପାଳିତ ହୋଇଥିଲା ଏହି ବିଭାଜନ ବିଭୀଷିକା ଦିବସ। ରାଜ୍ୟପାଳଙ୍କ କମିଶନର ରୂପା ରୋଷନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ସଂସ୍କୃତି ମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ସେଇଠି ମୁଖ୍ୟମନ୍ତ୍ରୀ ଯେଉଁ ଭାଷଣ ଦେଲେ ତହିଁଲେ ଥିଲା ନିରୋଳା ଆବେଗ। ସେ ଜଣେ ସମ୍ବେଦନଶୀଳ ରାଜନେତା- ଏକଥା ତାଙ୍କ ଭାଷଣରୁ ଜଣା ପଡ଼ିଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଭାଷଣରେ ଥିଲା ଯୁକ୍ତି। ମନ୍ତ୍ରୀ ପ୍ରଧାନ କହିଲେ, ୧୫ ଅଗଷ୍ଟକୁ ସ୍ଥାୟୀ କରିବା ପାଇଁ ହେଲେ ୧୪ ଅଗଷ୍ଟକୁ ଆମେ ସର୍ବଦା ସ୍ମୃତିରେ ରଖିବା ଆବଶ୍ୟକ। ବାବୁଙ୍କ ବକ୍ତବ୍ୟ ଯେମିତି ଶାଣିତ ଥିଲା, ଇସାରା ବି ସ୍ପଷ୍ଟ। କେନ୍ଦ୍ର ସରକାର ବର୍ତ୍ତମାନ ଭାରତର ବିଭାଜନ ଲାଗି ତିନିଜଣଙ୍କୁ ଦାୟୀ କରିଛନ୍ତି- ଜିନ୍ନା, ନେହରୁ ଏବଂ ମାଉଣ୍ଟବ୍ୟାଟେନ। ଜିନ୍ନାଙ୍କ କଥା ପାକିସ୍ତାନ ବୁଝିବ, ମାଉଣ୍ଟବ୍ୟାଟେନଙ୍କ କଥା ଇଂଲଣ୍ଡ। ମାତ୍ର ନେହରୁଙ୍କ ଭୂମିକାକୁ ମନେପକାଇ କେନ୍ଦ୍ର ସରକାର କଂଗ୍ରେସ ଦଳକୁ ଦବେଇ ରଖିବାକୁ ଚାହେଁ। ଆମର ମନେହୁଏ କଂଗ୍ରେସ ଦମନ କାର୍ଯ୍ୟରେ ମୋଦୀ ସରକାର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଫୁଲ ଦମ୍‌ରେ ଲଗେଇ ଦେଇଛନ୍ତି। ନାରାୟଣ, ନାରାୟଣ।



## ନେତାଙ୍କ ପୋଷାକ

ପଦ୍ମଦଳ ସରକାରର ମୁଖ୍ୟ ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ମୋଦୀ ଜ୍ୟାକେଟ୍‌ର ଜଣେ ପ୍ରଶଂସକ। ଭଳିକି ଭଳି ରଂଗର ଜ୍ୟାକେଟ ପିନ୍ଧି ସେ ସାଧାରଣ ସଭାରେ ଯୋଗ ଦେଇଥାଆନ୍ତି। ତାଙ୍କର ପ୍ରିୟ ରଂଗ ନୀଳ। ସେ ପ୍ରାୟତଃ ଏକରଂଗୀ ଜ୍ୟାକେଟ୍ ପିନ୍ଧିଥାଆନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ବାବୁ ମୁକେଶ ମହାଲିଙ୍ଗ ମଧ୍ୟ ଜ୍ୟାକେଟ୍ ପିନ୍ଧନ୍ତି, ମାତ୍ର ତାଙ୍କ ଜ୍ୟାକେଟ୍ ଅଧିକ ଚିତ୍ରିତ, ବର୍ଣିଳ। ମନ୍ତ୍ରୀ ମହୋଦୟ ନିଶ୍ଚୟ ନୃତ୍ୟ ଗୀତର ଜଣେ ପ୍ରଶଂସକ ହୋଇଥିବେ। ଉପମୁଖ୍ୟମନ୍ତ୍ରୀ ବାବୁ କନକବର୍ଦ୍ଧନ ସିଂହଦେଓଙ୍କୁ ଆଗରୁ ଅନେକ ସମୟରେ ଆମେ ଟି-ସାର୍ଟ ଓ ପ୍ୟାଣ୍ଟରେ ଦେଖୁଥିଲୁ। ବାବୁ ଜଣେ ଖେଳପ୍ରିୟ ରାଜନେତା। ତେବେ ଉପମୁଖ୍ୟମନ୍ତ୍ରୀ ହେବା ପରଠାରୁ ସେ ସର୍ବଦା ପଂଜାବୀ ପିନ୍ଧୁଛନ୍ତି, ହଳଦିଆ ରଂଗ ତାଙ୍କର ବେଶି ପସନ୍ଦ। ତାଙ୍କୁ ଛାଡ଼ିଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜଣେ ଅତ୍ୟନ୍ତ ଗମ୍ଭୀର ସ୍ୱଭାବର ନେତା। ସେ ବର୍ଷକରେ ହୁଏତ ଥରେ କି ଦି ଥର ହସୁଥିବେ। ନହେଲେ ଗୌତମ ବୁଦ୍ଧଙ୍କ ମୂର୍ତ୍ତି ପରି ତାଙ୍କ ମୁହଁ ସବୁବେଳେ ଗମ୍ଭୀର। ସେ ଉଭୟ ବୁଶ୍ ସାର୍ଟ ଓ ସମ୍ବଲପୁରୀ ପଂଜାବୀ ପିନ୍ଧୁଛନ୍ତି। ମନ୍ତ୍ରୀଙ୍କ ସର୍ବକନିଷ୍ଠ ମନ୍ତ୍ରୀ ହେଲେ- ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ମନ୍ତ୍ରୀ ହେବା ଦିନରୁ ତାଙ୍କୁ ପ୍ରାୟ ଗୋଟିଏ ପ୍ରକାର ପୋଷାକରେ ଦେଖି ଆସୁଛୁ। ଧଳା ସାର୍ଟ ଓ କଳା କି ନୀଳ ରଂଗର ପ୍ୟାଣ୍ଟ। ସାଧାରଣ ପୋଷାକ। ସେ ସାର୍ଟ ଇନ୍ କରନ୍ତି ନାହିଁ, ହାତକୁ ଟିକେ ଟେକି ଦେଇଥାଆନ୍ତି। ଏହାଛଡ଼ା ତାଙ୍କ ପୋଷାକର ଆଉ ଗୋଟେ ଉଲ୍ଲେଖନୀୟ ଅଂଶ ଚପଲ। ସେ ପ୍ରାୟ ଜୋତା ପିନ୍ଧନ୍ତି ନାହିଁ। ଏହାର କାରଣ କଣ? ଜଣେ କହିଲେ ବାବୁଙ୍କୁ ତ ରବୀନ୍ଦ୍ର ମଣ୍ଡପ, ଭଂଜକଳା ମଣ୍ଡପ ଓ ଜୟଦେବ ଭବନରେ ଦୀପଜାଳିବା ଆଉ ଜଗନ୍ନାଥଙ୍କ ମୂର୍ତ୍ତିରେ ଫୁଲ ଦେବାକୁ ଫୁରୁସତ ନାହିଁ, ଜୋତା ପିନ୍ଧନ୍ତେ କେତେବେଳେ? କେତେଥର ଖୋଲିବେ, କେତେଥର ପିନ୍ଧିବେ? ତେଣୁ ଚପଲ ଭଲ। ଖୋଲିବା ସହଜ, ପିନ୍ଧିବା ସୁବିଧା। ଆଉ ଜଣେ ରାଜଧାନୀ ନେତା ହେଲେ ବାବୁ ସିଂହ। ତାଙ୍କୁ ମଧ୍ୟ ଗୋଟିଏ ରଂଗ, ନାଲି ମିଶା ଗେରୁଆ ରଂଗରେ ଆମେ ବରାବର ଦେଖି ଆସୁଛୁ। ତାଙ୍କ ଜାମାର ଢଙ୍ଗ ଟିକେ ଅଲଗା, ତାହା ଆଦୌ ଲମ୍ବା ନୁହେଁ। ତାଙ୍କ ଜାମାର ସାଇଜ ଦେଖି 'ଗୋଲ୍‌ମାଲ୍' ସିନେମାର ଅମୋଲ ପାଲେକରଙ୍କ ଛୋଟ ପଂଜାବୀ କଥା ମନେପଡୁଛି। ସେ ଚରିତ୍ର ଭାବୁଥିଲେ, ପ୍ରତ୍ୟେକ ଲୋକ ଦୁଇ ଇଂଚ ଛୋଟ ପୋଷାକ ପିନ୍ଧିଲେ ଭାରତର ବସ୍ତ୍ର ସମସ୍ୟା ଅନେକଟା ଲାଘବ ହେଇଯିବ। ବାବୁ ସିଂହ ସର୍ବଦା ଗଳାରେ ଉତ୍ତରୀୟ ପକାଇ ଥାଆନ୍ତି।



Printed, published and edited by Soumya Ranjan Patnaik, At Plot No. 185, VIP Area, Nayapalli, IRC Village, Bhubaneswar, Dist- Khurda, PIN-751015
Printed at Eastern Media Limited, B/27, Industrial Estate, Rasulgarh, Bhubaneswar, Dist- Khurda, PIN-751010
ସଂପାଦକ: ସୌମ୍ୟ ରଂଜନ ପଟ୍ଟନାୟକ
*Editor: Soumya Ranjan Patnaik*